ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ରବିବାର ୨୫ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 FEBRUARY 2024

Vol.No. 35 ■ No.55 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ଜୁଲାଇ ପହିଲାରୁ ଲାଗୁ ହେବ ୩ ନୂଆ ଫୌଜଦାରୀ ଆଇନ



ନୂଆଦିଲ୍ଲୀ, ୨୪/୨ : ଭାରତୀୟ ଆଇନ ପ୍ରକ୍ରିୟାରେ ୩ଟି ନୂଆ ଫୌଜଦାରୀ ଆଇନ ଲାଗୁ ହେବାକୁ ଯାଉଛି। ଏହି ତିନୋଟି ନୂଆ ଅପରାଧିକ ନିୟମ ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ। ଏନେଇ ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ଏହି ତିନି ଅପରାଧିକ ନିୟମ ହେଉଛି, ଭାରତ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ। ବ୍ରିଟିଶ କାଳରୁ ଚାଲି ଆସିଥିବା ଇଣ୍ଡିଆନ ପେନାଲ କୋଡ (ଆଇପିସି) ଏବଂ କୋଡ ଅଫ୍ କ୍ରିମିନାଲ ପ୍ରୋସିଜର୍ ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବ। ଭାରତୀୟ ସାକ୍ଷ୍ୟ ସଂହିତା, ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ବିଲ୍, ୨୦୨୩ ଏବଂ ଭାରତୀୟ ନ୍ୟାୟ ସଂହିତା, ୨୦୨୩ ଗତ ବର୍ଷ ଶୀତ ଅଧିବେଶନ ସମୟରେ ସଂସଦର ଉଭୟ ଗୃହରେ ପାରିତ ହୋଇଥିଲା। ଏହାପରେ ରାଷ୍ଟ୍ରପତିଙ୍କଠାରୁ ଅନୁମୋଦନ ପାଇବା ପରେ ବିଲ୍ ଆଇନରେ ପରିଣତ ହୋଇଥିଲା, ଯାହା ଆସନ୍ତା ଜୁଲାଇ ୧ରୁ କାର୍ଯ୍ୟକାରୀ ହେବ। ସଂସଦରେ ଏହି ବିଲ୍ ଆଗତ ସମୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଥିଲେ, ଏହି ନୂଆ ନିୟମ ଭାରତୀୟତା, ଭାରତୀୟ ସମ୍ବିଧାନ ଏବଂ ଲୋକଙ୍କ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରେ। ଏଥିସହ ଟେକ୍ନୋଲୋଜିର ବ୍ୟବହାରକୁ ଉତ୍ସାହିତ କରିଥାଏ ଏବଂ ଅନୁସନ୍ଧାନ, ପ୍ରବର୍ତ୍ତନ ଏବଂ ନ୍ୟାୟିକ ବ୍ୟବସ୍ଥାରେ ଫରେନସିକ୍ ସାଇନ୍ସକୁ ଅଧିକ ଗୁରୁତ୍ୱ ଦେଇଥାଏ ବୋଲି ଶାହ କହିଥିଲେ। ସେ ଆହୁରି କହିଥିଲେ, ଏହି ତିନୋଟି ନିୟମ ଅନୁଯାୟୀ ସମସ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଅପରାଧିକ ନ୍ୟାୟ ବ୍ୟବସ୍ଥା ବିଶ୍ୱରେ ସବୁଠାରୁ ଉନ୍ନତ ହେବ।

## ହାଇକୋର୍ଟଙ୍କ ନିର୍ଦ୍ଦେଶ: ଏମଭି ଦେବୀ ଜାହାଜକୁ ତୁରନ୍ତ ବାନ୍ଧ

ଭୁବନେଶ୍ୱର, ୨୪/୨ (ନି.ପ୍ର): 'ଏମଭି ଦେବୀଜାହାଜକୁ ତୁରନ୍ତ ବାନ୍ଧ । ଚୂଡ଼ାନ୍ତ ଫଇସଲା ନ ଆସିବା ଯାଏ ଜାହାଜଟି ପାରାଦୀପ ଚଓଉଞ୍ଚ ବର୍ଥରେ ହିଁ ରହିବ ।' ପାରାଦୀପ ଚଓଉଞ୍ଚ ବର୍ଥରେ ଗତ ନଭେମ୍ବରରେ ବର୍ଥିଂ ହୋଇଥିବା ଗଠ ଉରଭସ ସମ୍ପର୍କୀତ ଏକ ମାମଲାର ଶୁଣାଣି କରି ଗତକାଲି ହାଇକୋର୍ଟ ଏପରି ଅନ୍ତରୀଣ ଆଦେଶ ଦେଇଛନ୍ତି। ଜାହାଜର ମାଲିକଙ୍କଠାରୁ ପ୍ରାୟ ସାଢେ ୮ କୋଟିର ଟଙ୍କା ନିଜର ବକେୟା ପ୍ରାପ୍ୟ ପାଇବାକୁ ହାଇକୋର୍ଟ ଯାଇଥିଲା ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ । ଗତ ନଭେମ୍ବର ୩୦ରୁ ଏଯାଏ ଜାହାଜଟିକୁ ଜବତ କରି କଷ୍ଟମ୍ସ ବିଭାଗ ପାରାଦୀପ ପୋର୍ଟ ଆଙ୍କରେଜରେ ରଖିଛି। ସେଥିରେ ୨୧ ଜଣ ଯାକ କ୍ରିଉ ମେମ୍ବର ପ୍ରାୟ ୩ ମାସ ହେଲାଣି ମଧ୍ୟ ଅଟକି ରହିଛନ୍ତି। ଗତକାଲି ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଅନ୍ତରୀଣ ଆଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଚୂଡ଼ାନ୍ତ ଫଇସଲା ନ ଆସିବା ଯାଏ ଜାହାଜଟି ପାରାଦୀପରେ ଅଟକି ରହିବ ।

▶▶ପୃଷ୍ଠା ୭

## ଅଚାନକ ଛୁଟିରେ ପଳାଇଗଲେ ବିଏମସି କମିଶନର, ରାଜେଶ ପ୍ରଭାକର ପାଟିଲଙ୍କୁ ଦାୟିତ୍ୱ



ଭୁବନେଶ୍ୱର, ୨୪/୨ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ଅଚାନକ ଛୁଟିରେ ପଳାଇଗଲେ ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତ କୁଲାଙ୍ଗେ । ତାଙ୍କ ବଦଳରେ ନୂଆ କମିଶନର ଭାବେ ୨୦୦୫ ବ୍ୟାଚ୍ ଆଇଏଏସ୍ ରାଜେଶ ପ୍ରଭାକର ପାଟିଲଙ୍କୁ ଦାୟିତ୍ୱ ନ୍ୟସ୍ତ ହୋଇଛି । ୨୦୧୩ ବ୍ୟାଚ୍ ଆଇଏଏସ୍ ଶ୍ରୀ କୁଲାଙ୍ଗେ ଗତକାଲି ଅର୍ଥାତ୍ ୨୩ତାରିଖରେ ବିଏମସି ମାସିକ ବୈଠକରେ ଉପସ୍ଥିତ ରହିଥିଲେ । ସବୁକିଛି ଠିକଠାକ୍ ଥିବାବେଳେ ଅଚାନକ ଛୁଟିରେ ପଳାଇବାକୁ ନେଇ ନାନାଦି ଚର୍ଚ୍ଚା ଜୋର ଧରିଛି । ସରକାରଙ୍କ ବିନା ଅନୁମତିରେ ମେୟର ଓ କର୍ପୋରେଟରଙ୍କ ଭତ୍ତା(ସିଟିଂ ଆଲାଉନ୍ସ) ବୃଦ୍ଧି ପାଇଁ ବିଏମସି ବୈଠକରେ ନିଷ୍ପତ୍ତି ନିଆଯିବା ଶ୍ରୀ କୁଲାଙ୍ଗେଙ୍କୁ ମହଙ୍ଗା ପଡ଼ିଛି ବୋଲି ଜଣାପଡ଼ିଛି ।

▶▶ପୃଷ୍ଠା ୭

## ସୁକୁମାରେ ପୋଲିସ-ନକ୍ସଲ ଗୁଳି ବିନିମୟ: ଜଣେ ମାଓ ନିହତ

ସୁକୁମା/ ରାୟପୁର, ୨୪/୨ (ନି.ପ୍ର): ଛତିଶଗଡର ସୁକୁମା ଜିଲ୍ଲାର ବୁର୍କାଲଙ୍କାରେ ଶନିବାର ସକାଳେ ପୋଲିସ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟରେ ଜଣେ ନକ୍ସଲ ନିହତ ହୋଇଛି । ଜଣେ ନକ୍ସଲର ମୃତଦେହ ଜବତ ହୋଇଛି । ଗୁଳି ବିନିମୟ ପରେ ଅଂଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି । ସୁକୁମା ଏସପି ଏନେଇ ସୂଚନା ଦେଇଛନ୍ତି । ପୋଲିସ ସୂଚନା ମୁତାବକ, ବୁର୍କାଲଙ୍କାରେ କୋଂଟା ଏଅଂଚଳ ଏରିଆ କମିଟିରେ ନକ୍ସଲମାନଙ୍କ ଉପସ୍ଥିତି ନେଇ ପୋଲିସକୁ ସୂଚନା ମିଳିଥିଲା । ଅପରେସନ ପାଇଁ ଡିଆରଜି ଯବାନ ଦିନକ ପୂର୍ବରୁ ଜାଗା ଚିହ୍ନଟ ପାଇଁ ବାହାରିଥିଲେ । ଶନିବାର ସକାଳ ପ୍ରାୟ ୫ଟା ବେଳେ ସୂଚନା ମିଳିଥିବା ସ୍ଥାନରେ ପହଂଚି ନକ୍ସଲଙ୍କୁ ଆକ୍ରମଣ କରିଥିଲେ । ଗୁଳି ବିନିମୟରେ ଜଣେ ନକ୍ସଲ ନିହତ ହୋଇଛି । ଘଟଣାସ୍ଥଳରୁ କିଛି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି ।

## ମାଟ୍ରିକ୍ ପରୀକ୍ଷା: ସିସିଟିଭି ଲାଗିଛି, ଏଆଇ ଜଗିଛି, ତଥାପି ପିଛା ଛାଡୁନି ବିବାଦ

ଭୁବନେଶ୍ୱର, ୨୪/୨ (ନି.ପ୍ର): ସିସିଟିଭି ଲାଗିଛି। ଏଆଇ ଜଗିଛି। ତଥାପି ସମସ୍ତଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧି କାଲି ପରୀକ୍ଷା ପୂର୍ବରୁ ସୋଶାଲ୍ ମିଡିଆରେ ଘୂରିବୁଲିଲା ମାଟ୍ରକ୍? ପରୀକ୍ଷାର ଇଂରାଜୀ ଭାଷାର ଉଭୟ ସବଜେକ୍ଟିଭ୍ ଓ ଅବଜେକ୍ଟିଭ୍ ପ୍ରଶ୍ନପତ୍ର। ତା' ସାଙ୍ଗକୁ ବୁଲିଲା ଉତ୍ତର। ପୁଣି ଗୋଟିଏ ନୁହେଁ, ଚାରି ଚାରିଟି ସେଟର ପ୍ରଶ୍ନପତ୍ର ଓ ଉତ୍ତର ଭାଇରାଲ ହେଲା। ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ୮ଟା ୧୪ରୁ ହ୍ୱାଟସଆପ ଏବଂ ସୋଶାଲ୍ ମିଡିଆର ବିଭିନ୍ନ ପ୍ଲାଟଫର୍ମରେ ଭାଇରାଲ ହୋଇଯାଇଥିଲା ପ୍ରଶ୍ନପତ୍ର। ତେବେ ସେତେବେଳେ ସତ ମିଛ ପରଖିବାର ଅବକାଶ ନଥିଲା। ଦ୍ୱନ୍ଦ୍ୱରେ ଥିଲେ ସମସ୍ତେ। ହେଲେ ସାଢ଼େ ୧୧ ଟାରେ ପରୀକ୍ଷା ସରିବା ପରେ ବୋର୍ଡ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନପତ୍ର ସହ ଭାଇରାଲ୍ ପ୍ରଶ୍ନପତ୍ର ସମ୍ପୂର୍ଣ୍ଣ ମେଳ ଖାଉଥିବା ଦେଖିବାକୁ ମିଳିବାରୁ ହଇଚଇ ଖେଳିଯାଇଥିଲା। ଉଦବେଗ ପ୍ରକାଶ କରିଥିଲେ ଅଭିଭାବକ। ହେଲେ ବୋର୍ଡ କର୍ତ୍ତୃପକ୍ଷ ଏଭଳି ଅଭିଯୋଗକୁ ସଂପୂର୍ଣ୍ଣ ଖଣ୍ଡନ କରିବା ସହ ବିଭ୍ରାନ୍ତ କରିବାକୁ କେହି ଏଭଳି କରିଥିବା କହିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଯଦି ପ୍ରଶ୍ନପତ୍ର ଲିକ୍ ହୋଇନାହିଁ, ସକାଳ ୮ଟା ୧୪ରୁ ପ୍ରଶ୍ନପତ୍ର ସୋଶାଲ୍ ମିଡିଆକୁ ଆସିଲା କେମିତି ? ବଡ଼ କଥା ହେଉଛି, ପ୍ରଶ୍ନପତ୍ର ଲିକ୍ କଥାକୁ ବୋର୍ଡ ଅସ୍ୱୀକାର କରିଥିଲେ ବି ଯାଜପୁର ଜିଲ୍ଲା ଆଡ଼ଁରି ପଞ୍ଚାୟତ ଜିସି ହାଇସ୍କୁଲରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରଶ୍ନପତ୍ର ଖୋଲାଯାଇଥିବା ଏଆଇ ଧରିଛି। ୮ଟା ୩୦ରେ ପ୍ରଶ୍ନପତ୍ର ଖୋଲାଯିବାକୁ ଥିବା ବେଳେ ଏଠି ୮ଟା ୧୪ରେ ଖୋଲାଯାଇଥିଲା ପ୍ରଶ୍ନପତ୍ର। ସେହିପରି ଭଦ୍ରକର ମଦନମୋହନ ହାଇସ୍କୁଲରେ ମଧ୍ୟ ପ୍ରଶ୍ନପତ୍ର ନିର୍ଦ୍ଧାରିତ ସମୟ ପୂର୍ବରୁ ଖୋଲାଯାଇଥିବା ଏଆଇ ନଜରରେ ଆସିଛି। ଅନ୍ୟପକ୍ଷରେ ଏଇ ଦୁଇଟି ସେଣ୍ଟରର ସୁପରିନଟେଣ୍ଡେଣ୍ଟ ଭୁଲବଶତଃ ଏଭଳି କରିଥିବା ମାନିବାରୁ

▶▶ପୃଷ୍ଠା ୭

## ଗଠନ ହେବ ୩୪ଟି ନୂଆ ଏନ୍‌ଏସି: ୫ ଏନ୍‌ଏସି ମ୍ୟୁନିସିପାଲିଟିକୁ ଉନ୍ନୀତ




ଭୁବନେଶ୍ୱର, ୨୪/୨ (ନି.ପ୍ର): ରାଜ୍ୟରେ ଗଠନ ହେବ ୩୪ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ ବା ଏନ୍‌ଏସି। ସେହିପରି ୫ଟି ଏନ୍‌ଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯାଇଛି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସଂପର୍କରେ ଘୋଷଣା କରିଛନ୍ତି। ୨୦ଟି ଜିଲ୍ଲାରେ ୩୪ଟି ନୂତନ ଏନ୍‌ଏସି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି । ସେଗୁଡ଼ିକ ହେଲା- ଅନୁଗୋଳ ଜିଲ୍ଲାର ପାଲଲହଡ଼ା ଓ ଛେଣ୍ଡିପଦା, ବାଲେଶ୍ୱରର ବସ୍ତା ଓ ସିମୁଳିଆ, ବରଗଡ଼ର ପାଇକମାଳ ଓ ଭେଡେନ, ଭଦ୍ରକର ଅଗରପଡ଼ା, ବଲାଙ୍ଗିରର ବେଲପଡ଼ା ଓ ସଂଇତଳା, ଯାଜପୁରର ବିଞ୍ଝାରପୁର, ପାଣିକୋଇଲି, ଜାରକା ଓ ଚଣ୍ଡିଖୋଲ, କଳାହାଣ୍ଡିର ଜୟପାଟଣା, କନ୍ଧମାଳର ରାଇକିଆ, କୋରାପୁଟର ବୋରିଗୁମା, ନୂଆପଡ଼ାର ସିନାପାଲି, ରାୟଗଡ଼ାର ଚାନ୍ଦିଲି, ମୁନିଗୁଡ଼ା ଓ ବିଷମକଟକ, ସୁବର୍ଣ୍ଣପୁରର ଡୁଙ୍ଗୁରିପାଲି, ସୁନ୍ଦରଗଡ଼ର ବଣେଇ, ଗଞ୍ଜାମର ଶେରଗଡ଼ ଓ କୁକୁଡ଼ାଖଣ୍ଡି, ନୟାଗଡ଼ର କଣ୍ଟିଲୋ, ଖୋର୍ଦ୍ଧାର ଟାଙ୍ଗୀ ଓ ବେଗୁନିଆ, କଟକର ସାଲେପୁର, ବଡ଼ମ୍ବା, ନରସିଂହପୁର ଓ ନିଆଳି, ମୟୁରଭଞ୍ଜର ବେତନଟି, ଢେଙ୍କାନାଳର ପରଜଙ୍ଗ ଏବଂ ବୌଦ୍ଧ ଜିଲ୍ଲାର କଣ୍ଟାମାଳ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ, ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼, ମୟୁରଭଞ୍ଜର କରଞ୍ଜିଆ, ବଲାଙ୍ଗିରର କଣ୍ଟାବାଞ୍ଜି ଓ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଏବଂ ଆସ୍କା ଏନଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯାଇଛି । ସୂଚନାଯୋଗ୍ୟ, ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

## ୧୦ହଜାରରୁ ଅଧିକ ଅଫିମ ଗଛକୁ ନଷ୍ଟ କଲା ପୁଲିସ



ମୟୂରଭଂଜ, ୨୪/୨ (ନି.ପ୍ର): ୧୦ହଜାରରୁ ଅଧିକ ଅଫିମ ଗଛକୁ ନଷ୍ଟ କଲା ମୟୁରଭଞ୍ଜ ପୁଲିସ। ଆଜି ପୂର୍ବାହ୍ନରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ଏବଂ ଜଶିପୁର ପୁଲିସ ପକ୍ଷରୁ ଶିମିଳିପାଳ ପାଦ ଦେଶରେ ଥିବା ଠାକୁରଗୋଡ଼ା ଗ୍ରାମରେ ବେଆଇନ ଅଫିମ ଚାଷକୁ ନଷ୍ଟ କରାଯାଇଛି। ନୈନେକ ନାମକ ଜଣେ ବ୍ୟକ୍ତି ତାଙ୍କର ୨୧ ଡିସିମିଲ ଜାଗାରେ ବେଆଇନ ଅଫିମ ଚାଷ କରିଥିଲେ। ଏସମ୍ପର୍କରେ ଝଉଚଙ୍ଗ ସୁବ୍ରତ କୁମାର ଖବର ପାଇଥିଲେ। ଏହା ପରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ଏବଂ ଜଶିପୁର ପୁଲିସର ମିଳିତ ଭାବରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଆଉ ସେଇ ଟିମ୍ ସାହାଯ୍ୟରେ ଠାକୁରଗୋଡ଼ା ଗ୍ରାମରେ ଯାଇ ଚଢ଼ାଉ କରିଥିଲେ। ଅଫିମ ଗଛ ଗୁଡ଼ିକୁ ନଷ୍ଟ କରିବା ସହିତ ଅଧିକ ତଦନ୍ତ ଚଳାଇଛି ପୁଲିସ। ତେବେ ଏ ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ଏ ନେଇ ବର୍ତ୍ତମାନ ବି ତଦନ୍ତ ଜାରି ରହିଛି। ତଦନ୍ତ ପରେ ହିଁ ସଂପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବ ବୋଲି ସୂଚନା ମିଳିଛି।

## ଜୁଏଲାରୀରେ ପଶିଲେ ଦୁର୍ବୃତ୍ତ: ମାଲିକ ବାପପୁଅଙ୍କୁ ହାଣି ଲୁଟି ନେଲେ

ପୁରୀ, ୨୪/୨ (ନି.ପ୍ର): ଦୁର୍ବୃତ୍ତମାନେ ଜୁଏଲାରୀ ମାଲିକ ଏବଂ ତାଙ୍କ ପୁଅଙ୍କ ଉପରକୁ ଗୁଳି ଚଳାଇବା ସହ ଧାରୁଆ ଅସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିବା ଜଣାଯାଇଛି । ଗୁଳି ଫୁଟାଇ ଜୁଏଲାରୀରୁ ଦୁର୍ବୃତ୍ତ ଲୁଟିନେଲେ ଟଙ୍କା ସହ ସୁନା ଅଳଙ୍କାର । ଏଥିସହ ଦୁର୍ବୃତ୍ତମାନେ ଜୁଏଲାରୀ ମାଲିକ ଏବଂ ତାଙ୍କ ପୁଅଙ୍କ ଉପରକୁ ଗୁଳି ଚଳାଇବା ସହ ଧାରୁଆ ଅସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିବା ଜଣାଯାଇଛି । ଏପରି ଏକ ଘଟଣା ପୁରୀର ରେଡ଼କ୍ରସ ରୋଡ଼ ନିକଟରେ ଥିବା ଓ୍ୱାନ ଗ୍ରାମ ଗୋଲଡ ଏସ.ଆର ଜୁଏଲାରୀରେ ଗତ ରାତିରେ ଘଟିଛି। ଗତ ରାତିରେ ୪ରୁ ଅଧିକ ଦୁର୍ବୃତ୍ତ ପଶି ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ ହୋଇଛି। ସେମାନେ ବନ୍ଧୁକ ଏବଂ ବିଭିନ୍ନ ମରଣାସ୍ତ୍ର ଧରି ଦୋକାନରେ ପଶିଥିଲେ। ଏହାଦେଖି ଦୋକାନ ମାଲିକ ଏବଂ ତାଙ୍କ ପୁଅ ସେମାନଙ୍କୁ ବିରୋଧ କରିଥିଲେ। ଏହାପରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ। କେବଳ ସେତିକି ନୁହେଁ, ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ । ଦୁର୍ବୃତ୍ତଙ୍କ ଆକ୍ରମଣରେ ଜୁଏଲାରୀ ମାଲିକ ଏବଂ ତାଙ୍କ ପୁଅ ଆହତ ହୋଇଛନ୍ତି। ଗତ ରାତିରେ ୪ରୁ ଅଧିକ ଦୁର୍ବୃତ୍ତ ପଶି ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ ହୋଇଛି।

## ବାଜିଲା ମୋହର: ଏକାଠି ହେଲେ ଆପ୍-କଂଗ୍ରେସ



ନୂଆଦିଲ୍ଲୀ, ୨୪/୨ : ବାଜିଲା ମୋହର। ଆଗାମୀ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ଏକାଠି ହୋଇଛନ୍ତି ଆମ୍ ଆଦମୀ ପାର୍ଟି ଓ କଂଗ୍ରେସ। ୫ ରାଜ୍ୟରେ ମେଣ୍ଟ କରି ନିର୍ବାଚନ ଲଢ଼ିବାକୁ ଉଭୟ ଦଳ ଆନୁଷ୍ଠାନିକ ରୂପେ ଘୋଷଣା କରିଛନ୍ତି । ପଞ୍ଜାବକୁ ଛାଡି ହରିୟାଣା, ଦିଲ୍ଲୀ, ଗୋଆ, ଚଣ୍ଡିଗଡ ଓ ଗୁଜରାଟିରେ ଏହି ଦୁଇ ଦଳ ମଧ୍ୟରେ ଆସନ ଭାଗ ବଣ୍ଟା ଶେଷ ହୋଇଛି। ଆପ୍ କଂଗ୍ରେସ ମିଶି ଏଠାରେ ନିର୍ବାଚନ ଲଢ଼ିବେ। ଏନେଇ ଆଜି ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ଦଳ ଘୋଷଣା କରିଛନ୍ତି। ସୂଚନା ଅନୁଯାୟୀ, ଦିଲ୍ଲୀ, ଗୁଜୁରାଟ, ଚଣ୍ଡିଗଡ, ଗୋଆ ଏବଂ ହରିୟାଣାର ଆସନ ଉପରେ କଂଗ୍ରେସ ଏବଂ ଆମ୍ ଆଦମୀ ପାର୍ଟି ମଧ୍ୟରେ ଆଲୋଚନା ପ୍ରାୟ ଶେଷ ହୋଇଛି। ଦିଲ୍ଲୀର ୪ଟି ଆସନରେ ଆପ୍ ଓ ତିନୋଟି ଆସନରେ କଂଗ୍ରେସ ନିର୍ବାଚନ ଲଢ଼ିବ। ଆମ୍ ଆଦମୀ ପାର୍ଟି ଦକ୍ଷିଣ ଦିଲ୍ଲୀ, ଉତ୍ତର-ପଶ୍ଚିମ ଦିଲ୍ଲୀ, ନୂଆଦିଲ୍ଲୀ ଏବଂ ପଶ୍ଚିମ ଦିଲ୍ଲୀର ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଅବଶିଷ୍ଟ ତିନୋଟି ସିଟ୍ ଉତ୍ତର ପୂର୍ବ, ଚାନ୍ଦନୀ ଚୌକ୍ ଏବଂ ପୂର୍ବ ଦିଲ୍ଲୀ କଂଗ୍ରେସକୁ ଦିଆଯାଇଛି। ସେହିପରି ଗୁଜରାଟର ୨୪ ଟି ଆସନରେ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଗୁଜରାଟର ଦୁଇଟି ଲୋକସଭା ଆସନ ଭରୁଚ ଏବଂ ଭାବନଗରରେ ଆମ୍ ଆଦମୀ ପାର୍ଟି ପ୍ରାର୍ଥୀ ଦେବ। ହରିୟାଣାର ଗୋଟିଏ ଆସନ କୁରୁକ୍ଷେତ୍ରରେ ଆମ୍ ଆଦମୀ ପାର୍ଟି ଲଢ଼ିବ। ଅନ୍ୟ ୯ଟି ଆସନରେ କଂଗ୍ରେସ ନିଜ ପ୍ରାର୍ଥୀ ଦେବ। ଚଣ୍ଡିଗଡ଼ ଆସନରୁ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱିତା କରିବ। ଏଥିସହ ଗୋଆର ଉଭୟ ଆସନରେ କଂଗ୍ରେସ ନିର୍ବାଚନ ଲଢ଼ିବ। କହିରଖୁ ଯେ, ପଞ୍ଜାବରେ ଆପୋଷ ସହମତିରେ କଂଗ୍ରେସ ଏବଂ ଆମ୍ ଆଦମୀ ପାର୍ଟି ପୃଥକ ଭାବରେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି।

## ଲୋକସଭା ନିର୍ବାଚନ: ମୋଦିଙ୍କ ସମେତ ୧୦୦ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ ବିଜେପି !



ନୂଆଦିଲ୍ଲୀ, ୨୪/୨ : ଆସନ୍ତା ମାସରେ ନିର୍ବାଚନ କମିଶନ ଦେଶର ସାଧାରଣ ନିର୍ବାଚନ କେବେ ହେବ, ତା'ର ତାରିଖ ଘୋଷଣା କରିପାରନ୍ତି। ତାରିଖ ଘୋଷଣା ହେବା ପୂର୍ବରୁ କେନ୍ଦ୍ରରେ କ୍ଷମତାସୀନ ବିଜେପି ପ୍ରଥମ ଦଫାରେ ୧୦୦ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ। ଗୁରୁବାର ଦିନ ଦଳ ପକ୍ଷରୁ ୧୦୦ ଜଣ ପ୍ରାର୍ଥୀଙ୍କ ନାଁ ଓ ସେମାନେ କେଉଁଠି ଲଢ଼ିବେ, ତା'ର ତାଲିକା ଜାରି କରାଯିବ। ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ନାଁ ରହିବ ବୋଲି ବିଜେପି ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ପ୍ରାର୍ଥୀଙ୍କ ନାଁ ଚୂଡ଼ାନ୍ତ କରିବା ପାଇଁ ଆସନ୍ତା ୨୯ ତାରିଖରେ ବିଜେପିର କେନ୍ଦ୍ର ନିର୍ବାଚନ କମିଟିର ବୈଠକ ବସିବ। ଏହି ବୈଠକରେ ୧୦୦ ଜଣ ପ୍ରାର୍ଥୀଙ୍କ ନାଁ ଫାଇନାଲ କରାଯିବ। ବୈଠକ ପରେ ଅର୍ଥାତ ସେହି ଗୁରୁବାର କିମ୍ବା ଏହାର କିଛି ଦିନ ପରେ ବିଜେପି ମୁଖ୍ୟାଳୟରେ କିଏ କେଉଁଠୁ ପ୍ରାର୍ଥୀ ହେବେ, ତା'ର ଘୋଷଣା କରାଯିବ। ବିଜେପି ଏଥର ଏକାକୀ ୩୭୦ ଓ ଏନଡିଏ ୪୦୦ରୁ ଅଧିକ ଆସନ ଜିତିବ ବୋଲି ଲକ୍ଷ୍ୟ ରଖିଛି। ତେଣୁ ସେହି ଅନୁସାରେ ଦଳ ପ୍ରାର୍ଥୀଙ୍କୁ ମଧ୍ୟ ଚୟନ କରିବ। ଏପରି ସ୍ଥିତିରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାର ଗୁରୁତ୍ୱ ବେଶ ଅଧିକ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ବାରାଣସୀରୁ କ୍ରମାଗତ ୨ ଥର ନିର୍ବାଚନ ଜିତିଛନ୍ତି। ୨୦୧୪ରେ

▶▶ପୃଷ୍ଠା ୭

# ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନି

ବାଲେଶ୍ୱର , ୨୩/୨ (ନି.ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ରମାଗତ ଭାବେ ଠକି ଆସୁଛନ୍ତି। ବିଭିନ୍ନ ପ୍ରସଙ୍ଗ ରେ କେନ୍ଦ୍ର ଓ ରାଜ୍ୟ ସରକାର ନିଜର ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛନ୍ତି। ଖଣି ପାଣି ଚିଟ ଫଣ୍ଡ ଦୁର୍ନୀତି ଠାରୁ ଆରମ୍ଭ କରିଶିକ୍ଷା ସ୍ୱାସ୍ଥ୍ୟ ସେବା, ନିଯୁକ୍ତି କ୍ଷେତ୍ରରେ ସରକାର ଲୋକଙ୍କୁ ସେବା ଦେବାରେ ବିଫଳ ହୋଇସାରିଛ ନ୍ତି। ତେ ଣୁ ଉଭୟ ସରକାର ଙ୍କ ବିରୋଧରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଙ୍କ ଆହ୍ୱାନ କ୍ରମେ ଆଗାମୀ ଛବିଷ ତାରିଖ ସୋମବାର ଦିନ ଏଗାରଟା ସମୟ ରେ ଦଳ ର କର୍ମୀ ମାନେ ରାଜ୍ୟ ସଚିବାଳୟ ଘେରାଓ କରିବେ। ଏହି ପରିପ୍ରେକ୍ଷୀ ରେ ଶୁକ୍ରବାର ବାର ଅପରାହ୍ନ ରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରି ଏକ ଖବରଦାତା ସମ୍ମିଳନୀ ରେ ରାଜ୍ୟ ଓ କେନ୍ଦ୍ରଓ୍ୱ ସରକାରଙ୍କ ବିଫଳତା ସମ୍ପର୍କରେ ଉଲ୍ଲେଖ କରିବା ସହ ଏହି ଘେରାଓ ରେ ବାଲେଶ୍ୱର ଜିଲ୍ଲା ରୁ ମୋଟ ତିନି ହଜାର କର୍ମୀ ଯୋଗ ଦେବେ ବୋଲି ସୂଚନା ଦେଇଛନ୍ତି।ଏହି ଖବର ଦାତା ସମ୍ମିଳନୀ ରେ ଗଣ ମାଧ୍ୟମ ଓ ଯୋଗା ଯୋଗ ବିଭାଗ ଜିଲ୍ଲା ଅଧ୍ୟକ୍ଷ ବିକାଶ ଦାସ ଏବଂ ସାମାଜିକ ଗଣ ମାଧ୍ୟମ ର ଅଧ୍ୟକ୍ଷ ନବ ପ୍ରସାଦ ଭୂୟାଁ ଉପସ୍ଥିତ ରହି ଥିଲେ।

## ଉଦ୍‌ଘାଟିତ ହେଲା ନୀଳଗିରି ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ

ନୀଳଗିରି, ୨୩/୨ (ନି.ପ୍ର): ନୀଳଗିରି ଥାନାପଡିଆ ନିକଟସ୍ଥ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମକୁ ଭିଡିଓ କନଫ୍ରେନ୍ସିଙ୍ଗ ମାଧ୍ୟମରେ ଉଦ୍‌ଘାଟିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଯୋଗଦେଇଥିବା ବେଳେ ଏଡିଏମ୍ ବିଶ୍ୱରଞ୍ଜନ ନାୟକ, ନୀଳଗିରି ଉପଜିଲ୍ଲାପାଳ ମନ୍ଦର ଧର ମହାଳିକ, ତହସିଲଦାର୍ ଦୀପ୍ତି ମୟି ବେହେରା, ବିଡ଼ିଓ ରାହୁଲ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ଶତାଧିକ ଖେଳାଳୀ ଓ କ୍ରୀଡା ପ୍ରେମୀ ଯୋଗ ଦେଇଥିଲେ।ଆଗାମୀ ଦିନରେ ଗାଁ ଗହଳିର ପିଲାମାନଙ୍କ ପାଇଁ ଏହା କ୍ରୀଡାର ହବ ପାଲଟିବା ସହ ଦକ୍ଷ ପ୍ରଶିକ୍ଷକ ମାନେ ଏଠାରେ ନିଯୁକ୍ତି ପାଇ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବେ।ଖେଳାଳୀ ମାନେ କ୍ରୀଡା କ୍ଷେତ୍ରରେ ଜିଲ୍ଲା ତଥା ରାଜ୍ୟର ନାଁ ରଖିବେ ବୋଲି ବିଧାୟକ ଶ୍ରୀ ନାୟକ କହିଥିଲେ।

# ସେଲ ଆରଏସପିରେ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରରେ ୩୪୦ ଜଣ ଠିକା ଶ୍ରମିକ ଉପକୃତ

ରାଉରକେଲା, ୨୪/୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଟ୍ରାଫିକ ଓ କଞ୍ଚାମାଲ ବିଭାଗ, ଟ୍ରାନ୍ସପୋର୍ଟ, କମ୍ୟୁନିକେଶନ ଇଞ୍ଜିନିୟରିଂ, ଏଫଏମଏମ ଓ ଏଚଆରଡ଼ି ସେଣ୍ଟର ଅଞ୍ଚଳରେ କାର୍ଯ୍ୟରତ ୩୪୦ ଜଣ ଠିକା ଶ୍ରମିକ ଫେବୃଆରୀ ୨୩ ତାରିଖରେ ଏଚଆରଡ଼ି କେନ୍ଦ୍ରଠାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରରୁ ଉପକୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମ କାର୍ମିକ ଠିକା ଶ୍ରମିକ ସେଲ ଦ୍ୱାରା କର୍ମଚାରୀ ରାଜ୍ୟ ବୀମା କର୍ପୋରେସନ ମଡେଲ ହସ୍ପିଟାଲ ଓ ଆଇଜିଏଚ (ଓଏଚଏସସି)ର ସହଭାଗିତାରେ ଅନୁଷ୍ଠିତ ହୋଇଥିଲା। ଇଏସଆଇସି ଏବଂ ଓଏଚଏସସିର ଡାକ୍ତର ଓ ଟେକନିସିଆନମାନେ ଠିକା ଶ୍ରମିକଙ୍କର ସ୍ୱାସ୍ଥ୍ୟପରୀକ୍ଷା ସମ୍ପନ୍ନ କରିଥିଲେ। ଆରଏସପି ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ଏଚଆରଡ଼ି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଥିଲେ। ଏହି ଅବସରରେ ସି ଆଇ ଏସ , ଟିଏମଏମ୍, ପ୍ରୋଜେକ୍ଟ ଓ ସି ଏଲ ସି ବିଭାଗର ମହା ପ୍ରବନ୍ଧକ ଶ୍ରୀ ସଞ୍ଜୟ ମେହରୋତ୍ରା ଉକ୍ତ ସ୍ୱାସ୍ଥ୍ୟ ଶିବିର ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ବେହୁରିଆ ସମସ୍ତଙ୍କୁ ଫିଟ ଓ ସୁସ୍ଥ ରଖିବା ପାଇଁ ଏହି ପ୍ରୟାସର ପ୍ରଶଂସା କରିଥିଲେ। ସେ ଏଭଳି ପ୍ରୟାସକୁ ଅଧିକ ସୁଦୃଢ ଗଢିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଠିକାଶ୍ରମିକମାନଙ୍କର ଉଚ୍ଚତା, ଓଜନ, ବଡି ମାସ ଇଣ୍ଡେକ୍ସ,



ଚକ୍ଷୁ ପରୀକ୍ଷା, ରକ୍ତ ଚାପ, ରକ୍ତ ଶର୍କରା, ବ୍ଲଡ଼ ଗ୍ରୁପିଙ୍ଗ, ହେପାଟିଟିସ ବି ଏବଂ ଶ୍ରବଣ ଓ ପଲ୍ସ ହାର ଭଳି ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପନ୍ନ କରାଯାଇଥିଲା। ଶିବିରରେ ଚିହ୍ନଟ ରୋଗୀ ମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ସ୍ୱାସ୍ଥ୍ୟ ସମସ୍ୟା ସମ୍ବନ୍ଧରେ ତଥା ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମଧ ସେମାନଙ୍କୁ ସଚେତନ କରାଯାଇଥିଲା। ଆରଏସପି କାର୍ମିକ ଠିକା ଶ୍ରମିକ ସେଲର ସିନିୟର ମ୍ୟାନେଜର, ସୁଶ୍ରୀ ସଂଗୀତା ମାରାଆ ସିନ୍ଦୁର ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ରାହ୍ମଣୀପାଳଠାରେ ଟାଟାଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ୪ ଦିନିଆ ମେଗା ସ୍ୱାସ୍ଥ୍ୟ ଶିବିର

ହରିଚନ୍ଦନପୁର, ୨୪/୨ (ନି.ପ୍ର): ଟାଟାଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ବ୍ରାହ୍ମଣୀପାଳ ଠାରେ ମା ତାରିଣୀ ଟ୍ରିପର୍ସ ଏବଂ ଟ୍ରକ୍ ମାଲିକ ସଂଘର ମିଳିତ ଆନୁକୂଲ୍ୟରେ ୪ ଦିନିଆ ମେଗା ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣୀପାଳ ଟାଟାଷ୍ଟିଲ୍ ଏଫଏପି ପ୍ଲାଣ୍ଟ୍ ମୁଖ୍ୟ ଲକ୍ଷ୍ମୀନ ସ୍ୱାଇଁ ଓ ବ୍ରାହ୍ମଣୀପାଳସ୍ଥିତ ଟାଟାଷ୍ଟିଲ୍ ଫାଉଣ୍ଡେସନ୍‌ର ୟୁନିଟ ମୁଖ୍ୟ ଡ. ଜୟନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ୫୪୬ରୁ ଅଧିକ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଯେଉଁଥିରେ ଅଧିକାଂଶ ଟ୍ରକ୍ ଡ୍ରାଇଭର ଥିଲେ ଏବଂ ସେମାନଙ୍କ ମଧ୍ୟରୁ ୪୫୮ ଜଣଙ୍କର ରିଫ୍ରାକ୍ସନ ସମସ୍ୟା ଚିହ୍ନଟ କରାଯାଇ ଉନ୍ନତ ଦୃଷ୍ଟି ଶକ୍ତି ଏବଂ ସଡ଼କ ସୁରକ୍ଷା ପାଇଁ ସେମାନଙ୍କୁ ଚଷମା ଯୋଗାଇ ଦିଆଯାଇଥିଲା । ଜାମସେଦପୁରର ଏକ ଡାକ୍ତରୀ ଟିମ୍ ସହାୟତାରେ ଶିବିରରେ ରୋଗ ନିରାକରଣ ପାଇଁ ସ୍ୱାସ୍ଥ୍ୟ ଯାଂଚ ଏବଂ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ, ଅଂଶ ଗ୍ରହଣକାରୀମାନଙ୍କୁ ମୌଳିକ ଜୀବନ ସହାୟତା ପ୍ରଶିକ୍ଷଣ ଦିଆଯାଇଥିଲା, ଯେଉଁଥିରେ ମାନେକ୍ୱିନ୍ ମଡେଲ୍ ବ୍ୟବହାର କରି କାର୍ଡିଓ-ପଲମୋନାରୀ ରିସସିଟେସନ୍ (ସିପିଆର) କୌଶଳ ଅନ୍ତର୍ଭୁକ୍ତ ଥିଲା ।

# ବିଜେଡିରେ ମିଶିଲେ ବଡ଼ସାହି ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ମନୋରଞ୍ଜନ ସେଠୀ

ବଡସାହି , ୨୪/୨ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଜେଡିର ମହାମିଶ୍ରଣ ପର୍ବ । ମିଶ୍ରଣ ପର୍ବ ଅବସରରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ମନୋରଞ୍ଜନ ସେଠି ବିଜେପି ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ଯାହାକି ବଡ଼ସାହି ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ମହାମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡିର ସହ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ବଡ଼ସାହି ବ୍ଲକ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ, ଲଲାଟେନ୍ଦୁ ବେହେରା, କରମଚାନ୍ଦ କାଳନ୍ଦୀ, ଯାମିନକାନ୍ତ ନାଏକ, ତପନ ପତି, ସନ୍ତକ ଲେଙ୍କା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଉକ୍ତ ମିଶ୍ରଣ କାର୍ଯ୍ୟକ୍ରମରେ ଜେଏମଏମ, ବିଜେପି, କଂଗ୍ରେସ ଆଦି ଦଳର ବହୁ ସଂଖ୍ୟକ କର୍ମକର୍ତ୍ତାମାନେ ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି। ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ପଞ୍ଚାୟତର ହଜାର ହଜାର ସଂଖ୍ୟକ ଲୋକମାନେ ଯୋଗ ଦେଇଛନ୍ତି। ତେବେ ବଡ଼ସାହି ନୂତନ ବିଧାନସଭା କ୍ଷେତ୍ର ଭାବେ ଗଠିତ ହେବା ପରେ ଶ୍ରୀ ସେଠୀ ୨୦୦୯ ମସିହାରେ ବିଜେଡି ଦଳରୁ ଟିକଟ ପାଇ ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୧୪ ନିର୍ବାଚନରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ବିଜେଡିରେ ମିଶିଥିବା ଗଣେଶ୍ୱର ପାତ୍ରଙ୍କୁ ଟିକଟ ଦେବାରୁ ଶ୍ରୀ ସେଠୀ ଦ୍ୱିତୀୟ ଥର ବିଧାୟକ ଭାବେ ନିର୍ବାଚନ ଲଢିବା ଆଶା ମଉଳିଯାଇଥିଲା। ଫଳରେ ଅଭିମାନରେ ନିଜର ସମର୍ଥକଙ୍କ ସହିତ ଶ୍ରୀ ସେଠୀ ବିଜେଡି ଛାଡି ବିଜେପିରେ ମିଶିଥିଲେ । ମାତ୍ର ସେଠାରେ ତାଙ୍କୁ ଗୁରୁତ୍ୱ ଦିଆନଯାଇ ତାଙ୍କୁ ଅଣଦେଖା କରି ଚାଲିଥିଲେ। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଓ ବଡ଼ସାହି ନିର୍ବାଚନ ମଣ୍ଡଳୀ ପ୍ରତି ସେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବା ପ୍ରଭାବିତ କରିଥିଲା। ଏହାକୁ ନେଇ ତାଙ୍କର ସମର୍ଥକଙ୍କ ସହ ସେ ପୁଣି ବିଜେଡିରେ ଯୋଗଦାନ କରିଛନ୍ତି।

## ସନ୍ଥ କବି ଭୀମଭୋଇ ସୋନପୁର ମାଟିକୁ ମହିମାନ୍ୱିତ କରିଛନ୍ତି - ଲକ୍ଷ୍ମଣ ମେହେର

ସୋନପୁର, ୨୪/୨ (ନି.ପ୍ର): ସନ୍ଥକବି ଭୀମଭୋଇଙ୍କ ସାଧନା ,ସିଦ୍ଧି ଓ ସମାଧିପୀଠ ଖଲିଆପାଲି ଠାରେ ପବିତ୍ର ମାଘମେଳା ଅନୁଷ୍ଠିତ ହେଉଛି। ଗତ ୨୧ ତାରିଖରୁ ଏହା ଆରମ୍ଭ ହୋଇଛି। ଭୀମଭୋଇ ସଂସ୍କୃତି ମଣ୍ଡପ ଠାରେ ଆୟୋଜିତ ହେଉଥିବା ସାଂସ୍କୃତିକ ସଂଧ୍ୟାର ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ସନ୍ଥକବି ସୋନପୁର ମାଟିକୁ ମହିମାନ୍ୱିତ କରିଛନ୍ତି ବୋଲି କହିଛନ୍ତି। ଖଲିଆପାଲି ମାଟିରୁ ଭୀମଭୋଇ ସମଗ୍ର ବିଶ୍ୱକୁ ନୂଆ ଦିଗଦର୍ଶନ ଦେଇ ତାଙ୍କର ମହାନବାଣୀ ଉଦଘୋଷଣା କରିଥିଲେ। ସୋନପୁର ଜିଲ୍ଲାର ବିନିକାର ସ୍ୱର୍ଗତ ସ୍ୱାଧିନତା ସଂଗ୍ରାମୀ ଗୁରୁବାରୀ ମେହେର, ମନ୍ଦିରମାଳିନୀ ସୋନପୁର, ପାତା ପାତାଳୀ ଶ୍ରୀକ୍ଷେତ୍ର ଇତ୍ୟାଦି ସହ ବୁଣାକାରଙ୍କ କଳାକାରୀକୁ ପ୍ରଶଂସା କରିବା ସହିତ ଏହି ମାଟି ଏକ ତ୍ୟାଗ ଓ ବଳିଦାନର ମାଟି ବୋଲି ଶ୍ରୀ ମେହେର କହିଥିଲେ। କଳାକାର ଚୌଧୁରୀ ବିଭାରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନୀତ ଅତିଥି ଭାବରେ ସମାଜସେବୀ ମେଘନାଥ ପଧାନ, ଖଲିଆପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ପଦ୍ମନାଭ ପଣ୍ଡା, ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ଦାସ, ମାଘମେଳା ପରିଚାଳନା କମିଟିର ଚନ୍ଦନ ମହାନ୍ତି ଓ ରୁଦ୍ରଦେବ ଦାନୀ ମଂଚାସୀନ ଥିଲେ।

# କସିପଦା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ବସ୍ତା , ୨୩/୨ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ କଷିପଦା ଓ ଆଙ୍କୋ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି ।ଉକ୍ତ କାର୍ଯ୍ୟ କ୍ରମରେ ସଦର ବିଧାୟକ ସ୍ୱରପ କୁମାର ଦାସ , ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ , ଜିଲ୍ଲା ପରିଷଦ ସଞ୍ଜୟ କୁମାର ସେଠୀ, ଆମ ଓଡ଼ିଶା ନବୀନ ଓଡ଼ିଶା ର ଜିଲ୍ଲା କୋଡ଼ିନେଟର ରଞ୍ଜନ ବାଗ ଙ୍କ ସହିତ ସରପଞ୍ଚ , ସମିତି ସଭ୍ୟ, ନାଇବ ସରପଞ୍ଚ, ଓ୍ୱାର୍ଡ ସଭ୍ୟ ସଭ୍ୟା , ଦୁଇ ପଞ୍ଚାୟତ ର ଦୁଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ। ସାଢ଼େ ଚାରି କୋଟି ଓଡ଼ିଆଙ୍କ ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କ ଯୁଗାନ୍ତକାରୀ ଯୋଜନା ଏବଂ ତାହାର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରି, ରାଜ୍ୟ ସରକାରଙ୍କ ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ସମସ୍ତେ ମିଳିମିଶି ପୂରା କରିବାକୁ ଆହ୍ୱାନ ଦେଇଥିଲେ । କଷିପଦା ପଞ୍ଚାୟତ ରେ ନୂତନ ୧୦୭ ଭତ୍ତା ଧାରୀ ଓ ଆଙ୍କୋ ପଞ୍ଚାୟତ ରେ ୩୮ ଜଣ ଭତ୍ତା ଧାରୀ ଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ ଏଇଚ ଗୃପ ମହିଳା ସମେତ ବିଭିନ୍ନ ସଂଗଠନ ର ସଭାପତି କର୍ମୀ ସହଯୋଗ କରିଥିଲେ ।

# ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ସଂକଳ୍ପବଦ୍ଧ: ବିଜେଡ଼ି

ଭୁବନେଶ୍ୱର, ୨୪/୨ (ନି.ପ୍ର): ଉତମ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଓଡ଼ିଶାର ଅର୍ଥନୀତିକୁ ଆଗକୁ ନେବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟ। ରାଜ୍ୟର ସବୁ ବର୍ଗର ଲୋକ କିପରି ଉନ୍ନତମାନର ସ୍ୱାସ୍ଥ୍ୟସେବା ସୁବିଧାରେ ପାଇପାରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ପଦକ୍ଷେପନେଉଛନ୍ତି ବୋଲି ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି଼ ଜାତୀୟ ମୁଖପାତ୍ର ଡଃ ସଂତୃପ୍ତ ମିଶ୍ର । ଶ୍ରୀ ମିଶ୍ର ଆହୁରି କହିଛନ୍ତି ଯେ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟର ଯତ୍ନ, ସାମୂହିକ ଟୀକାକରଣ, ପିଲାଙ୍କୁ ପୃଷ୍ଟିକର ଖାଦ୍ୟ, ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କୋଭିଡ୍ ମହାମାରୀ ବେଳେ ରାଜ୍ୟବାସୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇବା ସହ ଅନ୍ୟ ରାଜ୍ୟକୁ ଅକ୍ସିଜେନ ଯୋଗାଇଛନ୍ତି ରାଜ୍ୟ ସରକାର। ବିଗତ ୬ ବର୍ଷ ମଧ୍ୟରେ ୮ଟି ନୂଆ ମେଡ଼ିକାଲ କଲେଜ ଓ ୨ଟି ପିଜି ଇନଷ୍ଟିଚ୍ୟୁଟ୍ ସ୍ଥାପନ ହେବା ଫଳରେ ରାଜ୍ୟରୁ ପ୍ରତିବର୍ଷ ଉତୀର୍ଣ୍ଣ ହେଉଥିବା ୩୦୦ ଡାକ୍ତରଙ୍କ ସଂଖ୍ୟା ଆଜି ୨୫୦୦ରେ ପହଂଚିଛି । ବିଗତ ୫ ବର୍ଷ ମଧ୍ୟରେ ୪ ହଜାର ଡାକ୍ତର, ୯ ହଜାରରୁ ଅଧିକ ନର୍ସଙ୍କ ସମେତ ଫାର୍ମାସିଷ୍ଟ, ଟେକ୍ନିସିଆନମାନଙ୍କୁ ନିଯୁକ୍ତି ଦିଆଯାଇଛି । ରୋଗୀସେବା କ୍ଷେତ୍ରରେ ଅଧିକ ଆମ୍ବୁଲାନ୍ସ ନିୟୋଜିତ କରାଯାଇ ଆମ୍ବୁଲାନ୍ସ ପହଂଚିବା ସମୟକୁ ୨୦ ମିନିଟ୍‌କୁ ହ୍ରାସ କରାଯାଇପାରିଛି। ଆମ ହସ୍ପିଟାଲ ଯୋଜନାରେ ଚଳିତ ବର୍ଷ ୭୩ଟି ହସ୍ପିଟାଲର ରୂପାନ୍ତରଣ କରାଯିବା ସହ ଆଗାମୀ ୫ ବର୍ଷରେ ରାଜ୍ୟର ୧୮୫୮ଟି ହସ୍ପିଟାଲର ରୂପାନ୍ତରଣ ପାଇଁ ଲକ୍ଷ୍ୟ ରଖାଯାଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଜି ରାଜ୍ୟର ପାଖାପାଖି ୧ କୋଟି ପରିବାର ପାଇଁ ସଞ୍ଜୀବନୀ ପାଲଟିଛି। ବିଏସ୍‌କେଓ୍ୱାଇ କାର୍ଡ଼ଧାରୀ ପ୍ରତ୍ୟେକ ପରିବାରର ମହିଳାଙ୍କ ପାଇଁ ୧୦ ଲକ୍ଷ ଓ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ରହିଛି। ଏହି କାର୍ଡ଼ ଖଣ୍ଡକ ଜରିଆରେ ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲ ଏବଂ ରାଜ୍ୟ ତଥା ରାଜ୍ୟ ବାହାରର ୭୦୦ରୁ ଅଧିକ ବେସରକାରୀ ହସ୍ପିଟାଲମାନଙ୍କରେ ନିଃଶୁଳ୍କ ଚିକିତ୍ସା ମିଳିପାରୁଛି। ସ୍ୱାସ୍ଥ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବାୟୁସେବା ଆଉ ଏକ ଉଦାହରଣ। ମୋବାଇଲ କ୍ଲିନିକ ଦ୍ୱାରା ମୁଖ୍ୟମନ୍ତ୍ରୀ ଯୋଗାଉଛନ୍ତି ସ୍ୱାସ୍ଥ୍ୟସେବା। ୯୦ ପ୍ରତିଶତ ମାଆଙ୍କୁ ଦିଆଯାଇଛି ଟୀକା, ଶିଶୁମୃତ୍ୟୁ ହାର କମିଛି। ଏବେ ୧୧ଟି କ୍ୟାନସର ହସ୍ପିଟାଲ କାର୍ଯ୍ୟ କରୁଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନା କରିଛନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ଅନ୍ୟତମ ଜାତୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

## ଇଭିଏମ୍ ଓ ଭିଭିପ୍ୟାଟର ବ୍ୟବହାର ଜାଣିବା ପାଇଁ ନୂଆ ଭୋଟରଙ୍କ ଆଗ୍ରହ

ଉଦଳା, ୨୩/୨ (ନି.ପ୍ର): ସାଧାରଣ ନିର୍ବାଚନ - ୨୦୨୪ ରେ ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ଇଭିଏମ୍ ଓ ଭିଭିପ୍ୟାଟ ବ୍ୟବହୃତ ହେବ । ତେବେ ଏଥିରେ କିପରି ଭୋଟ ଦିଆଯାଏ ତାହା ଜାଣିବା ପାଇଁ ବିଭିନ୍ନ ସ୍ଥାନରେ ତାଲିମ କେନ୍ଦ୍ର ମାନ ଖୋଲା ଯାଇଛି । ନୂଆ ଭୋଟର, ଯେଉଁମାନେ କି ପ୍ରଥମ ଥର ଭୋଟ ଦେବେ ଏହି ବୟସର ପିଲାମାନେ ଇଭିଏମ୍ ଓ ଭିଭିପ୍ୟାଟର ବ୍ୟବହାର ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିବା ସହ ତାଲିମକେନ୍ଦ୍ର ମାନଙ୍କରେ ଭିଡ଼ ଜମାଉଥିବାର ଦେଖିବାକୁ ମିଳୁଛି। ପ୍ରକାଶ ଥଶଉକି ଉଦଳା ଠାରେ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ଭଳି ଏକ ତାଲିମକେନ୍ଦ୍ର ଖୋଲା ଯାଇଛି ।

# କ୍ରେତା ବିକ୍ରେତା ସମ୍ମିଳନୀ

ଭଦ୍ରକ , ୨୩/୨ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଥିବା ସମସ୍ତ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦିତ ସମସ୍ତ ଦ୍ରବ୍ୟର କିପରି ଭାବେ ବିଶ୍ୱଦରବାରରେ ବିକ୍ରିର ସୁବ୍ୟବସ୍ଥା କରାଯିବ ଉକ୍ତ ପରିପ୍ରେକ୍ଷୀରେ ଜିଲ୍ଲା ପରିଷଦ ଭଦ୍ରକ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଓରମାସ୍ ଭଦ୍ରକ ଦ୍ୱାରା କ୍ରେତା ଓ ବିକ୍ରେତା ବୈଠକ ଆଦି ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଚି । ଉକ୍ତ ବୈଠକରେ ଆଇ.ଟି.ସି., ରିଲିୟାନ୍ସ, ବିଶାଳ ମେଗା ମାର୍ଟ, ପ୍ରଣମ ଟିଟେଲ୍, ଆଦାନୀ ଫାଉଣ୍ଡେସନ୍, ବେଦାନ୍ତ ସି.ଏସ୍.ଆର ର ଅଧିକାରୀ ଏବଂ ବିଭିନ୍ନ ଲାଇନ୍ ଡ଼ିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ରହି ବିକ୍ରି ବ୍ୟବସ୍ଥାକୁ କିପରି ଉନ୍ନତ କରିହେବ ଏବଂ ଦ୍ରବ୍ୟ ଗୁଡ଼ିକର ମାନ ବୃଦ୍ଧି କରି ବଜାର ଉପଯୋଗୀ କରିହେବ ସେ ବିଷୟରେ ବିଷଦ ଆଲୋଚନା କରିଥିଲେ । ସମସ୍ତ ବ୍ଲକର ଉତ୍ପାଦକ ଗୋଷ୍ଠୀମାନେ ନିଜ ଦ୍ରବ୍ୟକୁ ମଧ ଡ଼ିସ୍‌ପ୍ଲେ ଜରିଥିଲେ । ବିଭିନ୍ନ କ୍ରେତାମାନେ ଉକ୍ତ ଦ୍ରବ୍ୟର ମାନ ନିରୁପଣ କରିଥିଲେ ଏବଂ ମାନବୃଦ୍ଧି ପାଇଁ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧ ଉପସ୍ଥିତ ରହି ଉତ୍ପାଦକ ଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ । ଓରମାସ ର ପ୍ରୋଜେକ୍ଟ ଏଜ୍‌କ୍ୟୁଟିଭ୍ ଭାଗ୍ୟଲକ୍ଷ୍ମୀ ରାଉତ ବୈଠକ ପରିଚାଳନା କରିଥିଲେ, ଦିନେଶ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ଫେବୃଆରୀ ୨୬ରେ କଂଗ୍ରେସର ସଚିବାଳୟ ଘେରାଉ

ଭୁବନେଶ୍ୱର, ୨୪/୨ (ନି.ପ୍ର): ରାଜ୍ୟରେ ଦୀର୍ଘ ୨୪ବର୍ଷର ଶାସନ କାଳରେ ବିଜେଡି ସରକାର ପ୍ରତ୍ୟେକ କ୍ଷେତ୍ରରେ ବିଫଳ ହୋଇଛନ୍ତି ରାଜ୍ୟର ସବୁ ବ୍ଲକକୁ ୩୫% ଜଳସେଚନ ସୁବିଧା, କୃଷିଜାତ ଦ୍ରବ୍ୟର ସଂରକ୍ଷଣ, ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ, ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ କିମ୍ବା ବେକାରୀ ସମସ୍ୟା ସମାଧାନ ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ। ଅନ୍ୟପକ୍ଷରେ ୧ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି, ୨୦ ହଜାର କୋଟି ଟଙ୍କାର ଚିଟ୍ ଫଣ୍ଡ ଦୁର୍ନୀତି, ପାନୀୟଜଳ ଯୋଗାଣରେ ୩୩ ହଜାର କୋଟିର ଠିକା ଦୁର୍ନୀତି, ବିଦ୍ୟୁତ୍ ସେବା ଭିତିଭୂମି ଆଳରେ ୩୫ ହଜାର କୋଟି ଟଙ୍କାର ଦୁର୍ନୀତି ଏବଂ ନାରୀ ନିର୍ଯାତନା ଓ ନାବାଳିକା ଚାଲାଣ ଆଦି ବିଜେଡି ସରକାରଙ୍କ ସଫଳତାର ଫର୍ଦ୍ଦ କହିଲେ ନ ସରେ । ଏସବୁ ଦୁର୍ନୀତି ଓ ଅନ୍ୟାୟ ପ୍ରତିବାଦରେ ଆସନ୍ତା ୨୬ ତାରିଖ ସୋମବାର ପୂର୍ବାହ୍ଣ ୧୧ଟାରେ କଂଗ୍ରେସ ଭୁବନେଶ୍ୱରସ୍ଥିତ ରାଜ୍ୟ ସଚିବାଳୟ (ଲୋକସେବା ଭବନ) ଘେରାଉ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି । ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଲେ ଯେ ଗତ ୨୪ବର୍ଷ ହେଲା ବିଜେଡି ସରକାର ଦୁର୍ନୀତିରେ ବୁଡି ରହିଛନ୍ତି । ରାଜ୍ୟର ପ୍ରକୃତ ବିକାଶ କରିବା ପରିବର୍ତ୍ତେ କେବଳ ନିର୍ବାଚନ ସମୟରେ ବଡ଼ ବଡ଼ ଘୋଷଣା କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। କୃଷି କ୍ଷେତ୍ରର ଉପଯୁକ୍ତ ବିକାଶ, ଚାଷଜମିକୁ ଜଳସେଚନ, ବିଧାନସଭାରେ ସର୍ବସମ୍ମତି କ୍ରମେ ହୋଇଥିବା ନିଷ୍ପତି ଅନୁଯାୟୀ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ କରିବାରେ ସରକାର ଆନ୍ତରିକତା ଦେଖାଉ ନାହାନ୍ତି । ଅଥଚ ନିର୍ବାଚନ ଆସିଲେ କାଳିଆ ଯୋଜନା କରି ଚାଷୀଙ୍କୁ ପ୍ରତାରଣା କରୁଛନ୍ତି । ଓଡ଼ିଶାରେ ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନା ଓ ଅପରାଧ ସାରା ଦେଶରେ ସବୁଠାରୁ ଅଧିକ ବୋଲି ଏନ୍ ସିଆରବି ରିପୋର୍ଟରେ ପ୍ରକାଶ ପାଇଛି । ଉଭୟ ବିଜେଡି ଓ ବିଜେପି ସରକାର ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ଭଳି କାର୍ଯ୍ୟ କରୁଛନ୍ତି । ରାଜ୍ୟର ବିକାଶ କଥା ଚିନ୍ତା ନକରି ସେମାନେ ଲୋକଙ୍କୁ ଭଣ୍ଡାଉଛନ୍ତି। ତେଣୁ ଏହାର ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ହେବାକୁଥିବା ସଚିବାଳୟ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ.ବିଶ୍ୱରଞ୍ଜନ ମହାନ୍ତି କହିଲେ ଯେ ସରକାର ଚାଷୀଙ୍କୁ ୨ ହଜାର ଟଙ୍କା ନିର୍ବାଚନୀ ଲଲିପପ୍ ଦେଇ ଭୁତାନ୍ତୁ ନାହିଁ । ଓଡ଼ିଶାର ଚାଷୀ ମିଛ ପ୍ରତିଶ୍ରୁତି ନୁହେଁ, ନ୍ୟାୟ ମାଗୁଛନ୍ତି । ଚାଷଜମିକୁ ଜଳସେଚନ ସୁବିଧା, ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ କୃଷିଜାତ ଦ୍ରବ୍ୟ ସଂରକ୍ଷିତ ରଖିବା ପାଇଁ ଶୀତଳଭଣ୍ଡାର ପ୍ରତିଷ୍ଠା କରି ସରକାର ଚାଷୀମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ କରନ୍ତୁ। ଯାହାକି ଗତ ୨୪ବର୍ଷର ଶାସନ କାଳରେ ନବୀନ ସରକାର ପ୍ରଦାନ କରିବାରେ ବିଫଳ ହୋଇଛନ୍ତି। ଆଶ୍ଚର୍ଯ୍ୟର କଥା ଏ ସରକାର ଗଣମାଧ୍ୟମକୁ ମଧ ସଚିବାଳୟ ପ୍ରବେଶ ଅନୁମତି ଦେଉନାହାନ୍ତି। ଏହା ଦ୍ୱାରା ଗଣମାଧ୍ୟମର କଣ୍ଠରୋଧ କରାଯାଉଛି। କିନ୍ତୁ କଂଗ୍ରେସ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ତା'ର ସଂଗ୍ରାମ ଜାରି ରଖିବ ବୋଲି ଡ.ମହାନ୍ତି କହିଛନ୍ତି।

# ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ, ୨୪/୨ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଜୟ କୁମାର ଦାଶ ଗଣତନ୍ତ୍ର ର ମହାପର୍ବ ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା।ଏହା କୁ ସାମୁହିକ ସହଯୋଗ ଓ ପାରସ୍ପରିକ ସମନ୍ୱୟ ର ସହ ପାଳନ କରିବା ଉଚିତ। ଉଭୟ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପାଇଁ ନିର୍ବାଚନ ଏକ ଆହ୍ୱାନ ଓ ଏହାକୁ ସମ୍ମିଳିତ ସହଯୋଗ ରେ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ।ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପୀନାକ ମିଶ୍ର କେବଳ ନିର୍ବାଚନ ନୁହେଁ ସମସ୍ତ କାର୍ଯ୍ୟରେ ପୋଲିସ ଓ ମାଜିଷ୍ଟ୍ରେଟ ସମନ୍ୱୟ ଜରୁରୀ।ପୁରୀ ଜିଲ୍ଲା ରେ ସବୁବେଳେ ବିଭିନ୍ନ ଆଇନ ଶୃଙ୍ଖଳା ପାଇଁ ସଜାଗ ରହିବାକୁ ପଡିଥାଏ।ତେଣୁ ପାରସ୍ପରିକ ସହଯୋଗ ନେଇ କାମ କଲେ ସମସ୍ତ କାର ?ୟ ସହଜ ହୋଇ ପାରିବ ବୋଲି ସେ କହିଥିଲେ।ଆଗାମୀ ନିର୍ବାଚନ ରେ ସମ୍ବେଦନଶୀଳ, ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ, ମିଳିତ ଭାବେ ନିର୍ବାଚନ ମଣ୍ଡଳୀ ର ବୁଥ ପରିଦର୍ଶନ ଓ ନିରୀକ୍ଷଣ, ନିର୍ବାଚନ ପୂର୍ବରୁ, ନିର୍ବାଚନସମୟରେ ଓ ନିର୍ବାଚନ ପରବର୍ତୀ ଅବସ୍ଥାର ଆକଳନ ସହ କୌଶଳ ନିର୍ଦ୍ଧାରଣ,ସୁରକ୍ଷା, ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା।

# ମହାରାଜା ବିକ୍ରମ ଦେବ ବର୍ମା ଓ ବାବାସାହେବ ଭୀମରାଓ ଆମ୍ବେଦେକରଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

ଜୟପୁର , ୨୪/୨ (ନି.ପ୍ର): ମହାରାଜା ବିକ୍ରମ ଦେବ ବର୍ମା ଓ ବାବାସାହେବ ଭୀମରାଓ ଆମ୍ବେଦେକରଙ୍କ ପ୍ରତିମୂର୍ତି ଆଜି ଲୋକାର୍ପଣ ହୋଇଛି । ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ରେ ମହାରାଜା ବିକ୍ରମ ଦେବ ବର୍ମାଙ୍କ ପ୍ରତିମୂର୍ତି ଲୋକାର୍ପଣ ହୋଇଛି । ପାରାବେଢା ଟ୍ରାଫିକ ଛକରେ ଭୀମରାଓ ଆମ୍ବେଦେକରଙ୍କ ପ୍ରତିମୂର୍ତି ଲୋକାର୍ପଣ ହୋଇଛି । କୋରାପୁଟ ସାସଂଦ ସପ୍ତଗିରି ଶଙ୍କର ଉଲ୍ଲକା,ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅିତଥି ଭାବେ ଯୋଗ ଦେଇ ଲୋକାର୍ପଣ କରିଛନ୍ତି ।

## ଧାରାବାହିକ ଉପନ୍ୟାସ

# ବୈଦେହୀ



**ଡ.ଭାଗବତ ବେହେରା**



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୪୦

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଆନନ୍ଦର ଅଶ୍ରୁ । ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଅନାଇ ରହନ୍ତେ ସେ କହିଥିଲେ, ଏ ଆନନ୍ଦର ତୁଳନା ନାହିଁ ଦେବୀ । ପିତୃସତ୍ୟ ପାଳନ କରିବାର ଆନନ୍ଦ ସହିତ ତୁମଭଳି ସୁଧାମୟୀ, ପ୍ରେମମୟୀ, ସ୍ନେହମୟୀ ପତ୍ନୀ ସହ ବନବାସର ସୁଖ କଥା ଚିନ୍ତାକରି ମୁଁ ଆନନ୍ଦରେ ଅଧୀର ହୋଇ ପଡୁଛି ।

ତାଙ୍କ କଥା ଶୁଣି ମୁଁ କିଛି ଉତ୍ତର ନଦେଇ ନିରବରେ ତାଙ୍କ କୋଳରେ ମଥା ରଖି ତାଙ୍କ ମୁଖମଣ୍ଡଳକୁ ଅନାଇ ରହିଥାଏ ଦଶମୀ କିମ୍ବା ଦ୍ୱାଦଶୀର ଚନ୍ଦ୍ରକିରଣରେ ଝଲସି ଉଠୁଥାଏ ତାଙ୍କର କଇଁଫୁଲ ପରି ତୋଫା ମୁଖମଣ୍ଡଳ । ସେହି ମୁଖକୁ ଅନାଇ ଅନାଇ ଚକ୍ଷୁ ମୋର ମୁଦି ହୋଇ ଆସିଲା । ପ୍ରଭାତ ପକ୍ଷୀଙ୍କର କଳରବରେ ମୋର ନିଦ୍ରା ଭାଂଗି ଯାଇଥିଲା । ମୁଁ ଉଠି ଦେଖେ ତ ସାରା ରାତି ସେ ମୋତେ କୋଳରେ ଧରି ରାତି ପୁହାଇ ଦେଇଛନ୍ତି । ଲାଜରେ ମୁଖମଣ୍ଡଳ ମୋର ଝାଉଁଳି ଗଲା । ଏ କି କର୍ମକଲି ମୁଁ । ସାରା ରାତି ସ୍ୱାମୀଙ୍କୁ ମୋର କଷ୍ଟ ଦେଇ ତାଙ୍କୁ ଉଜାଗରରେ ରଖି, ମହାଶାନ୍ତିରେ ତାଙ୍କ କୋଳରେ ମୁଣ୍ଡରଖି ମୁଁ ନିଦ୍ରାଗଲି । ମୋ ଭଳି ପାପିନୀ, ଏହିକଥା ଭାବୁଭାବୁ ମୋର ଦୁଇଚକ୍ଷୁରୁ ମୋ ଅଜାଣତରେ ଖସିପଡ଼ିଥିଲା କେଇବୁନ୍ଦା ଅଶ୍ରୁ ।

ମୋତେ କାନ୍ଦୁଥିବାର ଦେଖି ସେ ହସିହସି ମୋ ଚକ୍ଷୁରୁ ଅଶ୍ରୁ ପୋଛି ଦେଇ ମୋତେ କୋଳକୁ ଟାଣିନେଇ କହିଥିଲେ, "ଛି ସୀତେ! ତୁମେ କାନ୍ଦୁଛ କାହିଁକି ? ତୁମେ ଭାବୁଛକି ରାତି ଅନିଦ୍ରା ରହି ମୁଁ କଷ୍ଟ ପାଇଛି ? ନା ସଖୀ, ତାହା ନୁହେଁ । ଅପାର ଆନନ୍ଦରେ ମୁଁ ଏ ରାତିକୁ ପୁହାଇ ଦେଇଛି । ମୋର ଇଚ୍ଛା କ'ଣ ହେଉଛି ଜାଣ ସୀତେ! ସବୁ ରାତି ତୁମକୁ କୋଳରେ ଶୁଆଇ ମୁଁ ଏମିତି ତୁମର ଏହି ପଦ୍ମଫୁଲିଆ ମୁହଁକୁ ଅନାଇ ଅନାଇ ରାତି ପୁହାଇ ଦିଅନ୍ତି । ଏ ବନବାସ ମୋ ପାଇଁ ଚଉଦବର୍ଷ ନହୋଇ ଯଦି ଦ୍ୱିଗୁଣିତ ହୋଇଥାନ୍ତା ମୁଁ ଆହୁରି ଖୁସି ହୋଇଯାଆନ୍ତି ।"

ସ୍ୱାମୀ! ତାଙ୍କ ପାଟିରେ ହାତ ଦେଇଥିଲି ମୁଁ । ଆନନ୍ଦରେ ଅଧୀର ହୋଇ ସେ ମୋ ମସ୍ତକରେ ଝରାଇ ଦେଇଥିଲେ ତାଙ୍କ ମୁଖାରବିନ୍ଦର ମଧୁ ।

ସହସା ଅଦୂରରେ କୋଳାହଳ ଶବ୍ଦ ଶୁଣାଗଲା । ମୋ ପାଖରୁ ଦୂରେଇ ଯାଇ ସେ ଦେଖନ୍ତିତ ପ୍ରଜାକୁଳ ଶଯ୍ୟା ତ୍ୟାଗ କରି ଏକତ୍ର ହୋଇ ଆମ ଆଡ଼କୁ ଆସୁଛନ୍ତି । ତାଙ୍କ ସହିତ ଆସୁଛନ୍ତି ପ୍ରଭୁଙ୍କ ଅନୁଜ ଭରତ, ଶତ୍ରୁଘ୍ନ । ଆଗେ ଦ୍ରୁତଗତିରେ ଆସି ଲକ୍ଷ୍ମଣ କହି ପକାଇଲେ ଭ୍ରାତାଶ୍ରୀ ଭରତ, ଶତ୍ରୁଘ୍ନ ଆସିଛନ୍ତି ଆମକୁ ଅଯୋଧ୍ୟାକୁ ଫେରାଇ ନେବାକୁ ।

ଲକ୍ଷ୍ମଣଙ୍କ ତୁଣ୍ଡରୁ କଥା ନସରୁଣୁ ଭରତ, ଶତ୍ରୁଘ୍ନ କାନ୍ଦିକାନ୍ଦି ଆସି ପ୍ରଭୁଙ୍କ ପାଦତଳେ ଲୋଟିଯାଇ କହିଥିଲେ ଆମକୁ କ୍ଷମା କରିଦିଅନ୍ତୁ ଜ୍ୟେଷ୍ଠଭ୍ରାତ । ଆମ ଅଜାଣତରେ ଏତେସବୁ ଅଘଟଣ ଘଟିଗଲା, ଆମେ ଜାଣିପାରିଲୁ ନାହିଁ । ମାମୁଘରେ ଆମେ ରହିନଥିଲେ ଏପରି ଦୁର୍ଘଟଣା ଘଟିନଥାନ୍ତା । ଆମ ମାତା ଏତେ ନିର୍ଦ୍ଦୟ ନିଷ୍ଠୁର ହେବ ତାହା ଆମକୁ ଜଣା ନଥିଲା । ଆମକୁ କ୍ଷମା କରି ଦେଇ ଆପଣ ଅଯୋଧ୍ୟା ଫେରି ଚାଲନ୍ତୁ । ମା କୈକେୟୀଙ୍କ ଠାରୁ ଆଦେଶ ନେଇ ଆମେ ଆସିଛୁ ।

ତାଙ୍କୁ ପାଦତଳୁ ଉଠାଇ ପ୍ରଭୁ ମୋର କହିଥିଲେ ଭରତ, ଶତ୍ରୁଘ୍ନ ତୁମେ ମାନେ କ'ଣ ପାଇଁ ଏଠାକୁ ଆସିଲ । ତୁମେ କ'ଣ ତୁମ ବଡ଼ଭାଇଙ୍କୁ ଆଜିଯାଏ ଚିହ୍ନିପାରିଲ ନାହିଁ ? ପିତୃ ସତ୍ୟ ରକ୍ଷାକରି ମୁଁ ଚଉଦବର୍ଷ ପାଇଁ ବନବାସୀ ହୋଇଛି । ତୁମେ କ'ଣ ଚାହଁ ଅଯୋଧ୍ୟା ଫେରିଯାଇ ମୋ ପିତାଙ୍କୁ ସତ୍ୟଭ୍ରଷ୍ଟ କରାଇବି ? ମୋ ପାଇଁ ମୋ ପିତା ପରମ ଈଶ୍ୱର । ସେ ମୋ ପାଇଁ ସ୍ୱର୍ଗ, ଧର୍ମ, ତପ ସବୁକିଛି ? ବରଂ ପୂର୍ବଦିଗର ସୂର୍ଯ୍ୟ ପଶ୍ଚିମରେ ଉଦୟ ହେବେ, ପର୍ବତ ଶିଖରରେ ପଦ୍ମ ଫୁଟିପାରିବ ହେଲେ ରଘୁବଂଶର ଦାୟାଦ ରାମ ପିତୃ ସତ୍ୟ ରକ୍ଷାରୁ କେବେବି ବଞ୍ଚିତ ହେବନାହିଁ । ଏହାତ ରଘୁବଂଶର ଧର୍ମ, ନୀତି । ପ୍ରାଣ ଯିବ ପଛେ ବଚନର ମର୍ଯ୍ୟାଦା ହାନୀ ହେବନାହିଁ । ତୁମେ ଫେରିଯାଅ ଭରତ । ମୋର ଫେରିବା ପଥକୁ ପ୍ରତୀକ୍ଷା କରି ଅଯୋଧ୍ୟାରେ ରାଜା ହୋଇ ପ୍ରଜାଙ୍କୁ ପୁତ୍ରବତ୍ ପାଳନ କର ।

ମୋ ସ୍ୱାମୀଙ୍କ ଦୃଢ଼ ଶପଥ ଭରା କଥା ଶୁଣି ଭରତ କହିଥିଲେ, ତାହା କେବେ ସମ୍ଭବ ହେବନାହିଁ ଜ୍ୟେଷ୍ଠ ଭ୍ରାତା । ବିନା ରାମରେ ଭରତ ଶୂନ୍ୟ । ଅଯୋଧ୍ୟା ଶୂନ୍ୟ । ଜ୍ୟେଷ୍ଠର ଯାହା ପ୍ରାପ୍ୟ ତାହା କନିଷ୍ଠ କେବେ ଗ୍ରହଣ କରିବ ନାହିଁ ।

ତାଙ୍କୁ ବୁଝାଇ ପ୍ରଭୁ ମୋର କହିଥିଲେ ଭରତ! ମୋର ପ୍ରାପ୍ୟକୁ ତୁମେ ଛଡ଼ାଇ ନେଇନାହିଁ । ମୁଁ ତୁମକୁ ତାହା ଦାନ କରୁଛି । ମୁଁ ଅଯୋଧ୍ୟା ଫେରିଲେ ତୁମେ ତାହା ମୋତେ ଫେରାଇ ଦେବ । ପିତୃ ସତ୍ୟ ରକ୍ଷାକରି ତୁମେ ଚଉଦବର୍ଷ ଅଯୋଧ୍ୟାର ରାଜା ହୋଇ ପ୍ରଜା ପାଳନ କର । ଅନେକ ବୁଝାଇବା ପରେ ଭରତ କହିଥିଲେ, ଭ୍ରାତା! ଆପଣଙ୍କ ପ୍ରସ୍ତାବରେ ମୁଁ ରାଜି ହେବି, ଯଦି ଆପଣ ଆପଣଙ୍କ ପାଦର ଏ ପାଣ୍ଡୋଇ ଦୁଇଟିକୁ ମୋତେ ଦାନ କରିଦେବେ । ଏହି କଠଉ ଦୁଇଟିକୁ ସିଂହାସନରେ ସ୍ଥାପନ କରି, ସେହି ସିଂହାସନ ପାଦଦେଶରେ ବସି, ଅଯୋଧ୍ୟା ନଯାଇ ନନ୍ଦିଗ୍ରାମରେ ରହି ମୁଁ ଅଯୋଧ୍ୟାର ପ୍ରଜାଙ୍କ ସୁଖ ଦୁଃଖ ବୁଝିବି । ଆପଣ ବନବାସରୁ ଫେରିଲେ ଅଯୋଧ୍ୟାରେ ଆପଣଙ୍କ ରାଜ୍ୟାଭିଷେକ ହେବ । ଦୟାକରି ମୋତେ ସେ ପାଦର କଠଉ ଦୁଇଟିକୁ ଦାନ କରନ୍ତୁ । ଭରତଙ୍କ କଥା ଶୁଣୁଶୁଣୁ ମୋର ବେନିଚକ୍ଷୁରୁ ଅଶ୍ରୁର ଝରଣା ଝରି ଯାଉଥାଏ । ଧନ୍ୟ ତୁମେ ଭରତ, ଧନ୍ୟ ତୁମର ଭ୍ରାତୃ ପ୍ରୀତି । ସ୍ୱାମୀ ମୋର ଭୋ ଭୋ ହୋଇ କାନ୍ଦି ଭରତକୁ କୁଣ୍ଢାଇ ପକାଇଥିଲେ । ପାଦରୁ କଠଉ ଦୁଇଟିକୁ ବାହାର କରି ଭରତକୁ ଦିଅନ୍ତେ, ସେ ତାକୁ ମସ୍ତକ ଉପରେ ରଖି ଜୟ ଭାଇ ରାମଚନ୍ଦ୍ରଙ୍କର ଜୟ କହି ପଛକୁ ପାଦ ପକାଇଲେ । ତାଙ୍କ ପଛକୁ ଶତ୍ରୁଘ୍ନ ଅଯୋଧ୍ୟାର ପ୍ରଜାକୁଳ । ସମସ୍ତଙ୍କ ଚକ୍ଷୁ ଅଶ୍ରୁ ଛଳଛଳ । କାହାରି ତୁଣ୍ଡରେ ଭାଷା ନାହିଁ । ଭରତକୁ ଶେଷ ଉପଦେଶ ଦେଇ ସ୍ୱାମୀ ମୋର କହିଥିଲେ, ଭରତ! ଅରଣ୍ୟରେ ଥାଇ ପିତା ମାତାଙ୍କର ଭଲମନ୍ଦ ମୁଁ ଜାଣିପାରିବି ନାହିଁ । ତୁ ତାଙ୍କର ସମସ୍ତ କଥା ବୁଝୁଥିବୁ । ତାଙ୍କ ସେବାରେ ଯେମିତି ତିଳେ ତ୍ରୁଟି ନହୁଏ । ଆଉ କିଛି କହିପାରି ନଥିଲେ ପ୍ରଭୁ ମୋର । କାନ୍ଦିକାନ୍ଦି ଢଳି ପଡ଼ିଥିଲେ ମୋ ବକ୍ଷରେ ।

ଚାହୁଁଚାହୁଁ ଭରତ, ଶତ୍ରୁଘ୍ନ, ଅଯୋଧ୍ୟାର ପ୍ରଜାକୁଳ ଚାଲି ଯାଇଥିଲେ ଚକ୍ଷୁର ଅନ୍ତରାଳକୁ । ସହସା ଲକ୍ଷ୍ମଣ କହି ଉଠିଥିଲେ, ଭାଇ ଏଠାରେ ରହିବା ଆମ ପକ୍ଷରେ ଆଉ ଶୋଭନୀୟ ନୁହେଁ । ଚାଲନ୍ତୁ ଶୀଘ୍ର ଆମେ ଏ ସ୍ଥାନ ପରିତ୍ୟାଗ କରିବା । ଏହାକହି ଲକ୍ଷ୍ମଣ ଆଗକୁ ପାଦ ପକାନ୍ତେ ତାଙ୍କୁ ଆମେ ଅନୁସରଣ କରିଥିଲୁ ।

### ॥ ନଅ ॥

କପାଳ ଲିଖନ କେ କରିବ ଆନ । ରାମ ସ୍ୱୟଂ ପରଂବ୍ରହ୍ମ ହେଲେ ମଧ ଲଲାଟ ପଟଳରେ ବିଧାତା ଯାହା ଲେଖିଛନ୍ତି ତାହା ତାକୁ ସେ ଭୋଗିବାକୁ ବାଧ । ଏହା ତ ନିୟତିର ନିୟମ । ସେ ନିୟମକୁ ମର୍ଯ୍ୟାଦା ପରୁଷୋତ୍ତମ ଭଗବାନ ରାମଚନ୍ଦ୍ର ବା ଲଂଘି ଯାଆନ୍ତେ କିପରି ? ପତ୍ନୀ ସୀତା ଅନୁଜ ଲକ୍ଷ୍ମଣଙ୍କୁ ସଂଗରେ ଧରି ସେ ଘୂରି ବୁଲୁଛନ୍ତି ଆର୍ଯ୍ୟାବର୍ତ୍ତର ଏ ବନରୁ ସେ ବନ । ଅରଣ୍ୟରେ ପତ୍ରକୁଡ଼ିଆ ନିର୍ମାଣ କରି ସେହି କୁଡ଼ିଆରେ ବିତାଇ ଦେଉଛନ୍ତି ଦିବସ ରଜନୀ । ବନବାସର ଏ ଅସରନ୍ତି ଦୁଃଖ ଭିତରେ ବି ରହିଛି ଅସୁମାରୀ ଆନନ୍ଦ । ଯେଉଁ ଆନନ୍ଦକୁ ତପସ୍ୱିନୀ ସୀତା ବଖାଣି ବସିଛନ୍ତି ବାଲ୍ମିକୀ ଆଶ୍ରମରେ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ବିକଶିତ ଶ୍ରୀକ୍ଷେତ୍ର ଓ ଜଗନ୍ନାଥମୟ ଓଡ଼ିଶା

**ଯଶସ୍ୱିନୀ ପଟ୍ଟନାୟକ**



'ଭୂଜେ ସବ୍ୟେ ବେଣୁଂ ଶିରିସି ଶିଖିପିଛଂ କଟିତଟେ
ଦୁକୂଳଂ ନେତ୍ରାନ୍ତେ ସହଚର କଟାକ୍ଷଂ ବିଦଧତେ
ସଦା ଶ୍ରୀମଦ୍‌ବୃନ୍ଦା ବନବସତି ଲୀଳାପରିଚୟୋ
ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ ।।'

କଳା ଓ ସ୍ଥାପତ୍ୟ ସହ ଧର୍ମ ଓ ଆଧ୍ୟାତ୍ମିକତାର ପୁଣ୍ୟଭୂମି ପୁରୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେ ଭୂମି ଶ୍ରୀକ୍ଷେତ୍ର ପୁରୀ କହେ ସର୍ବଧର୍ମ ସମନ୍ୱୟର କଥା। ମହାପ୍ରସାଦ ଏଠି ଭକ୍ତର ମନ ମୋହେ। ଏହି ଧାମରେ ଭୂମି ଓ ଭୂମା ଏକାଠି ହୋଇଥାଆନ୍ତି, ଭକ୍ତ ଓ ଭଗବାନ ଏକାକାର ହୋଇ ଯାଆନ୍ତି। ବଡ଼ ଠାକୁରଙ୍କ କରୁଣା ଟିକକ ପାଇଁ ଧାଇଁ ଆସେ ଭକ୍ତ। ଭଗବାନଙ୍କ ସ୍ୱରୂପରେ ଭକ୍ତ ଓ ଭକ୍ତର ସ୍ନେହରେ ଭଗବାନ ବାନ୍ଧି ହୋଇ ଯାଆନ୍ତି। ଭକ୍ତ ଭଗବାନଙ୍କୁ ଯେମିତି ଦେଖିବାକୁ ଚାହେଁ, ଭଗବାନ ସେମିତି ରୂପରେ ଦେଖା ଦିଅନ୍ତି। ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର ଓ ଶ୍ରୀପୁରୁଷୋତ୍ତମ କ୍ଷେତ୍ର। ସ୍ଥାନ ଗୋଟିଏ ନାମ ଅନେକ। ଲୀଳାମୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ। ଶ୍ରୀକ୍ଷେତ୍ର ପୁରୀ, ଯାହାର ମାଟି, ପାଣି, ପବନ ସବୁଥିରେ ଭରି ରହିଛି ପବିତ୍ରତା ଓ ଆଧ୍ୟାତ୍ମିକତାର ବାସ୍ନା। ଏହି ପାବନ ଭୂମିର ଗୌରବମୟ ଇତିହାସ ଆଜି ବିଶ୍ୱବିଦିତ। ସାରା ବିଶ୍ୱ କେବଳ ଉପଭୋଗ ପାଇଁ ନୁହେଁ, ଅଧିକନ୍ତୁ ଉପାସନା ପାଇଁ ବି ଏଠାକୁ ଆସିଥାନ୍ତି। ସେବେ ଏ ମାଟି ସବୁ ଧର୍ମ, ସବୁ ପନ୍ଥକୁ ଆପଣାଇଥିଲା, ଆଜି ବି କରୁଛି। ସବୁମତ, ସବୁ ପଥ ଆଉ ବିଶ୍ୱାସ ଏଇଠି ଠୁଳ ହୋଇଛି। ଏହି ମାଟିରେ ସମନ୍ୱୟକୁ ଅନୁଭବ କରିହୁଏ। ଏହାକୁ ମର୍ତ୍ତ୍ୟ ବୃନ୍ଦାବନ ବୋଲି କୁହାଯାଏ। ଏହି ପୁଣ୍ୟ ଭୂମିର ଗରିମାକୁ ଆହୁରି ସୁଦୂରପ୍ରସାରି କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ରାଜ୍ୟ ସରକାର। ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରକୁ ନେଇ ପ୍ରସ୍ତୁତି ଦୀର୍ଘମିଆଦୀ ରୋଡ଼ମ୍ୟାପକୁ ଦିଆଯାଉଛି ବାସ୍ତବ ରୂପ। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ଭାବେ ଗଢ଼ିବା ପାଇଁ ଅନେକ ମେଗା ପ୍ରକଳ୍ପ ହାତକୁ ନିଆଯାଇଛି।

ପବିତ୍ର ଶ୍ରୀକ୍ଷେତ୍ର। ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଲୀଳା ଭୂମି ପୁରୀ। ଯେଉଁ ପବିତ୍ର ଭୂମିରେ ପାଦ ପକାଇଲେ ଭକ୍ତ ମନରେ ଜାତ ହୁଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ସାରା ଦେଶର ଭକ୍ତଙ୍କ ସୁଅ ଛୁଟେ ଶ୍ରୀକ୍ଷେତ୍ର ଧାମକୁ। ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ କୋଟିପୁଣ୍ୟ ପ୍ରାପ୍ତି ହୁଏ ବୋଲି ଗଭୀର ବିଶ୍ୱାସ ରହିଛି ଭକ୍ତମାନଙ୍କ ମନ ଭିତରେ। ଏହି ବିଶ୍ୱାସ, ଅଗଣିତ ଜଗନ୍ନାଥ ପ୍ରେମୀଙ୍କୁ ଭିତରେ ସୃଷ୍ଟି କରେ ଅପୂର୍ବ ଭକ୍ତିଭାବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ହେଉ କି ବିଭିନ୍ନ ପର୍ବପର୍ବାଣି, ବର୍ଷ ସାରା ଭକ୍ତଙ୍କ ଭିଡ଼ ଲାଗି ରହିଥାଏ ପୁଣ୍ୟଧାମ ଶ୍ରୀକ୍ଷେତ୍ରରେ। କାଳିଆ ଠାକୁରଙ୍କୁ ଦର୍ଶନ କରି ନିଜ ସୁଖ ଦୁଃଖ ଜଣାଇବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ଧାଇଁ ଆସନ୍ତି ପୁରୀକୁ। ଶ୍ରୀଜୀଉ ମାନଙ୍କୁ ଟିକିଏ ଦର୍ଶନ କଲେ ମିଳେ ଅପାର ଆନନ୍ଦ ଓ ଶାନ୍ତି। ଭୁଲି ହୋଇଯାଏ ଜୀବନର ସବୁ ଅବସୋସ, ଅପୂର୍ଣ୍ଣତା। ତେବେ ନିୟମିତ ହଜାର ହଜାର ଶ୍ରଦ୍ଧାଳୁ କିଭଳି ଶୃଙ୍ଖଳିତ ଭାବେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରିପାରିବେ, ସେଥିପାଇଁ ଶୃଙ୍ଖଳା ଠାରୁ ଆରମ୍ଭ କରି ସୁରକ୍ଷା ପର୍ଯ୍ୟନ୍ତ ସବୁ କିଛିକୁ ବେଶ ଗୁରୁତ୍ୱ ଦିଆଯାଏ। ଏଥିପାଇଁ ରାଜ୍ୟ ସରକାର ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି।

ଓଡ଼ିଶା ଏବଂ ଓଡ଼ିଆ ସଂସ୍କୃତିର ସୀମା ସରହଦ ଡେଇଁ ବିଶ୍ୱ ଚେତନାରେ ରୂପାନ୍ତରିତ ହୋଇଛି ଶ୍ରୀଜଗନ୍ନାଥ ଚେତନା। ଓଡ଼ିଆଙ୍କ ଶ୍ରଦ୍ଧା, ସ୍ନେହ ଓ ଆଦରର କାଳିଆ ଠାକୁର ବିଶ୍ୱ ଦେବତାରେ ପରିଣତ ହୋଇଛନ୍ତି। ଓଡ଼ିଶା ବାହାରେ ଦେଶର ଅନ୍ୟାନ୍ୟ ରାଜ୍ୟ, ଭାରତ ବାହାରେ ବିଶ୍ୱର ବିଭିନ୍ନ ଦେଶରେ ରଥଯାତ୍ରା ଆୟୋଜନ ଏହାକୁ ପ୍ରମାଣିତ କରିଛି। ବିଶ୍ୱ ଭ୍ରାତୃତ୍ୱ ଓ ସର୍ବଧର୍ମ ସମନ୍ୱୟର କାଳିଆ ଠାକୁର ବାହୁ ପ୍ରସାରୀ ସମସ୍ତଙ୍କୁ ଆପଣାର କରିନେଇଛି। ଜଗନ୍ନାଥ ଆଉ କେବଳ ଓଡ଼ିଆ ବା ହିନ୍ଦୁଙ୍କର ନୁହନ୍ତି, ସମଗ୍ର ଜଗତର ନାଥ, ବିଶ୍ୱଜନଙ୍କ ଠାକୁର, ବିଶ୍ୱନିୟନ୍ତା। ସେ ସତ୍ୟ, ଶାଶ୍ୱତ, ପୁରୁଷୋତ୍ତମ। ସବୁ ଚେତନାର ଶେଷ ଯେଉଁଠି, ସେଇଠି ଜଗନ୍ନାଥ ଚେତନାର ଅୟମାରମ୍ଭ। ଏବେ ତାଙ୍କ କ୍ଷେତ୍ରରେ ଚାଲିଛି ନବକଳେବର ପର୍ବ। ରୂପାନ୍ତରଣ ସ୍ପର୍ଶରେ ଶ୍ରୀକ୍ଷେତ୍ର ଏବେ ଅପରୂପ ଶୋଭାରେ ଶୋଭା ପାଉଛି। ଗତ ଜାନୁଆରୀ ୧୭ ତାରିଖରେ ପରିକ୍ରମାର ଲୋକାର୍ପଣ ହୋଇଛି। ସମଗ୍ର ବିଶ୍ୱ ଦେଖିଲା ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ବିଶ୍ୱସ୍ତରୀୟ ରୂପାନ୍ତର। ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ କୃପା କରୁଣା ଓ ଆଶୀର୍ବାଦରୁ ପୂର୍ଣ୍ଣରୂପ ନେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୩୨ଶହ କୋଟି ଟଙ୍କାର ସ୍ୱପ୍ନର ପ୍ରକଳ୍ପ। ଇତିହାସର ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକଳ୍ପନା ପ୍ରକଳ୍ପ। ଯେଉଁଥିରେ ଆମ ପ୍ରାଚୀନ କଳାବିମଣ୍ଡିତ କଳିଙ୍ଗର ନିଖୁଣ କଳା ଓ ସ୍ଥାପତ୍ୟରେ ଝଲସୁଛି ସମ୍ପୂର୍ଣ୍ଣ ପରିପାଟୀ। ଆଖିଝଲସା ରାସ୍ତାଘାଟ, ଶ୍ରୀସେତୁ, ଶ୍ରୀଦାଣ୍ଡ ଯେଉଁଭଳି ଅବିଶ୍ୱସନୀୟ ଭାବେ ବିଶ୍ୱସ୍ତରୀୟ ହୋଇଛି ତାହା ସବୁ ସେହି ମହାପ୍ରଭୁଙ୍କ କୃପା ଇଚ୍ଛାର ଫଳ। ମହାପ୍ରଭୁ ବିଶ୍ୱ ଦେବତା କୌଣସି ଜାତି, ଧର୍ମ ଗୋଷ୍ଠୀର ନୁହଁନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିବେଦନରେ ପୁରୀବାସୀ ଓ ପୁରୁଣା ମଠ ମନ୍ଦିରର ମହନ୍ତମାନେ ସ୍ୱଇଚ୍ଛାରେ ଜାଗା ଦାନ କରିଥିଲେ। ମହାପ୍ରଭୁଙ୍କ କୃପା କଟାକ୍ଷ ଦ୍ୱାରା ଏସବୁ ସମ୍ଭବ ହୋଇପାରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ସମସ୍ତଙ୍କୁ କୃପା ପ୍ରଦାନ କରୁଥାନ୍ତୁ, ସମସ୍ତଙ୍କୁ ଓ ସମସ୍ତଙ୍କ ପରିବାରକୁ ଓ ଏ ଓଡ଼ିଆ ଜାତିକୁ ତାଙ୍କ ଅଭୟ ଚକ୍ରରେ ସୁରକ୍ଷିତ ରଖି ଆମ ସମସ୍ତଙ୍କୁ ଅଭୟ ଆଶିଷ ସେହିପରି ପ୍ରଦାନ କରୁଥାନ୍ତୁ। (କ୍ରମଶଃ)

♥ ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

## କବିତା...



### ॥ ରାମାୟଣ ॥

**● ନକୁଳ ଚନ୍ଦ୍ର ସାହୁ**

ଡାକିଥାଏ ଗଦ୍ୟ
ଓହ୍ଲାଇଥାଏ ପଦ୍ୟ
ନାଦ ବ୍ରହ୍ମ
ବଜାଇଥାଏ ବାଦ୍ୟ;

ନାଚୁଥାଏ ସମୟର ଅସୁରୁଣୀ
ପାଇ ଯାଇଥାଏ ଖାଦ୍ୟ !

ଜୀବନର ସେବା କରୁଚି ଶବ୍ଦ
ଗଛ ବି କହୁଚି
ଋଷି ବିଶ୍ୱାମିତ୍ର, ଆପଣଙ୍କୁ ଧନ୍ୟବାଦ !
ଉଦ୍ଭାବିତ ନା ଉଦ୍‌ଘାଟିତ ?

ହେ ରାମ, ତୁମ ପାଦପଦ୍ମ
ଯେଉଁଥିରେ
ଆପଣ ଭୂମି ସ୍ୱର୍ଶ କରିଛନ୍ତି
ତାହା ପାଦ ନୁହେଁ, ବାଲ୍ମୀକିଂକ ପଦ୍ୟ !

ମୁଁ ଜହ୍ଲାଦଜୀବନକୁ କୁଟ୍ କୁଟ୍ କରି
କୁନ୍ଦାରେ କାଟୁଛି
ପ୍ରାଣକୁ କିମା କରିଛି
ସଂସ୍ପର୍ଶଜ ଭୋଗ ଦ୍ୱାରା
ଦୁଃଖକୁ ରମଣ କରୁଚି !

ଦୁଃଖପରି ଅଣାୟତ ଭୋଗ
ଆଉ କିଛି ଅଛି କି ?
କିଏ କାନ୍ଦୁଚି ? ଭୂ ଗର୍ଭକୁ-
ପଶି ଯାଉଥିବା ମା ଜାନକୀ ?

♥ ଶବ୍ଦ ଘର, ଗୋଡିସାହି, କଟକ
(ମୋ)୯୪୩୭୭୪୦୨୬୪



### ॥ ଅଛିକି ତମ ଜିଭରେ ହାଡ ॥

**● ଅକ୍ଷୟ ପାତ୍ର**

ଅଛିକି ତମ ଜିଭରେ ହାଡ ?
ଯାହା ଲୋଡାପଡେ
ଉକୁଟାଇବାକୁ ଦମ୍ଭ,
ମୁକ୍ତ କଣ୍ଠରେ ବଖାଣିବାକୁ
ଛୁପାଇ ହେଉନଥିବା ଦ୍ରୋହ
ଓ ଅନ୍ତରତଳର କ୍ଷୋଭ ।

ବୁଝିଲଣିକି ଜିଭ ପାଇଁ
କାହିଁକି ଲୋଡାପଡେ ହାଡ
ହାଡରେ ଭରିବାକୁ ବଜ୍ରର ଶକତି
କାହିଁକି ଲୋଡାପଡେ
ଦଧୀଚିଙ୍କ ତପୋବଳ ?
ବଜ୍ର ପରି ପ୍ରତ୍ୟୟ ଓ ଗର୍ଜନ ସହ
ନ୍ୟାୟ ମାଗୁଥିବା ଜନତାର ଜିଭକୁ
କାହିଁକି ଥାଏ ଶାସକର ଭୟ ?

ଜାଣିରଖ
ଜିଭରେ ହାଡଥିବା ଲୋକ ହିଁ
ଛାତିଫାଡି ଦେଖାଇପାରେ ଦୁଃଖ
ରକତ ନିଗାଡି ଜାହିର୍ କରିପାରେ
ଆପଣା ଉପସ୍ଥିତିର ଚମକ
ଗଳାଫାଡି ଉଚ୍ଚାରିପାରେ
ସତ୍ୟର ଅନାଲୋଚିତ ପ୍ରସ୍ଥ !

ହଁ, ଜିଭରେ ହାଡ ଅବଶ୍ୟ ଲୋଡାପଡେ
ସାଥୀ ସହୋଦରଙ୍କୁ ଶୁଣାଇବାକୁ
ଆତ୍ମାର ଡାକ, ଅନ୍ତରର ଖେଦ
ଆତ୍ମୀୟତାର ଆହ୍ଲାଦ
ପ୍ରୀତ୍ୟାନୁଭବର ଉଚ୍ଛାଟ !

ଆହା ! ଜିଭରେ ହାଡ ନଥାଇଁ
କେଉଁ ଥାଏ ସଂଗ୍ରାମର କୁହାଟ
ଅବା ସଂସ୍କୃତିର ପ୍ରଘଟ ?

♥ ହିନ୍ଦୋଳ ମହାବିଦ୍ୟାଳୟ
ଖଜୁରିଆକଟା, ଢେଙ୍କାନାଳ-୨୦
(ମୋ)୭୦୭୭୯୮୪୯୬୦

### ॥ ଶ୍ରୀରାଧା ॥

**● ସୁଶ୍ରୀ ପ୍ରୀତିଲତା ପଣ୍ଡା**



ଫେରିବାଲାର ଶଂଖା କି
ସିନ୍ଦୁର ଟୋପାକରେ
ସାଇତିବି ନାହିଁ ତୁମର ଆୟୁଷ
କାଳେ କେତେବେଳେ ସେ ତୁଟିଯିବ
ଜୀବନର ଛୋଟ ଗଣିତରେ
ଦେହର ଉଆସରେ
ଖୋଜିବି ନାହିଁ ତୁମର ପ୍ରେମ
କାଳେ କେତେବେଳେ ସେ ଭାଙ୍ଗିପଡିବ
ଅଚିହ୍ନା ବାଟରେ।

ମୁଁ ତୁମର ବିଧବା ହେବିନାହିଁ ବୋଲି ତ
ପିନ୍ଧି ନାହିଁ ତୁମର ବଉଳପାଟ
ବାସି ହୋଇ ଫିଙ୍ଗା ହବ ବୋଲିତ
ଭରସା କରିନାହିଁ
ତମ ଆଠ କଳସ କି ସାତଦୀପ।

ତମେ ତ ଗୋଟିଏ ଅଦ୍ଭୁତ ବଂଶୀ
ମୋତେ ମୋହାଚ୍ଛନ୍ନ କରୁଥାଅ
ଇହ ଆଉ ପରକାଳ
ସ୍ୱାମୀ ଗୋଟିଏ ସୀମାରେଖା
ଆକାଂକ୍ଷାର ପଶାପାଲିରେ
ମୋତେ ଥୋଉଥିବା ରାଜପୁତ୍ର
ଅଧା ଆକାଶର ଗୁଡି
ଟିକିଏ ନିଆଁରେ ଉତୁରୁ ଥିବା କ୍ଷୀରହାଣ୍ଡି।
ତମେ କିନ୍ତୁ ଛୁଇଁ ହେଉନଥିବା
ଓ ମୋତେ ଜଡାଇ ଧରିଥିବା
ଆକାଶର ଛାତି।

ଜନ୍ମ ଜନ୍ମାନ୍ତର ନାରୀଟିର
କାନିରେ ବନ୍ଧା ଥିବା
ତମେ ପ୍ରିୟ ଅପବାଦ
ଯମୁନାର ଜଳ କଳସୀରେ
ଶ୍ୟାମଳ କଳଙ୍କ।

ତମେ ନଈ ସେପଟର ମେଘ
ମୁଁ ଏ ପଟର ଓସ୍ତଗଛ
ତମେ କିଏ ବୋଲି ପଚାରିଲେ
ମୁଁ ପରାର୍ଦ୍ଧ ବାର କହିସାରିଛି ମିଛ
ମୁଁ ସରିଯାଉଥିବା ସଞ୍ଜ
ତମେ ଅନ୍ଧାରରେ କି ଆଲୁଅରେ
ଆକାଶରେ ଜହ୍ନ।

ମୁଁ ମଲ୍ଲୀ ଡାଳରେ
ସବୁ ଜନ୍ମ ଝୁଲାଇ ରଖିଛି
ଯେଉଁ ପ୍ରିୟ ଗୋଟେ ପାପ,
ସ୍ୱାମୀର କୋଳରେ ଥାଇ
ଯେଉଁ ବଂଶୀ ଡାକେ ମୋତେ
ଜୀବନ ଓ ମରଣର ଗାର ଡେଇଁ
ପୁଣି ପାଟ ପଣତରୁ କେବେ ଛାଡ଼େ ନାହିଁ
ଯେଉଁ ଅତୁଟ ଜଞ୍ଜାଳ।

♥ ଆଗରପଡା, ଭଦ୍ରକ
ମୋ-୯୦୪୦୫୮୮୬୬୦

### ॥ ବସନ୍ତ ॥

**● ସୁରେନ୍ଦ୍ର ପାଣିଗ୍ରାହୀ**



ବସଂତ ଆସିଛି ପ୍ରେମ ପ୍ରତୀକ୍ଷାର ପରୀକ୍ଷା ଋତୁରେ
ବସଂତ ଆସିଛି ପ୍ରାପ୍ତ ବୟସ୍କକୁ ପଳାଶଟେ ଦେଇ
ବସଂତ ଆସିଛି ପୁଣି ଦେହମନ ତତଲା ତାତିରେ
ବସଂତ ଆସିଛି ଆମ୍ବ ବଉଳର ପୋଡ଼ା ଶିଖା ହେଇ ।

ବସଂତ ଆସିଛି କାହିଁ ଚମ୍ପାଫୁଲ ଚୁଂବନ ଚିଆଁରେ
ବସଂତ ଆସିଛି ଦେହେ ମାଖିହେଇ ପାଉଁଶ ଶ୍ମଶାନେ
ବସଂତ ଆସିଛି ପୁଣି ପିଙ୍ଗଳାର ପ୍ରୀତି ପାହାନ୍ତିରେ
ବସଂତ ଆସିଛି ମନେ କାଳିସୀର କୁହାଟ କଂପନେ ।

ବସଂତ ଆସିଛି ପୁଣି ପେଁ'କାଳି ବଜେଇ ବଜେଇ
ବସଂତ ଆସିଛି ବଂଧୁ ହାତୀ ଘୋଡ଼ା ମାଛଡିଆଁ ଖେଳେ
ବସଂତ ଆସିଛି ପୁଣି ଅଦିନରେ ବଇଶାଖି ନେଇ
ବସଂତ ଆସିଛି ପୁଣି ବିପିଏଲ୍ ବସ୍ତାନି ଭିତରେ ।

ହେ ବସଂତ ପଳାତକ ପୋଡ଼ିଯାଏ ପ୍ରେମଚିଠି ମୋର
ତୁମବିନା ଲାଗେ ଆଜି ଜରତାକୁ ଯୌବନ ଜହର ।



♥ ବରି, ବାଲେଶ୍ୱର
(ମୋ)୯୪୩୭୨୮୨୯୮୪

### ॥ ହେ ଫଗୁଣ ତମେ ॥

**● ଡକ୍ଟର ଶ୍ରୀଧର ସାମଲ**



ହେ ଫଗୁଣ ତମେ
ଅବୁଝା ମନର
ନୀରବ ଜୋଛନା ରାତି
ପ୍ରୀତିର ବସନ୍ତ
ଶୀତଳ ମଳୟ
ନିର୍ଜନ ଦ୍ୱୀପର ସାଥି।

ହୃଦୟର ତମେ
ଅକୁହା ଯାତନା
ଅନୁନୟ ଅନ୍ତରର,
ଅଧୁରା ସ୍ମୃତିର
ପ୍ରୀତି ଉପହାର
ରାତ୍ରିର ଅଭିସାର।

ହଜିଲା ଅତୀତ
ସପନ ତମେ ମୋ
ସକାଳ ରଜନୀଗନ୍ଧା,
ତମେ ମୋ ମଧୁର
ସ୍ମୃତିର ଦିପାଳୀ
ବସନ୍ତରେ ମଧୁଛନ୍ଦା।

ନିଦାଘରେ ତମେ
ଶୀତଳ ସମୀର
ପାହାନ୍ତି କାକର ବିନ୍ଦୁ,
ନିର୍ଜନ ରାସ୍ତାରେ
ନିରୋଳା ପ୍ରହରେ
ତମେ ମୋ ହଜିଲା ବନ୍ଧୁ।

ତମେ ଯିବା ପରେ
ଜୀବନ ଯନ୍ତ୍ରଣା
କବିତା ବନିତା ହୋଇ,
ଭାବନା ରାଇଜେ
ଅଲେଖା କାଗଜେ
ରହିଯାଏ ସ୍ମୃତି ହୋଇ।

♥ ସଂପାଦକ : ମୌସୁମୀ,
ମୌସୁମୀ ସାହିତ୍ୟ ସଂସଦ,
କେନ୍ଦ୍ରାପଡ଼ା
(ମୋ) ୯୪୩୭୬୦୭୯୯୭

# ଭାଷାର ପ୍ରସାରଣଶୀଳତା ପ୍ରତି ସବୁକ୍ଷେତ୍ରରେ ସଚେତନତାର ଆବଶ୍ୟକତା ରହିଛି : ହୃଦାନନ୍ଦ ପାଣିଗ୍ରାହୀ

**ହୃଦାନନ୍ଦ ପାଣିଗ୍ରାହୀ, ଓଡିଆ କାବ୍ୟ ଜଗତରେ ଏକ ଉଦାତ୍ତ ଉଚ୍ଚାରଣ । ତାଙ୍କର କାବ୍ୟସତ୍ତା ସରଳ, ସ୍ନିଗ୍ଧ ଓ ଆବେଗ ଛଳଛଳ । ନୂତନ ଶୈଳୀର ଛାନ୍ଦସିକତା ତାଙ୍କୁ ନିଆରା କରି ଚିହ୍ନଟ କରିଦିଏ ଅନ୍ୟମାନଙ୍କ ଠାରୁ । ନିଜ ଚାରିପଟର ଜହ୍ନରାତି, ପ୍ରଜାପତି, ପକ୍ଷୀ, ଫୁଲ, ନଈ, ଆକାଶ, ନିକାଞ୍ଚନତା ପ୍ରଭୃତି ତାଙ୍କ କାବ୍ୟ ଚେତନାର ଚିହ୍ନିତ ଚକ୍ରବାଳ । ତାଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ଅଳ୍ପରେ ହୃଦାନନ୍ଦ ପାଣିଗ୍ରାହୀ

ଜନ୍ମ:- ୬ ଅଗଷ୍ଟ ୧୯୫୫
ପିତା- ସ୍ୱର୍ଗତ ହରିହର ପାଣିଗ୍ରାହୀ
ମାତା - ସ୍ୱର୍ଗତା ଫୁଲମଣି ପାଣିଗ୍ରାହୀ
ଜନ୍ମସ୍ଥାନ: ଝାଡପଟା, ଦୋଳସାହି, ଭଦ୍ରକ
ଶିକ୍ଷା -ଏମ୍.ଏ ଓଡିଆ
ପ୍ରକାଶିତ ପୁସ୍ତକ ସଂଖ୍ୟା : ତେଇଶି

**ସମ୍ପାଦନା** - ସ୍ୱରଲିପି, ପ୍ରତିଶ୍ରୁତି, ଚନ୍ଦ୍ରଶିଖା, ପ୍ରଭଞ୍ଜନ, ବିଶେଷ ଖବର ସାହିତ୍ୟପୃଷ୍ଠା



**■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ମୋ ସୃଜନର ଆଦ୍ୟ ସ୍ଫୁରଣ ହୋଇଥିଲା ଯେତେବେଳେ ମୁଁ ରାମ ନାରାୟଣ ହାଇସ୍କୁଲ, ଦୋଳସାହିରେ ପାଠ ପଢୁଥିଲି । ଏହି ଐତିହ୍ୟ ସମ୍ପନ୍ନ ସ୍କୁଲରେ ମୋ ସାହିତ୍ୟ ଶିକ୍ଷକ ବିନୋଦ ବିହାରୀ ପାଣିଗ୍ରାହୀ ମୋର ସୃଜନ ମନସ୍କତାକୁ ଆବିଷ୍କାର କରି ତାକୁ ସଠିକ୍ ଢଙ୍ଗରେ ଲାଳନ ପାଳନ କରିଥିଲେ। ସେ ଥିଲେ ଓଡ଼ିଆ, ଇଂରାଜୀ, ସଂସ୍କୃତରେ ଜଣେ କୃତି ଶିକ୍ଷକ । ତାଙ୍କରି ଆଦର୍ଶ, ଆଚରଣ, ଉଚ୍ଚାରଣ ମୋ ହୃଦୟରେ ଗଭୀର ରେଖାପାତ କରିଥିଲା । ତାଙ୍କରି ଆଶୀର୍ବାଦ ମୋ ଜୀବନ ଓ ସାହିତ୍ୟ ପ୍ରାଣକୁ ଖୁବ୍ ବେଶି ଆଲୋଡ଼ିତ କରିଥିଲା । ତାଙ୍କ ମୁହଁରୁ ସଂସ୍କୃତ ଶ୍ଳୋକ ଓ ଓଡ଼ିଆ ପଦାବଳି ନିର୍ଗତ ହେଉଥିଲା । ଏ ଜୀବନକୁ ସହଜ ସୁଗମ ଓ ଭାବନାକୁ ସ୍ୱଚ୍ଛ କରି ଗଢ଼ି ତୋଳିବା କ୍ଷେତ୍ରରେ ତାଙ୍କର ମହନୀୟ ଅବଦାନ ବେଶି ମନେ ପଡୁଛି । ତାଙ୍କର ଦିଗ୍‌ଦର୍ଶନରେ ମୁଁ ହୋଇ ଉଠିଥିଲି ପ୍ରକୃତିମନସ୍କ । ଭକ୍ତି ଭାବନାରେ ହୋଇଥିଲି ଉଦ୍‌ବୁଦ୍ଧ। ବରଷାର ଟପ୍‌ଟପ୍ ସ୍ୱର, ପବନ ସୁ'ସୁ' ଶବ୍ଦ ଶବ୍ଦକୁ ମୋ ଭିତରେ ଆଣି ଦେଉଥିଲା ଭାବାନ୍ତର । ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ମନ୍ଦିରର ଘଣ୍ଟା ଧ୍ୱନି ଅନ୍ତରରେ ଖେଳେଇ ଦେଉଥିଲା ଭାବତରଙ୍ଗ। ଶାଗୁଆ ଘାସ, ଧାନକ୍ଷେତ, ବିଲବାଡ଼ି ପ୍ରତି ମମତା ସୃଷ୍ଟି ହେଇଯାଉଥିଲା ସ୍ୱଭାବିକ ଭାବରେ । ଘୁମୁରିପାରା, ହଳଦୀବସନ୍ତ, କାଉ, କୋଇଲି ପାଲଟି ଯାଉଥିଲେ ମୋ'ର ଅତି ଆପଣାର । ସକାଳୁ ପିଢା ଉପରେ ବସି କାଉ କା' କା' କରି ମୋତେ ନିଦରୁ ଉଠେଇ ଦେଉଥିଲା। ଗଛଗହଳିରୁ ଭାସି ଆସୁଥିଲା କୋଇଲିର ମିଠା 'କୁହୁ' ସ୍ୱର, କଜଳପାତି ଉଡ଼ିଯାଉଥିଲା ମୋ' ଭାବନାକୁ ଛୁଇଁଦେଇ । ନଈପଠାରେ କାଶତଣ୍ଡୀ ଫୁଲ ମୋତେ ହାତ ହଲେଇ ଡାକୁଥିଲା । ସଂଧ୍ୟା ମାଳତୀ ଫୁଲ ଫୁଟିଉଠି ମୋତେ ଡାକୁଥିଲା । ପ୍ରକୃତିର ଉଦାରପଣକୁ ମୁଁ ମୋ ଚପଳ ପ୍ରାଣରେ ସାଇତି ରଖୁଥିଲି। ପଦ୍ୟ ରଚନା ପାଇଁ ଏସବୁ କ୍ଷେତ୍ର ପ୍ରସ୍ତୁତିରେ ସହାୟକ ହୋଇଥିଲେ । ମୋ ବାପା ୰ହରିହର ପାଣିଗ୍ରାହୀ ଥିଲେ ଜଣେ ନିରୋଳା କୃଷିଜୀବୀ ମଣିଷ । ମୋ ମା' ୰ଫୁଲମଣି ପାଣିଗ୍ରାହୀ ଥିଲେ ଧର୍ମପ୍ରାଣା ଗୃହିଣୀ । ସେମାନେ ବିନୋଦ ସାର୍‌ଙ୍କୁ ମୋ'ର ପାଠପଢ଼ା ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିବା ହେତୁ ତାଙ୍କର ନଜର ସବୁବେଳେ ମୋ ଉପରେ ରହୁଥିଲା । ତା'ରି ଫଳ ସ୍ୱରୂପ ମୁଁ ହାଇସ୍କୁଲରେ ଅଧ୍ୟୟନ ବେଳେ ମୋର ସାହିତ୍ୟାନୁରାଗ ବଢ଼ି ଯାଇଥିଲା । ହାଇସ୍କୁଲ ଛାଡ଼ିବା ବେଳକୁ ଗ୍ରାମଦେବତୀ ଜାଡ଼ିମହଲଙ୍କ ଉଦ୍ଦେଶ୍ୟରେ ଗୋଟିଏ ଚଟିବହି ଲେଖିବାର ପରିକଳ୍ପନା କରି ସାରିଥିଲି । ଭଦ୍ରକ କଲେଜରେ ଆଇ.ଏ ଶ୍ରେଣୀରେ ରଖିଲି ମୋ'ର ଅପ୍‌ସନାଲ ବିଷୟ ଭାବେ ଓଡ଼ିଆ ସାହିତ୍ୟକୁ । ସେହି ଭଦ୍ରକ କଲେଜରେ ମୋର ଓଡ଼ିଆ ସାର୍ କବି ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କୁ ଏହାର ପାଣ୍ଡୁଲିପିଟି ଦେଇଥିଲି ପଢ଼ିବା ପାଇଁ । ସେ ମୋତେ ଯଥେଷ୍ଟ ଉତ୍ସାହ ଦେଇଥିଲେ ଏ କ୍ଷେତ୍ରରେ । ଏ ସୃଷ୍ଟିଟି ପ୍ରକାଶିତ ହୋଇ ଆଲୋକକୁ ଆସିବା ପରେ ଯଥେଷ୍ଟ ପାଠକୀୟତା ସୃଷ୍ଟି କରିଥିଲା ।

**■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟ ଗୁରୁଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ଆଗ ପ୍ରଶ୍ନର ଉତ୍ତର ବାଢ଼ିବା ଭିତରେ ଏକ ପ୍ରକାର ଆଭାସ ଦେଇ ସାରିଲିଣି । ତେବେ ମୋ ବାପା, ମାଆ ଓ ବିନୋଦ ସାର୍‌ଙ୍କୁ ମୁଁ ଏହି ପହିଲି ମାନ୍ୟତା ଦେବି । ଭାଗବତରେ ଚବିଶଗୁରୁ କଥା ମନେ ପକାନ୍ତୁ । ସେହି ନ୍ୟାୟରେ ମୋ ଆଗରେ ଆଉ କିଛି ମୁହଁ ଛାଏଁ ଏଠି ଭାସି ଉଠୁଛି । ଅଧ୍ୟାପକ ଅଜାମ୍ବର ମଲ୍ଲ, ଡକ୍ଟର ଗଙ୍ଗାଧର ବଳ, ଅଧ୍ୟାପକ ସୁଧାଂଶୁ ଶେଖର ରାୟ, କବି ସଚ୍ଚିଦାନନ୍ଦ ରାଉତରାୟ, କବି ଅଧ୍ୟାପକ ପ୍ରମୋଦ କୁମାର ମହାନ୍ତି ଏମାନଙ୍କ ପ୍ରେରଣା, ଶ୍ରଦ୍ଧାପଣ ମୋତେ ଯଥେଷ୍ଟ ଅଭିଭୂତ କରିଛି ।

**■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?**

■■ ସାହିତ୍ୟରେ ମୋର ପ୍ରଥମ ପ୍ରବେଶର ଅନୁଭୂତି ଖୁବ୍ ନିଆରା, ମୋ' ଦୃଷ୍ଟିରେ । ମୋ ଗାଆଁ, ମାଟି, ପାଣି, ପବନ ତାର କୋଳାହଳ, ନିର୍ଜନପଣ ମୋ କାବ୍ୟିକପଣକୁ ନିର୍ମଳ କବିତ୍ୱରେ ମନ୍ତ୍ରସ୍ନିଗ୍ଧ କରିଛି । ମୋ' କଲମ, କାଗଜକୁ ମୁଖରିତ କରି ଚାଲିଛି ଏଯାଏଁ। ମୋର କାବ୍ୟ ସ୍ୱରରେ ମୂର୍ଚ୍ଛିତ ପହିଲି ସକାଳରେ ଚଟିବହିଟିକୁ ମିଶେଇ ଏଯାବତ୍ ମୋର ୨୩ ଖଣ୍ଡ ପୁସ୍ତକ ପ୍ରକାଶିତ । ଅନନ୍ତ ପ୍ରେମର ଗୀତ, ଲୁହର ଟୋପାଏ ଜହ୍ନ, ନଷ୍ଟପାଦ, ଆରତ ନଳିନୀବନ, ଝରି ପଡୁଥିବା ଶୂନ୍ୟତା, ଗୋଟାପଣେ ଦୁଃଖରେ, ଶକୁନ୍ତଳା, ଆଗ ପାହୁଣ୍ଡ, ମାଟି କଥା, ପାଣି ଫୋଟକା, ଦୀଘି, ଅନ୍ଧାରଧୂଳି, ମେଘଆଣ୍ଡି, ଛାଇର ପାଦ (ଇ-ବୁକ୍) ଓ ଗାଆଁର ପଣତ କାନି ପ୍ରଭୃତି ମୋର କାବ୍ୟ କବିତା । ମନେ ପଡ଼େ ଆଜି, ଜହ୍ନ ଝିଲିମିଲି (ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ), ମାୟାମୁରୁଜ, କେତେ ଖରା ତରାଏ ରୂପେ ଚାରିଟି ପ୍ରକାଶିତ ଗୀତି କବିତା ଗ୍ରନ୍ଥ । ଖଣ୍ଡିଏ ପ୍ରକାଶିତ ସାହିତ୍ୟ ଆଲୋଚନା ଗ୍ରନ୍ଥ ହେଲା- ସାରସ୍ୱତ ଗବାକ୍ଷ । ଏଥି ସହିତ ରହିଛି ବବୁରିଗଛର ଭୂତ, ବୁଦ୍ଧିମାନ ଘରଚଟିଆ ଦୁଇଟି ପ୍ରକାଶିତ ଅନୁବାଦ ଗ୍ରନ୍ଥ । ଏ ସମସ୍ତ ପୁସ୍ତକ ଗୁଡ଼ିକ ମୋର ନିଜର ଅତିପ୍ରିୟ, ଅତି ଆପଣାର । ଯାହା ମୁଁ ମୋର ଅନ୍ତର ନିଗାଡ଼ି ସୃଷ୍ଟି କରିଛି, ସେସବୁ ପାଠକମାନଙ୍କର ଅତିପ୍ରିୟ । ଏସବୁ ସୃଷ୍ଟି ଗୁଡ଼ିକ ନିଜ ନିଜ ଗୁଣରେ ଗରିୟାନ ।

**■ ଓଡ଼ିଆ କବିତାର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ କବିତା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ବୋଲି ଭାବନ୍ତି ?**

■■ ଆମ ଓଡ଼ିଆ କବିତା ଏବେ ଭଲ



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ହୃଦାନନ୍ଦ ପାଣିଗ୍ରାହୀ।

ସ୍ଥିତିରେ । ଆମ ସମୟର କବିତା ବେଶ୍ ପରିଚ୍ଛନ୍ନ ଓ ସ୍ୱଚ୍ଛ । ଏବେର କବି କବିତାକୁ ସାର୍ବଜନୀନ ଲୋକାଭିମୁଖୀ କରିବାକୁ ପ୍ରୟାସ କରୁଛି । ଖୁସିର କଥା, ଭୋଗୁଥିବା ସମୟର ଦୁଃଖ କଷଣକୁ ନିଖୁଣ ଭାବେ ଉପସ୍ଥାପନ କରି ପାଠକମାନଙ୍କ ପାଖରେ ପହଞ୍ଚିବାର ପ୍ରୟାସ କରି ଚାଲିଛି । ପାଠକମାନଙ୍କ ହୃଦୟକୁ ଛୁଇଁବା ପାଇଁ ତା'ର ଆବେଗିକ ସଂପର୍କ ଅନିବାର୍ଯ୍ୟ । କବିତାରେ ନିହିତ ତାର ସ୍ୱକୀୟ ଛଂଦ, ସାଂଗୀତିକ ଅନୁରଣନ ମାଧ୍ୟମରେ ଅନ୍ୟର ମନ ଓ ହୃଦୟରେ ଚେକା ମାଡ଼ି ବସିଯାଇ ପାରିବା ତା'ର ମନନଶୀଳତାରେ ବାରମ୍ବାର ଉଚ୍ଛୁଳି ପଡୁଥିବ, ଏହା ମୋର ବିଚାର । ଏଥି ସହିତ ଲୋକ ଭାଷାର ଆବେଦନକୁ ମୁଁ ଗୁରୁତ୍ୱାରୋପ ମଧ୍ୟ କରିଛି । କହନ୍ତୁ ତ ଆଜି ଏତେ ଦିନ ପରେ ଆଧୁନିକତାର ଫକୀରମୋହନ, ରାଧାନାଥ, ଗଙ୍ଗାଧର, କାନ୍ତକବି ପ୍ରଭୃତି କାହିଁକି ଏତେ ପ୍ରିୟ ? ତାଙ୍କ କବିତାର ଭାବ, ଭାଷା ସ୍ୱର୍ଶ କ୍ଷମତା ପାଇଁ ନୁହେଁ କି ?

**■ କୁହାଯାଉଛି ମାତୃଭାଷା ଏବେ ସଂକଟରେ ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାରକରି କରାଯାଇ ପାରିବକି ?**

■■ ମାତୃଭାଷାରେ ନିଜର ଭାବକୁ ହିଁ ଜଣେ ସ୍ୱଚ୍ଛନ୍ଦ ଭାବେ ଅନାୟସରେ ପ୍ରକାଶ କରିଥାଏ, ମୁଁ ଏଥିରେ ସହମତ । ଏହା ସତ୍ୟ ଯେ, ଭାଷା ଅବିକଳ ନଦୀଟିଏ ପରି । ଅନେକ ଭାଷା ମୃତ୍ୟୁ ମୁଖରେ ପଡ଼ିବାର ସମ୍ଭାବନା ରହିଛି। ଭାଷାର ବ୍ୟବହାର ନହେଲେ ତା' ଘଟିଥାଏ । ଉଚ୍ଚାଙ୍ଗ ସାହିତ୍ୟ ରଚନା ଦ୍ୱାରା ଭାଷା ବଳିଷ୍ଠ ହୁଏ । ତା'ର ଅନୁବାଦ ଦ୍ୱାରା ତାର ଉତ୍କୃଷ୍ଟତା ପ୍ରତିପାଦିତ ହୁଏ । ମାତୃଭାଷାର ଉନ୍ନତି ପାଇଁ ଏସବୁ ଗୋଟେ ଗୋଟେ ମାଧ୍ୟମ । ଭାଷାର ପ୍ରସାରଣଶୀଳତା ପ୍ରତି ସବୁକ୍ଷେତ୍ରରେ ସଚେତନତାର ଆବଶ୍ୟକତା ରହିଛି । ଆମ ଓଡ଼ିଆ ଭାଷା ଏକ ପ୍ରାଚୀନ ସମୃଦ୍ଧଭାଷା । ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରାପ୍ତ ହେବା ଦ୍ୱାରା ଏହାର ମର୍ଯ୍ୟାଦା ବଢ଼ିଛି। ଆଗକୁ ବଢ଼ି ଚାଲିବାର ଦାୟ, ଦାୟିତ୍ୱ ଆମର । ସବୁ ସାହିତ୍ୟର ସୃଷ୍ଟି ପହିଲେ ପଦ୍ୟରୁ । ହୃଦୟର ଆବେଗ ପଦ୍ୟ ମାଧ୍ୟମରେ ଅଧିକ ସଞ୍ଚାରିତ ହୁଏ । ଅନ୍ତରରୁ ସ୍ଫୁରିତ ଭାବ ଓ ଭାଷାର ସମନ୍ୱୟରେ ସମ୍ପର୍କ ଯୋଡ଼ି ହେବାରେ ଲାଗିଥାଏ ଲୋକଭାଷାର ଏ ଉଷାକାଳରୁ ଭାଷାର ବିକାଶ ପର୍ବରେ ଆମେ ଆଜି ଯେଉଁଠି ଆସି ପହଞ୍ଚିଛୁ ସେସବୁକୁ ସାଥିରେ ନେଇ ଆମକୁ ଚାଲିବାକୁ ପଡ଼ିବ । ହୃଦୟର ଆବେଗ ଓ ସ୍ୱତଃ ସ୍ଫୁର୍ତ୍ତତା ଯେହେତୁ ଏହାର ଅସଲ ଗୁଣ ତେଣୁ କବିତାର ମାଧ୍ୟମକୁ ତ ନିଶ୍ଚିତ ଭାବେ ଗ୍ରହଣ କରିବାକୁ ପଡ଼ିବ ।

**■ ଭଲ କବିତାର ସଂଜ୍ଞା କଣ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ? ନିଜେ ଜଣେ କବି ଭାବରେ ସେମିତି କିଛି ଅନୁଭବ ଆପଣଙ୍କ ପାଖରେ ଅଛି କି ?**

■■ କବିତା ଏକ ସୂକ୍ଷ୍ମ କଳା । ହୃଦୟ ଛୁଆଁ ଭାଷାରେ ଉଚ୍ଚାଙ୍ଗ ଭାବର କବିତାଟି ସ୍ମରଣୀୟ ସବୁବେଳେ । ଏହାର ସ୍ମରଣୀୟତା ହିଁ କବିତାର ଅସଲ ଗୁଣ । ଦୁର୍ବୋଧ୍ୟ କବିତା ହେଉଛି ଅସ୍ୱଷ୍ଟ କବିତା । ନାନାଦି ଜଟିଳତାର ମାୟାଜାଲରେ ଛଂଦାଛଂଦି । ଅସ୍ୱଷ୍ଟତା ଯୋଗୁଁ ତା' ପାଠକଠାରୁ ଦୂରେଇ ଯାଏ । ମାତ୍ର ହୃଦୟର ଆବେଗକୁ ଧରି ଭଲ କବିତାଟି ଚାଲିଥାଏ ତା' ବାଟରେ । ଛାଡ଼ି ଯାଏନା ପାଖରୁ ଜୀଇଁଥିବା ଯାଏ । ଭଲ କବିତା ମାନସିକ ପରିବର୍ତ୍ତନରେ ସହାୟକ ହୋଇଥାଏ ନିଶ୍ଚୟ । ଛାତି ଭିତରକୁ ଚହଲେଇ ଦେବାର ଶକ୍ତି ଭଲ କବିତାରେ ହିଁ ଥାଏ । କବିତାର ଧାଡ଼ିଟିଏ ଯଦି ଆମ ମନ ଓ ହୃଦୟକୁ ଚହଲେଇ ଦେଇ ନପାରିଲା ସେ କବିତାକୁ ପାଠକ ଗ୍ରହଣ କରିପାରିବ କେମିତି ? ଭଲ କବିତା ମନ ଓ ହୃଦୟକୁ ବାରମ୍ବାର ଟାଣି ନେଉଥାଏ ତା' ପାଖକୁ । ଅତି ସହଜରେ ମନେ ରହିଯାଉଥିବା କବିତାଟି ତା ପାଖ ଛାଡ଼ି ଯାଇ ପାରେନା କେବେବି । ମୋ କବିତା ପଢ଼ି ପାଠକମାନେ ତାଙ୍କ ଜୀବନରେ ଘଟିଥିବା ଘଟଣାକୁ ପ୍ରତ୍ୟକ୍ଷ କରିଛନ୍ତି । ସେମାନଙ୍କ ଦୁଃଖ କଥା ମୁଁ ଲେଖି ପାରିଛି ବୋଲି ସେମାନେ ତା ଭିତରେ ହଜିଯାଇଛନ୍ତି, ମଜ୍ଜି ଯାଇଛନ୍ତି ବାରମ୍ବାର ପଢ଼ିଛନ୍ତି, ବାରମ୍ବାର ଭାବିଛନ୍ତି, ଚିଠି ଲେଖିଛନ୍ତି, ଦୂରାଭାଷରେ କଥା ହେଇଛନ୍ତି । ତାହା ହୃଦୟରେ ରେଖାଙ୍କିତ ହୋଇ ରହିଥିବ ସବୁଦିନ ପାଇଁ।





**■ ଜଣେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଭାବରେ ଓଡ଼ିଆ ଭାଷା ସାହିତ୍ୟ, ବିଶେଷକରି ଓଡ଼ିଆ କବିତାର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?**

■■ ପୂର୍ବ ଅପେକ୍ଷା ଏବେ ଅଧିକରୁ ଅଧିକ ଲେଖକମାନଙ୍କର ପୁସ୍ତକ ପ୍ରକାଶିତ ହେବାରେ ଲାଗିଛି । ମାତ୍ର ଭଲ ବହିର ସଂଖ୍ୟା କେତେ ? ପୁସ୍ତକର ଗୁଣାତ୍ମକ ମାନ ପ୍ରତି କେତେ ସଚେତନତା ଅଛି ? ପ୍ରକାଶକମାନେ କବିତା ବହି ଛାପିବାକୁ ଅନେକ କ୍ଷେତ୍ରରେ ଅମଂଗ ହେବା ବେଳେ ଲାଭ ଜନକ ବହି ଛପିବା ପାଇଁ ନୂଆ ନୂଆ ବ୍ୟବସ୍ଥା କରୁଛନ୍ତି । ଶୁଣାଯାଉଛି, ପାଠକଙ୍କ ସଂଖ୍ୟା କ୍ରମଶଃ କମି ଯାଉଛି ବୋଲି । ବହି ଭଲ ବିକ୍ରି ହେଉ ନାହିଁ ବୋଲି ଲେଖକଙ୍କଠୁ ମୁହଁ ଫେରେଇ ନେଉଛନ୍ତି । ପାଠାଗାର ତରଫରୁ ନିୟମିତ ବହିକିଣା ହେଉ ନାହିଁ । ହ୍ୱାଟ୍‌ସଆପ୍, ଫେସବୁକ୍‌ରେ ଅନେକ କବିତା ଦେଖିବାକୁ ମିଳୁଛି । ଆମେ ଘରେ ବସି ମୋବାଇଲ ମାଧ୍ୟମରେ ସାହିତ୍ୟର ବିଭିନ୍ନ ବିଭବକୁ ପ୍ରାପ୍ତ ହେଉଛୁ । ଲେଖା ଗୁଡ଼ିକୁ ସେୟାର କରି ପାରୁଛୁ । ମିଛ ଯନ୍ତ୍ରରେ କଉଁଠି କେମିତି ଅଯଥା ପ୍ରଶଂସା ଆଉ ମିଛ ଲାଇକ୍ । ଆଉ କିଛି ଲେଖକ ତାଙ୍କର ସହଯୋଗୀମାନଙ୍କ ସହିତ ଯୋଡ଼ି ହେଇ ଯାଉଛନ୍ତି। କେହି କେହି ଟିପରେ କବିତା ଟାଇପ୍ କରି ଭାବକୁ ଘଷିମାଜି ପ୍ରକାଶ କରିବା ଭିତରେ ତା ଭାବବାହୀ କ୍ଷମତା ଭଙ୍ଗୁରତାରେ ସମର୍ପିତ ହୋଇ ଯାଉଛି । ସ୍ଥଳ ବିଶେଷରେ କିଛି କିଛି ଭଲ କବିତା, ଗପ ପ୍ରଭୃତି ଆସୁଛି । ଏସବୁ ଆମ ଓଡ଼ିଆ ଭାଷା ସାହିତ୍ୟର ମାପକ ହୋଇ ନପାରେ। ଉତ୍କୃଷ୍ଟ ସାହିତ୍ୟ ସମାଲୋଚନାର ଯଥେଷ୍ଟ ଆବଶ୍ୟକତା ରହିଛି । ବିଭିନ୍ନ ସ୍ଥାନରେ କବିତା ପାଠୋତ୍ସବ ଯୋରସୋର୍‌ରେ ଚାଲିଲେ କଣ ହେବ, ଭଲ କବିତାଟିଏ ନେଇ କବିତା ପାଠୋତ୍ସବକୁ ଆସିବାର ମାନସିକତା ଆମର ଧ୍ୟେୟ ହେଉ । ମନେ ରଖିବା ଉଚିତ୍ ଯେ କବିର କବିତାଟି ଶ୍ରୋତାର ମନକୁ ପାଇବା ଉଚିତ । ଯୁବ କବିମାନଙ୍କୁ ପରାମର୍ଶ ହେଲା, ସେମାନଙ୍କ ହାତରୁ ଭଲ କବିତା ଉତୁରୁ। ଭଲ କବିତା ଲେଖିବା ପଢ଼ିବା, ଶୁଣିବାର ନିରନ୍ତର ପ୍ରୟାସ ଜାରି ରହୁ।

**■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ପାଠକ ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ସବୁ ସମୟରେ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ରହି ଆସିଛି ଓ ରହିଥିବ ମଧ୍ୟ । ସ୍ରଷ୍ଟାଟିଏ ଯେତେବେଳେ ପୁରସ୍କାର ମନସ୍କ ହୋଇପଡ଼େ ତାର ସୃଜନ ବ୍ୟାହତ ହୁଏ । କିଛି ଅଧିକ ପରିଚିତି, ଅର୍ଥରାଶି ତା ପାଖକୁ ଆସିଥାଏ ସିନା ମାତ୍ର ତା' ଅଜ୍ଞାତସାରରେ ଯେଉଁ ବିପତ୍ତି ଘନେଇ ଆସେ, ସେ ମର୍ମ ବେଦନାକୁ ଦେଖି ହୁଏନାହିଁ କି କାହାକୁ ଦେଖେଇ ହୁଏନାହିଁ । ❤





ସ୍ମୃତିଚିତ୍ର : ଅଷ୍ଟମ ଆନ୍ତର୍ଜାତିକ ଲେଖକୋତ୍ସବ-୨୦୧୨ 'ଦୀଘି' ପୁସ୍ତକର ଲୋକାର୍ପଣ ଉତ୍ସବରେ କବି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର,
୨୫ ଫେବୃଆରୀ ୨୦୨୪



# ମୋର ଆତ୍ମ ନିର୍ବାସନ କାଳରେ ବି ମୋତେ ଖୋଜିଥିଲେ

## ପ୍ରିୟ ପାଠକ-୩



ସତ୍ୟ ମିଶ୍ର

ଚାଳିଶି ବର୍ଷ ସାହିତ୍ୟ ଜଗତରୁ ଅପସରି ଯାଇଛି (୧୯୭୩ରୁ ୨୦୧୩)। ପୁଣି ଯେତେବେଳେ ଫେରିଆସିଲି କି ସୃଜନକ୍ଷେତ୍ରର ଅନିଶ୍ଚିତ, କୁଣ୍ଠିତ ଭାବରେ ପ୍ରବେଶ କଲି, ପୁରୁଣାପାଠକମାନେ ମୋତେ ମନେ ରଖିଥିବାର ଦେଖି ଖୁସିଲାଗିଲା।

ଯଦି ଜଣେ ଗାୟକ ବା ଗାୟିକାଙ୍କୁ ପଚରାଯାଏ 'ତମର ପ୍ରିୟ ଶ୍ରୋତା କିଏ' ଅଥବା ଜଣେ ଅଭିନେତାଙ୍କୁ ପଚରାଯାଏ 'ତମର ପ୍ରିୟ ଦର୍ଶକ କିଏ', ସେମାନେ ଉତ୍ତର ଦେଇପାରିବେ କି ନାହିଁ ତାହା କହିହେବ ନାହିଁ। କିନ୍ତୁ ଯେକୌଣସି ଲେଖକ ପାଇଁ ପ୍ରିୟ ପାଠକ ଚୟନ କରିବା ଏକ ଦୁରୂହ ବ୍ୟାପାର। ପାଠକମାନେ ତାଙ୍କର ପ୍ରିୟ ଲେଖକ ବାଛି କହିପାରିବେ । କିନ୍ତୁ ଲେଖକ?

ମୌଳିକ ପ୍ରଶ୍ନ ହେଉଛି ପାଠକର ଶ୍ରେଷ୍ଠତ୍ୱ ପ୍ରତିପାଦିତ ହେବ କିପରି? ଲେଖକ ଦୃଷ୍ଟିରେ ପାଠକ ନିର୍ଦ୍ଦିଷ୍ଟ ନୁହେଁ। ଏକ ବିଶାଳ ଗୋଷ୍ଠୀର ଏକକ ଯାହା ସେହି ଗୋଷ୍ଠୀ ଭିତରେ ତାର ବ୍ୟକ୍ତିସତ୍ତା ବିଲୀନ ପ୍ରାୟ। କେଉଁମାନେ ଓ କେତେଜଣ ତା ଲେଖା ପଢ଼ନ୍ତି ତାହା ଲେଖକ ଜାଣେନାହିଁ। ସେହି ଅଜଣା ଭିଡ଼ ଭିତରୁ କେଉଁ ମାନଦଣ୍ଡରେ ଜଣକୁ ବାଛି ସୂଚିତ କରାଯିବ? ଲେଖା ପଢ଼ି ବେଶୀ ମୁଗ୍ଧ ହେଉଥିବା ପାଠକ? ଲେଖାର ଭଲ, ଅସାର ଦିଗ ସବୁ ଲେଖକର ଦୃଷ୍ଟିକୁ ଆଣିପାରୁଥିବା ପାଠକ? ସବୁଠାରୁ ଅନୁରକ୍ତ ପାଠକକୁ ପ୍ରିୟ ପାଠକର ଆଖ୍ୟା ଦେବା ଭୁଲ।

ଏସବୁ ଅସମାଧିତ ପ୍ରଶ୍ନର ଜାଲରେ ଛନ୍ଦି ହୋଇଥିବା ସତ୍ତ୍ୱେ ମଧ୍ୟ କେତେଜଣ ପାଠକ ମନରେ ବସାବାନ୍ଧି ରହିଯାଆନ୍ତି। ସେ ଲେଖା ପଢ଼ି ଅନୁରକ୍ତି ପ୍ରକାଶ କଲେ ବି ବିରକ୍ତି ପ୍ରକାଶ କଲେ ସେ ପ୍ରଶ୍ନ ଅବାନ୍ତର। ତାଙ୍କୁ ଲେଖା ଭଲ ଲାଗିଲା ନା ଖରାପ ଲାଗିଲା, ତାହା ମଧ୍ୟ ଅବାନ୍ତର। ଯେଉଁ ପାଠକ ଶତ ସହସ୍ର ଲେଖା ଭିତରୁ ମୋ ଲେଖାକୁ ଖୋଜି ସାଉଁଟି ପଢ଼ିବାକୁ ବ୍ୟାକୁଳ ହୁଏ, ସେ ମନରେ ରହିଯାଏ। ମୋର ନୂଆ ଲେଖାଟିଏ ପ୍ରକାଶ ପାଇଛି ବୋଲି ଜାଣିବାମାତ୍ରେ ତାହା ସଂଗ୍ରହ କରି ନପଢ଼ିବା ପର୍ଯ୍ୟନ୍ତ ଅଥୟ ହୋଇଯାଏ, ସେହି ପାଠକ ମୋର ପ୍ରିୟ। ଆଉ ଗୋଟିଏ ମାପକ ମଧ୍ୟ ମୋ ପାଇଁ ରହିଛି। ଯାହା ଅନ୍ୟ କୌଣସି ଲେଖକଙ୍କ ପାଇଁ ପ୍ରଯୁଜ୍ୟ ହେବନାହିଁ। ମୁଁ ୧୯୭୦ର ଆଦ୍ୟ ଭାଗରେ ଗଳ୍ପ ଲେଖୁଥିଲି। ପ୍ରଥମ ସଙ୍କଳନ 'ବହୁବଚନ' ୧୯୭୨ରେ ପ୍ରକାଶ ପାଇଥିଲା। ସ୍ୱୀକୃତି ପାଇଥିଲା। ପ୍ରଶଂସା ପାଉଥିଲି।

ତାପରେ ଚାଳିଶି ବର୍ଷ ସାହିତ୍ୟ ଜଗତରୁ ଅପସରି ଯାଇଛି (୧୯୭୩ରୁ ୨୦୧୩)। ପୁଣି ଯେତେବେଳେ ଫେରିଆସିଲି କି ସୃଜନକ୍ଷେତ୍ରର ଅନିଶ୍ଚିତ, କୁଣ୍ଠିତ ଭାବରେ ପ୍ରବେଶ କଲି, ପୁରୁଣାପାଠକମାନେ ମୋତେ ମନେ ରଖିଥିବାର ଦେଖି ଖୁସିଲାଗିଲା। ଜାଣିବାକୁ ପାଇଲି, ସେମାନଙ୍କ ଭିତରୁ କେତେଜଣ ମୋର ଆତ୍ମ ନିର୍ବାସନ କାଳରେ ମୋତେ ଖୋଜିଥିଲେ ଓ କୌଣସି ପତ୍ରିକାରେ ନପାଇ ନିରାଶ ହୋଇଥିଲେ। ଅନେକ ପୁରୁଣା ପାଠକ ହଜିଯାଇଥିଲେ, ନୂଆପାଠକ ସୃଷ୍ଟି ହୋଇଥିଲେ। ଏପରି ବିଚିତ୍ର ସୃଜନ ଯାତ୍ରା ଭିତରେ ଯେଉଁ କେତେଜଣ ମୋ ସହିତ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଅନୁରକ୍ତ ପାଠକ ହୋଇ ରହିଆସିଛନ୍ତି, ସେମାନଙ୍କ ଭିତରୁ ଜଣଙ୍କୁ ମୋର ପ୍ରିୟ ପାଠକ ବୋଲି ଚିହ୍ନିତ କରିବାରେ ମୋର ଦ୍ୱିଧା ନାହିଁ।

> ତାଙ୍କ ବୟସ ନବେ ବର୍ଷ। ନାମ ଲକ୍ଷ୍ମୀନାରାୟଣ ଦାସ। ସପତ୍ନୀକ ଜୟପୁରରେ ରହନ୍ତି। ତାଙ୍କ ଜନ୍ମ ପଶ୍ଚିମ ଓଡ଼ିଶାରେ, କିନ୍ତୁ ଜୟପୁରକୁ ସ୍ଥାୟୀ ବସତି ହିସାବରେ ଗ୍ରହଣ କରିନେଇଛନ୍ତି।

ତାଙ୍କ ବୟସ ନବେ ବର୍ଷ। ନାମ ଲକ୍ଷ୍ମୀନାରାୟଣ ଦାସ। ସପତ୍ନୀକ ଜୟପୁରରେ ରହନ୍ତି। ତାଙ୍କ ଜନ୍ମ ପଶ୍ଚିମ ଓଡ଼ିଶାରେ, କିନ୍ତୁ ଜୟପୁରକୁ ସ୍ଥାୟୀ ବସତି ହିସାବରେ ଗ୍ରହଣ କରିନେଇଛନ୍ତି। ଅନେକ ବର୍ଷ ତଳୁ ଚାକିରୀରୁ ଅବସର ନେଇ ଏବେ ଶାନ୍ତ, ସମାହିତ ଜୀବନ ଅତିବାହିତ କରୁଛନ୍ତି। ଉଚ୍ଚପଦରେ ଚାକିରି କରିଥିବାରୁ ଅନେକ ପ୍ରଶାସକ ଓ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ତାଙ୍କର ପରିଚୟ ରହିଛି। ସେମାନଙ୍କ ଭିତରେ କେତେକ ଲେଖକ ମଧ୍ୟ ଅଛନ୍ତି। ସେ କେଉଁ ଓଡ଼ିଆ ଲେଖକମାନଙ୍କର ଲେଖା ପଢ଼ିବାପାଇଁ ଖୋଜନ୍ତି ତାହା ମୁଁ ଜାଣିନାହିଁ; କିନ୍ତୁ ମୋର ଧାରଣା ଯେ ସେ ମୋ ଛଡ଼ା ଆଉ କେତେଜଣ ଲେଖକଙ୍କର ମଧ୍ୟ ପ୍ରିୟ ପାଠକ ହୋଇଥିବେ। ସେ ଇଣ୍ଟରନେଟରେ ମେଲ୍ ଓ ଫେସବୁକ୍ ବ୍ୟବହାର କରନ୍ତି। ଅସୁସ୍ଥ ରହୁଥିଲେ ମଧ୍ୟ ପଢ଼ିବାର ନିଶା ଅପ୍ରତିହତ। ତେଣୁ ନିଜ ପେନସନର ଗୋଟିଏ ବଡ଼ ଭାଗ ବହି କିଣିବାପାଇଁ ଖର୍ଚ୍ଚ କରନ୍ତି।

ମୁଁ ଯେବେ ଜୟପୁର ଯାଏ ତାଙ୍କ ସହିତ ଦେଖା ନକରି ଫେରେନାହିଁ। ଅନେକ କଥାବାର୍ତ୍ତା ହୁଏ। ଅନେକ ବିଷୟରେ ଆମ ଦୁହିଁଙ୍କ ଚିନ୍ତାଧାରା ମେଳ ଖାଉଥିବାରୁ ଖୁବ୍ ଭଲ ଲାଗେ।

ପ୍ରତ୍ୟେକ ଲେଖକ ଜଣେ ପାଠକ ମଧ୍ୟ। ବେଳେବେଳେ ମୋ ମନରେ ପ୍ରଶ୍ନଟିଏ ଉଙ୍କିମାରେ: ମୁଁ ନିଜେ କୌଣସି ଲେଖକଙ୍କର ପ୍ରିୟ ପାଠକ ହୋଇଥିବି କି? ଉତ୍ତର: ନା, ଆଦୌ ନୁହେଁ, ମୋର ସେହି ଯୋଗ୍ୟତା ନାହିଁ।



ପ୍ରିୟ ପାଠକ: ଲକ୍ଷ୍ମୀନାରାୟଣ ଦାସ

♥ ୫୬୧/୩୧୨୦, ମଲ୍ଲିକ କମ୍ପ୍ଲେକ୍ସ(ଲେନ୍-୧) ଜାଗମରା, ଭୁବନେଶ୍ୱର-୭୫୧୦୩୦

---

# ଆଂଜୁଳାଏ ସ୍ୱପ୍ନର ତନ୍ମୟତା: ସାବିତ୍ରୀଙ୍କ 'ସ୍ୱପ୍ନର ନାଁ ନଈ'

ପଢ଼ିବା ପରେ...

ଅନେକ ସମୟରେ ମଣିଷ କିଛି ବୁଝି ପାରେନି । କେତେବେଳେ ସ୍ୱପ୍ନର ନାଁ ନଈ ହୋଇଯାଏ ତ କେତେବେଳେ ତମାମ ନଈ ହୋଇଯାଏ ସ୍ୱପ୍ନମୟ । ଜୀବନ ଜୀଇଁବା ପାଇଁ ସ୍ୱପ୍ନ ଜରୁରୀ । ସ୍ୱପ୍ନ ପାଇଁ ଲୋଡ଼ା ନିଦ । ନିଦ ପାଇଁ ନିହାତି ଆବଶ୍ୟକ ଗୋଟେ ରାତି । ଯୋଉ ରାତିରେ ଆକାଶରେ ଅଗଣନ ତାରା ଫୁଟିଥିଲେ ବି ନଈ ପାଣିରେ ଦୋଳି ଖେଳୁଥାଏ ଆକାଶର ଏକୁଟିଆ ଜହ୍ନ । ପବନ ଗାଉଥାଏ ଗୀତ । ସେ ଗୀତର ତାଳେ ତାଳେ ଅଂଧାର ପାଦ ଚିପି ଚିପି ଚାଲୁଥାଏ ଭୋର୍‌ର ଆଲୁଅ ଆଡ଼କୁ, ଯୋଉଠି ମାୟା ପରି ଦିଶୁଥାଏ ସେଇ ଦୂର ଗାଁ ର ଛୋଟ ଚାଳଘର, ହୃଦୟର ତାର ପରି ଲମ୍ବି ଯାଉଥିବ ସେଇ ଛୋଟ ନାଳି ସଡ଼କ, ଗଛରେ ଫୁଟିଥାଏ ହଳଦୀ ରଂଗର ଫୁଲ । ଖାଲି ଫୁଲ ନୁହେଁ, ସେଠି ଥାଏ ଫୁଲବଣ, ପ୍ରଜାପତି ବି । ସବୁ ଭିତରେ କିନ୍ତୁ ଥାଏ ଗୋଟେ ସ୍ୱପ୍ନ । ଯାହାକୁ ନେଇ ମଣିଷ ବଂଚେ । ସେଇ ସ୍ୱପ୍ନ ଯେତେବେଳେ ନଈ ହୋଇଯାଏ ସେତେବେଳେ ସେଇ ନଈ ପାଣିରେ କାଗଜ ଡଙ୍ଗା ହୋଇ ଭାସିଯାଏ ଜୀବନ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ଅବଧି ଭିତରର ଡହଡହ ଖରା, ଟହଟହ ଶୀତ, ଝରଝର ବର୍ଷା ଆଉ ବସନ୍ତର ଝିଲ୍‌ମିଲ୍ ରଂଗଭରା ରଂଗୋଳି ।

ସ୍ୱପ୍ନକୁ ନଈର ନାଁ ଦେଇ, ଜୀବନକୁ ଯାଯାବର ଠାରୁ ଆରମ୍ଭ କରି ସ୍ୱପ୍ନ ସବୁକୁ ମାନବୀୟ ଅନୁଭବର ଅନୁରାଗ ଦେଇ ପାଠକଂକ ଚେତନାକୁ ରସାଣିତ କରି କବି ସାବିତ୍ରୀ କବି ଅଣଚାଳିଶ କବିତା ଭେଟି ଦେଇଛନ୍ତି 'ସ୍ୱପ୍ନର ନାଁ ନଈ' ଶୀର୍ଷକ କବିତା ଗ୍ରନ୍ଥରେ । ସ୍ୱପ୍ନ ସବୁ ନଈ ହୋଇ ଯାଇଥିବା କବିତା ବହିଟିର ପୃଷ୍ଠା ଓଲଟେଇଲେ କବିଙ୍କର କଥା ଶୁଭେ ବେଶ୍ ମାର୍ମିକ ।

'ମୁଁ କାଳେ ସଂସାରୀମାନଙ୍କ ଭାଷା ବୁଝିଲି ନାହିଁ
ରଖିଲି ନାହିଁ ନିଜ ଦେହ ପା'ର ନିଜର
ମାତିଲି ଶବ୍ଦଖେଳରେ
ମାତିଲି ଖୋଜା ଲୋଡ଼ାରେ
ଜହ୍ନ ପାଇଁ, ମେଘ ପାଇଁ,
ଅଂଧାର ପାଇଁ ପାଗେଳୀ ହେଲି
+ + + + + +
ମୁଁ ଏକ୍ଲା ଈଶ୍ୱରୀଟିଏ ମୋ କଳ୍ପିତ ସ୍ୱର୍ଗର
ତୁମର ଘର ଅଛି, ମୋର ଘର ନାହିଁ
ମୁଁ ଯାଯାବର । (ଯାଯାବର)

କବିଟିଏ ଚିରକାଳ ଈଶ୍ୱରୀୟ ସତ୍ତାର ଅଧିକାରୀ । ସେ ଘନଘୋର ଅନ୍ଧାର ଭିତରୁ ଅନ୍ୱେଷଣ କରିପାରେ ବିନ୍ଦୁଏ ଆଲୋକ । ସେ ଈର୍ଷା ଅସୂୟାର ଅଗନା ଅଗନି ଭିତରୁ ଖୋଜିପାରେ ଚନ୍ଦନବନ । ସେ ଏକାନ୍ତବାସର ଋତୁ ଭିତରୁ ଗୋଟେଇପାରେ ମିଠା ଅନୁଭବ । ଆବିଷ୍କାର କରିପାରେ ମାଟି ଭିତରେ ପୋତିହୋଇ ଯାଇଥିବା ଗୋଟେ ସୁନ୍ଦର ସଭ୍ୟତାର ଇତିହାସ । ଅଥଚ ସେଇ ଖୋଜିବା, ଲୋଡ଼ିବା ଓ ଅନ୍ୱେଷଣର ପର୍ବ ଭିତରେ ନିଜକୁ କେମିତି ହଜେଇ ଦିଏ ସିଏ ନିଜେ ବି ଜାଣେନା ।

ଚମତ୍କାର ପଙ୍‌କ୍ତିଟିଏ କବି ସାବିତ୍ରୀଙ୍କର-
ମୁଁ କିଏ ?
ମୁଁ କଣ ପକ୍ଷୀଟିଏ, ଗୀତଟିଏ, ନଈଟିଏ
ଅନେକ ଦିନୁ ହଜିଯାଇଥିବା ସୁନ୍ଦର ସ୍ୱପ୍ନଟିଏ
ନା ମରୁଭୂଇଁର ବାଲି ଦେହରେ
ସରୁ ଧାରଟିଏ ହୋଇ
ବୋହି ଯାଇଥିବା ଜଳର ଭ୍ରମ... (ନିଜ ସହ ନିଜେ)

ଧୂରୀଣ କାବ୍ୟଶିଳ୍ପୀ ସାବିତ୍ରୀ କବିଙ୍କର ଏହି 'ସ୍ୱପ୍ନର ନାଁ ନଈ' ପୁସ୍ତକଟିରେ ରହିଛି ସମୁଦାୟ ଅଣଚାଳିଶିଟି କବିତା । ସମଗ୍ର କବିତା ବହିଟିରେ କବି କେତେବେଳେ ଯାଯାବର ତ କେତେବେଳେ ତାଙ୍କ ଋତୁମାନେ ଏକାନ୍ତବାସରେ । କେତେବେଳେ ନିଜ ସହ ନିଜେ ଥାଇ ହଜେଇଲେଣି କବିତା ଡାଏରି, ଅସୁମାରୀ ସ୍ମୃତି, ଜୀବନ ଓ ପ୍ରେମକୁ ତ କେତେବେଳେ ଦୁଃଖ ଏତେ ମିଠା ବୋଲି ପୁଣ୍ୟକୁ ପ୍ରାର୍ଥନା କରନ୍ତି ସେ । ତାଙ୍କ କବିତାରେ ଝିଅର ଘର, ସ୍ୱପ୍ନ ଓ ଅନ୍ଧାର, ଭୁଲିବାର ଋତୁ, କୁନିଝିଅର ସ୍ୱପ୍ନ, ନିଆଁ ପାଣିର ଖେଳ ସବୁ ଥାଏ । ଥାଏ ସ୍ମିତା ଦାସ, ଥାଏ ବି ଫର୍ଚ୍ଚା ଆକାଶ ।

'କୁନି ଝିଅର ସ୍ୱପ୍ନ' କବିତାରେ ସେ ଲେଖନ୍ତି-

'ଝିଅ ସକାଳ ପରି ସୁନ୍ଦର ଓ ଛଳଛଳ
ଝିଅ ହଜିଯାଇଥିବା ମିଠା ଋତୁଟିଏ ମୋ ଜୀବନର,
ଝିଅ ଗୋଟେ ଲୋଭନୀୟ କବିତା
ମୋ ଡାଏରିର,
ଝିଅ ଗୋଟେ ଚିତା ଅଙ୍କା କାନ୍ଥର ଛବି
ମୋ ଇପ୍‌ସିତ ପୃଥିବୀର
ଝିଅ କଅଁଳୁଥିବା ସ୍ୱପ୍ନଟିଏ ମୋ ଅବଶିଷ୍ଟ ଆୟୁଷର
ମୁଁ ହେଲେ କୁନି ଝିଅଟିଏ ହୋଇଯାଆନ୍ତି କି
ମୋ ଝିଅର !'

କବିଟିଏ ନିବିଡ଼ ଆତ୍ମୀୟତାରେ ପରିପୂର୍ଣ୍ଣ ଏକ ଭିନ୍ନ ଇଲାକାର ସନ୍ଧାନ ଦିଏ । ସମଗ୍ର ସଂସାରର କଥା, ବ୍ୟଥାକୁ ସେ ଗୋଟେଇ ଆଣି ପାରେ ଆକାଶରୁ ଖସୁଥିବା କୁଆପଥର ପରି । ମାୟାରେ ବାନ୍ଧି ପାରେ, ଶ୍ରାବଣର ଭରା ନଈରେ ଭସେଇ ଦେଇ ପାରେ ଛାତି ତଳର ଭାବ ପ୍ରବଣତାକୁ । ବାସ୍ତବତା, ଜୀବନବୋଧ, ମାନବ ସମ୍ବେଦନା ସହ ଗୋଟେ ଛଳଛଳ ଆବେଗ ପ୍ରବଣତାକୁ ଗୋଟିଏ ସୂତାରେ ଗୁନ୍ଥି ତିଆରି କରିପାରେ ଅପରୂପା କବିତାର ମାଳା । କବି ସାବିତ୍ରୀ କବିଙ୍କ କବିତାରେ ପ୍ରେମଠୁ ଅଧିକ ଉଜ୍ଜ୍ୱଳ ଦିଶୁଛି ସେମିତିକା ମହମହ ମମତ୍ୱବୋଧ, ଅଧିକ ସ୍ୱଷ୍ଟ ଦିଶୁଛି ଗହଗହ ଅନୁରାଗ । ଦାୟବଦ୍ଧତାର ଅତିନ୍ଦ୍ରିୟ ଜଗତକୁ ଉତ୍ତରିତ ହେବା ପାଇଁ ତାଙ୍କ କବିତାମାନେ ଉନ୍ମୁଖ । ସେଇଥିପାଇଁ 'ସ୍ୱପ୍ନର ନାଁ ନଈ' ପୁସ୍ତକଟିରେ ଝିଅକୁ ନେଇ ତାଙ୍କର ଏକାଧିକ କବିତା । ଝିଅର ଘର, ସ୍ୱପ୍ନ କୁନି ଝିଅର, ଝିଅର ରଚନା ଖାତା, ସୁନାଝିଅ, ଶୋଇଗଲା ସୁନାଝିଅ ଓ ଝିଅର ଚିତ୍ରଖାତା ।

କବି 'ନିଜକଥା'ରେ ସ୍ୱୀକାର କରନ୍ତି 'କବିତା ଗୋଟେ ମାୟା । ଗୋଟେ ପାଗଳପଣର ଋତୁ । ବଂଚିବାର ଦୁର୍ଲଭ ମହୋଦଧି । ସେ ମୋ ରକ୍ତରେ, ମୋ ଆତ୍ମାରେ, ମୋ ପ୍ରାଣରେ, ପ୍ରତ୍ୟୟରେ, ମୋ ହୃଦୟରେ ଓ ବିଭୋରପଣରେ। କବିତା ମୋତେ ବଂଚିବା ଶିଖେଇଛି, ସ୍ୱପ୍ନ ଦେଖିବା ଶିଖେଇଛି, ତା' ଋଣ ଭାରରେ ମୁଁ ନଇଁ ଯାଇଛି । କେତେ ଜନ୍ମର ତପସ୍ୟାରୁ ମୁଁ ଏ ଦୁର୍ଲଭ ଜୀବନ ପାଇଲି, କବିତା ଲେଖିଲି । ଅନ୍ଧାରକୁ ଚନ୍ଦନ ପରି ବୋଳିହେଲି ଦେହରେ।'

ସାବିତ୍ରୀଙ୍କ କବିତାରେ ଛଳଛଳ ପଣର ବିଭୋରତା ଆଶ୍ଚର୍ଯ୍ୟ କରେ । ଯୋଉଥିରେ ତାଙ୍କ ଜୀବନର ଚିତ୍ରପଟ ଦିଶେ ଉଜ୍ଜ୍ୱଳ ତାରା ପରି । ତାଙ୍କ ଉଚ୍ଚାରଣରେ ଯୋଉ ହୃଦୟଛୁଆଁ ଶବ୍ଦର ସ୍ୱର୍ଶ, ସତରେ ତାର ପଟାନ୍ତର ନାହିଁ ।

- 'ଖୋଲାଥାଉ ଦୁଆର ଓ ଝର୍କା
ଶୁଭୁଥାଉ ହଜି ଯାଇଥିବା ଗୀତର ସ୍ୱର
ପବନ ବହି ଆଣୁଥିବା ଫୁଲର
ବାସ୍ନାରେ ମହକୁ ଥାଉ ଘରପୁର
ଆକାଶରେ ଫୁଟୁ ଥାଉ ଅସୁମାରି ତାରାଫୁଲ
କୁଆଁରୀ ଝିଅଟି ପରି ହସୁଥାଉ ଜହ୍ନ
ସ୍ୱପ୍ନ ଦେଖୁଥାଉ ସୁନାଝିଅ, ରାତି ପାହୁ । (ଚାଲୁଚାଲୁ)
+ + + + + +
ତମେ ମୋ ଛାତି ଭିତରେ
ଅଦେଖା କ୍ଷତଟିଏ ହୋଇ ରହିଥାଅ
ମୁଁ ଏମିତି ବଂଚୁଥାଏ ଝୁରି ଝୁରି,
ମରି ମରି, ଗୁମୁରି ଗୁମୁରି
ତମର ସବୁଯାକ ମିଠାଗୀତ ଓ ନଥିବା ପଣକୁ ।
(ଜଣେ ପ୍ରିୟ ମଣିଷର ଅବର୍ତ୍ତମାନରେ)
+ + + + + +
ପ୍ରଭୋ ! ମୋତେ ମୋ ପୋଡ଼ା ଅତୀତକୁ ଭୁଲେଇ ଦିଅ,
ମୋ ଦୁଃଖ ଓ ଅଂଧାର ମୋତେ ଫେରେଇ ଦିଅ,
ତମେ ଭଲରେ ଥାଅ ।
(ଦିଅଁଙ୍କୁ ପ୍ରାର୍ଥନା ମୋର)
+ + + + + +
ମୋ ଏକ୍ଲାପଣକୁ ତମେ ଭଲପାଅ ବୋଲି
ମୁଁ ନିଜକୁ ଏକ୍ଲା କଲି,
ଖୁବ୍ ବେପରବାୟ ଭାବରେ ଭୋଗିଲି
ଖରା, ବର୍ଷା, ଶୀତ, କାକର ଓ ଅନ୍ଧାର...
(ଦୂର ପାହାଡ଼ର ଛାଇ)
+ + + + + +
ସୁନାଝିଅ ଯେମିତି ଥିଲା ଠିକ୍
ସେମିତି ଅଛି, କାଲିପରି ଆଜି ବି ।
(ସୁନାଝିଅ)

ମଣିଷ ଚିରକାଳ ବଂଚେ ଗୋଟେ ସ୍ୱପ୍ନରେ, ସେ ସ୍ୱପ୍ନସବୁ କୋଉଠି ଥାନ୍ତି କେଜାଣି, କିନ୍ତୁ ଶୁଆଇ ଦିଅନ୍ତି ନାହିଁ ସାରାରାତି । ନିଦ ହଜିଯାଏ । କେବେ ପାହାଡ଼ ଚଢୁଚଢୁ ଅଧାବାଟରୁ ଖସିପଡ଼ି ଲହୁଲୁହାଣ ହୁଏ ତ କୋଉଠି ଏକାଏକା ଅମଡ଼ାବାଟରେ ଚାଲୁଚାଲୁ ବାଟ ଭୁଲିଯାଏ ନିଜର ପରିଚୟ । ତଥାପି ବି ସେ ସ୍ୱପ୍ନ ଖୋଜେ, ସେ ସ୍ୱପ୍ନ ହେଇଥାଉ ସ୍ମୃତିମୟ କି ଯାତନାର ଜଉଘର, ସେଥିକୁ ତାର ନଥାଏ କିଛି ଚିନ୍ତା । ସେ ଗୋଟେ ମୋହରେ ହିଁ ଚାଲେ ସ୍ୱପ୍ନକୁ ସାଥୀ କରି । ବେଳେବେଳେ ଅସୁମାରୀ ସ୍ୱପ୍ନସବୁ ନଈ ହୋଇଯିବା ବେଳେ ସ୍ୱପ୍ନ ଖୋଜିବାର ବେଳ କିନ୍ତୁ ତିଆରି କରି ନେଇଥାଏ କବତାର ଗୋଟେ ନିଆରା ତୋରଣ।

- 'ସ୍ୱପ୍ନ ଫେରାଇ ନିଏ ହଜାର ହଜାର ବର୍ଷ
ପୂର୍ବରୁ ମାଟି ତଳେ
ପୋତି ହୋଇ ଯାଇଥିବା
ସଭ୍ୟତାମାନଙ୍କ ପାଖକୁ,
ସେଠିକାର ଇତିହାସ ଖୋଜିଲେ
କଙ୍କାଳ ଦେହରେ ଲେଖାଥାଏ
ଦୁଃଖ, ସୁଖ,
ଲୁହ, ଜରା ଓ ମୃତ୍ୟୁର କାହାଣୀ
ଜୀବାଶ୍ମ ଭିତରୁ ଜକଜକ ଦିଶୁଥାଏ
ସ୍ୱପ୍ନମାନଙ୍କର ତୈଳଚିତ୍ର ।
(ସ୍ୱପ୍ନ ଖୋଜିବାର ବେଳ)







ଓଡ଼ିଆ କବିତାର ପରମ୍ପରାରେ ସାବିତ୍ରୀ କବି ଜଣେ ପରିଚିତ କାବ୍ୟକାର । ତାଙ୍କ କବିତାର କଳାତ୍ମକ କମନୀୟତା ହିଁ ତାଙ୍କର ପରିଚୟ । ସ୍ୱପ୍ନ ସମ୍ଭାବନାର ଦେହହୀନ ଶୂନ୍ୟ ସତ୍ତାଟିଏ ବେଶ୍ ଆଚ୍ଛନ୍ନ କରିଥାଏ ତାଙ୍କ କବିତାର ସତ୍ତାକୁ । କବି ଜାଣେ ସ୍ୱପ୍ନ ନଈ ହଉ କି ସମୁଦ୍ର, କିନ୍ତୁ ରାତି ପାହିବା ମାତ୍ରେ ସ୍ୱପ୍ନ ଭାଂଗିଯିବ । ତଥାପି ଜୀବନକୁ ଜୀଇଁବାକୁ ହେଲେ ତାକୁ ସ୍ୱପ୍ନ ଦେଖିବାକୁ ହେବ, ସ୍ୱପ୍ନକୁ ନଈ କରିବାକୁ ପଡିବ୍ । ଯୋଉ ନଈରେ ଡଙ୍ଗା ସଂଗରେ ବଂଧା ହୋଇଥାଏ ନିବିଡ଼ ଉତ୍କଣ୍ଠା, ବର୍ଷ ବର୍ଷର ନିସଙ୍ଗତା, ପାହାଡ଼ ପରି ପାହାଡେ ଅବସୋସ, ନିପାରିଲାପଣର କ୍ଲାନ୍ତି ଓ ବିଷାଦ । ସ୍ୱପ୍ନକୁ ଆଧାର କରି ଅନ୍ୱେଷାର ଅନୁଭବରେ ରସସିକ୍ତ କରିବାର ପ୍ରୟୋଗାତ୍ମକ ଉଚ୍ଚାରଣ ହିଁ ସାବିତ୍ରୀଙ୍କର ଏଥିରେ ସ୍ଥାନିତ କବିତାମାନଙ୍କୁ ଦେଇଛି ଗୋଟେ ସ୍ୱତନ୍ତ୍ର ମର୍ଯ୍ୟାଦା । 'ସ୍ୱପ୍ନର ନାଁ ନଈ' ପରି ଗୋଟେ ଚମତ୍କାର ଶୀର୍ଷକର ପୁସ୍ତକଟିକୁ ପାଠ କରୁ କରୁ ପାଠକ ଆନମନା ହୁଏ । ସିଏ କାନେଇଲେ ତାକୁ ଶୁଭେ ନଈର କଳକଳ ଗୀତ ପରି ସୁନ୍ଦର କବିତାର ଛନ୍ଦ।

କୋଉଠୁ ଭାସି ଆସୁଛି ଘୋଡ଼ା ଟାପୁର ଶବ୍ଦ
କେହି ଜଣେ ଫେରୁଛି କି ଯୁଦ୍ଧ କ୍ଷେତ୍ରରୁ
କେହି ଜଣେ ଫେରୁଛି କି ବନ୍ଦୀଶାଳରୁ
କେହି ଜଣେ ଫେରୁଛି ଭୁଲରେ ବାଟ ହୁଡ଼ି ଯାଇଥିବା
ସେ ଅଫେରା ରାସ୍ତାରୁ,
କେହି ଜଣେ ଫେରୁଛି କି କାଙ୍ଗାଳ ବେଶରେ
ନିଖୋଜ ହୋଇ ଯାଇଥିବା ମାୟାନଗରୀରୁ ।
(ଗାଡ଼ି)

ଏଥିରେ ସ୍ଥାନିତ ସମସ୍ତ କବିତା କପଟହୀନ ଭାବେ ପାଠକର ଛାତି ତଳେ ବସି ପାରିବାର କ୍ଷମତା ଓ ଦକ୍ଷତା ରଖନ୍ତି । ବେଶ୍ ସାବଲୀଳ ଓ ସରଳ ଭାବରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯାତ୍ରା ଯାଏ କୋଉଠି ବି ଝୁଣ୍ଟିବେ ନାହିଁ ପାଠକ । ସିଧା ଓ ସରଳରେଖାରେ କବିତା ଗୁଡ଼ିକ ଗତିଶୀଳ। ପ୍ରତ୍ୟେକଟି ଶବ୍ଦ ସାବିତ୍ରୀଙ୍କ ଅନୁଭବ ସ୍ପର୍ଶରେ ହୋଇ ଯାଇଛନ୍ତି ଅନନ୍ୟ । ଶବ୍ଦର ଆଟୋପ ନାହିଁ କି ଭାଷାର କ୍ଲିଷ୍ଟତା ମଧ ନାହିଁ । କେବଳ ସ୍ୱପ୍ନରେ ସେ ଉଡୁଥାନ୍ତି ଆକାଶରେ କେତେବେଳେ ଚଢ଼େଇ ତ କେବେବେଳେ ଗୁଡିଟିଏ ପରି । ପୂର୍ବର ଅନ୍ୟ ୩ଟି କବିତା ସଂକଳନ ପରି ସାବିତ୍ରୀ କବିଙ୍କର 'ସ୍ୱପ୍ନର ନାଁ ନଈ' ସଫଳତାର ଶୀର୍ଷକୁ ଆରୋହଣ କରୁ, ତାଙ୍କ ଆଗାମୀ କବି ଜୀବନକୁ ରସସିକ୍ତ କରୁ ଏତିକି ମାତ୍ର କାମନା । ପୁସ୍ତକଟିକୁ କବି ପ୍ରକାଶନୀ, ବିଶ୍ୱନାଥପୁର, ରାହାଞ୍ଜ, ଭଦ୍ରକ ପ୍ରକାଶ କରିଛନ୍ତି ।



♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩

---

## ଛୋଟ ଅନୁବାଦ ଗପ

# ପେୟଜଳ

ମୂଳ ହିନ୍ଦୀ :ନୀରଜା ବର୍ମା
ଅନୁବାଦ: ନଗେନ୍ଦ୍ର ନାଥ ପଟ୍ଟନାୟକ



ମୁଁ ବକଟେ ଥିଲାବେଳେ ମାଆ ସଦାବେଳେ ଘରୁ ଖାଇବା ଆଉ ପେୟଜଳ ନେଇ ପଦାକୁ ବାହରି ଯାଉଥିଲା ନସରପସର ହୋଇ। କେବେକେବେ ସେ ଅନାବଶ୍ୟକ ବୋଝ ବୋହିବା ଚକ୍‌କରେ ପାଣିବୋତଲ 'ଭୁଲିଗଲି' କହି ଛାଡି ଦେଉଥିଲା। ଏପରି କି ମୁଁ ଦିନେ କଲେଜ ଗଲାବେଳେ ହରବର ହୋଇ କାହିଁକି କେଜାଣି ନିଜ ପାଣିବୋତଲ ନେବାକୁ ବିସୋରିଗଲି। ମନୋରଂଜନ, ମଜାମସ୍ତି ଓ ଖାନାପିନାରେ ପହିଲେ ତ ପେୟଜଳ ଦରକାର ପଡିନଥିଲା, ସେଥିରେ ପୁଣି ସବୁଜିମା ବଗିଚାରେ ମଧ ପାଣିଟ୍ୟାପ୍‌ର ବ୍ୟବସ୍ଥା ଥିଲା। ହେଲେ ଫେରିବାବେଳେ ଆମ ବସ୍‌ଟି ଯାନ୍ତ୍ରିକତ୍ରୁଟି ଯୋଗୁ ଅଚଳ ହେବାରୁ ବହୁତ ସମୟଯାଏ ପ୍ରତୀକ୍ଷା କରିବାକୁ ପଡିଲା ଧୈର୍ଯ୍ୟର ସହିତ। ପିଇବାପାଣି ମୁନ୍ଦେ ନ ମିଳିବାରୁ ଶୋଷରେ ତଂଟି ଶୁଖି ଅଠାଅଠା ଲାଗିଲା । ତୃଷା ମେଂଟାଇବା ପାଇଁ ଆଖାପଖରେ ପିଇବା ପାଣି ମୁନ୍ଦେ ମିଳିଲାନି। ସେଦିନ ଶୋଷରେ ଛଟପଟ ହେଲି ବିଚରା ।

ମତେ ଖୁବ୍ ହନ୍ତସନ୍ତ ହେବାକୁ ପଡିଲା । ଘରକୁ ଫେରିଆସିଲା ପରେ ଖୁବ୍ ଶୋଧାଗାଳି ଖାଇଲି । ପଣ ଖାଇଲି ଏଣିକି ପାଣିଭରା ବୋତଲ ନ ନେଇ ମୁଁ କେବେ ବି ଘରୁ ଗୋଡ କାଢିବି ନାହିଁ ।

ଏମିତି ଥରେ ଏକ ବର୍ଣ୍ଣାଢ୍ୟ ଓ ଆଡମ୍ବରପୂର୍ଣ୍ଣ ବିବାହ ଉତ୍ସବରୁ ଲେଉଟି ଆସୁଥିବା ବେଳେ ରେଳଇଂଜିନ ଖରାପ ହେଲାରୁ ଷ୍ଟେସନ ବାହାରେ ଛିଡାହୋଇ ରହିଲି ଅନେକ ସମୟ ପର୍ଯ୍ୟନ୍ତ । ପେୟଜଳ ବୋତଲ ତ ସାଥିରେ ନେଇଥିଲି, ହେଲେ ତହିଁରେ ଖୁବ୍ ଅଳ୍ପଜଳ ଥିଲା। ଆସବାବ ବୋଝରେ ବହୁତ କମ ପେୟଜଳ ବୋହିଥିଲି ଅବଶ୍ୟ । ସେଦିନ ପେୟଜଳ ନ ଥିବାରୁ ପିଲାପିଲିଙ୍କୁ ସାଥିରେ ଘେନି ଯାଇଥିବା ମାମାଙ୍କୁ ଯେ କେତେ ହିନସ୍ତା ହେବାକୁ ପଡିଲା ସେ କଥା ମନେ ପଡିଗଲା ମୋର।

ସେଦିନୁ ଘରୁ ବାହାରକୁ ଯେକୌଣସି କାମରେ ଯିବା ଆଗରୁ ସାଥିରେ ପାଣି ନେବାପାଇଁ ପିଲାମାନଙ୍କୁ ସଦାବେଳେ ଶିକ୍ଷାଦେଲି । ଏବେ ମଧ ନାତିନାତୁଣୀଙ୍କୁ ସେଇ ଶିକ୍ଷା ଦେଇଚାଲିଛି ।

♥ ଓସ୍କାର ସିଟି, ଲେନ ନଂ-୯,
ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୫ ଫେବୃଆରୀ ୨୦୨୪



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ଚେତନାର ଦର୍ପଣ - ୧୯

# ପାପର ମୂଳ



♥ ଲଳିତ ମୋହନ ମିଶ୍ର

ଏ ସଂସାରରେ ଆତ୍ମଶୁଦ୍ଧି ପାଇଁ ତପୋଯଜ୍ଞ ଦ୍ରବ୍ୟଯଜ୍ଞ ଆଦି ସାଧନ । ଆତ୍ମଜ୍ଞାନ ଓ ଜ୍ଞାନଯୋଗ ସମସ୍ତ ସାଧନ ମଧ୍ୟରେ ଶ୍ରେଷ୍ଠ । ଆତ୍ମଜ୍ଞାନ ଯେପରି ଆତ୍ମାକୁ ପବିତ୍ର କରେ । ସେହିପରି ଜ୍ଞାନଯୋଗ ବୁଦ୍ଧିକୁ ପବିତ୍ର କରେ । କାରଣ କର୍ମଯୋଗାଦି ଦ୍ୱାରା ପାପର ନିବୃତ୍ତ ହେଲେ ମଧ୍ୟ, ପାପର ମୂଳ ଅଜ୍ଞାନତା ବିନଷ୍ଟ ହୁଏ ନାହିଁ । ସୁତରାଂ ପାପର ପୁନର୍ବାର ଉଦୟ ହେବାର ସମ୍ଭାବନା । ମାତ୍ର ଆତ୍ମଜ୍ଞାନ ଦ୍ୱାରା ପାପର ମୂଳ ଅଜ୍ଞାନତା ବିନଷ୍ଟ ହେଉଥିବା ହେତୁ, ପାପାଚରଣର ଆଉ ଆଶଙ୍କା ନ ଥାଏ । ଜଣେ ସେଠ୍ ଥିଲେ। ତାଙ୍କ ପାଖରେ କରୋଡ କରୋଡ ସମ୍ପତ୍ତି । ସେଥିପାଇଁ ଲୋକେ ତାଙ୍କୁ କରୋଡମଲ୍ ସେଠ୍ ବୋଲି କହୁଥିଲେ। ନିଜର ଅଧିକ ଅର୍ଥ ପ୍ରଦର୍ଶନ କରିବା ପାଇଁ ସେ ଏକ ପ୍ରିତିଭୋଜନର ଆୟୋଜନ କଲେ। ହଜାର ହଜାର ଲୋକ ନିମନ୍ତ୍ରିତ । ଅର୍ଥ ପାଣି ପରି ଖର୍ଚ୍ଚ ହେଉଥିଲା। ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ । ସେହି ଅଞ୍ଚଳର ଗରିବ ଅସହାୟ ସାଧୁ ସନ୍ଥ କେହି ଏମିତି ବାକି ନ ଥିଲେ । ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଥିଲା ଏବଂ ସମସ୍ତେ ଆସିଥିଲେ । ଜଣେ ଶ୍ରେଷ୍ଠ ଗୁରୁଜୀଙ୍କୁ ମଧ ନିମନ୍ତ୍ରଣ କରିଥିଲେ । ଗୁରୁଜୀ ଆସି କରୋଡମଲଙ୍କ କାର୍ଯ୍ୟକ୍ରମକୁ ଦେଖିଲେ । ପାଣି ପରି ଅର୍ଥ ପ୍ରବାହିତ ହେଉଅଛି । ଗୋଟିଏ ପଟେ ଖାଦ୍ୟ ଶସ୍ୟ ପାଇଁ ହତାଶ ଚାଷୀ ଗରିବ ଅସହାୟ, ଅନ୍ୟପଟେ ଏହିପରି ଅପବ୍ୟୟ ଅର୍ଥ । ଗୁରୁଜୀ ନିଜର ମୂଳ ଶୈଳୀ ଆପଣାଇଲେ । ସେ କରୋଡମଲ ସେଠଙ୍କୁ ଏକ ଛୁଞ୍ଚି ଦେଇ କହିଲେ, 'ଏହାକୁ ରଖନ୍ତୁ, ମୋତେ ଅନ୍ୟ ଏକ ଦୁନିଆରେ ଫେରାଇ ଦେବେ।' ସେଠ୍ ଭାବୁଥିଲେ, ଏହି ଛୁଞ୍ଚିକୁ କିପରି ମୁଁ ସାଙ୍ଗରେ ନେଇପାରିବି । ସମସ୍ତେ ତ କୁହନ୍ତି 'ଆସିଛୁ ଏକା ଯିବୁ ବି ଏକା'। କିନ୍ତୁ ମୁଁ ଗୁରୁଜୀଙ୍କ ଆଦେଶକୁ କିପରି ଅଣଦେଖା କରିବି ? ଏହିପରି ବହୁତ ଚିନ୍ତାକରି ସେ ତାଙ୍କ ପତ୍ନୀଙ୍କ ପାଖକୁ ଯାଇ କହିଲେ, ଗୁରୁଜୀ ଛୁଞ୍ଚିକୁ ଦେଇଛନ୍ତି, ଏହାକୁ ସୁରକ୍ଷିତ ରଖିଥାଅ । ଗୁରୁଜୀଙ୍କୁ ଅନ୍ୟ ଏକ ଦୁନିଆରେ ଆମ ଠାରୁ ଫେରି ପାଇବେ । ତାଙ୍କ ପତ୍ନୀ କହିଲେ, ତୁମେ କ'ଣ କହୁଛ ? ଯମପୁରକୁ କିଛି ବି ଯାଉନାହିଁ । ଆପଣ ଛୁଞ୍ଚିକୁ କିପରି ନେଇ ଯିବେ ? କରୋଡମଲ ଗୁରୁଜୀଙ୍କୁ ପାଖକୁ ଦୌଡିଲେ, କହିଲେ ମହାଭାଗ ! ଆପଣ ଯାହା ବି ସେବା ଶୁଶ୍ରୁଷା ଧନ ଜନ ଗୋପ ଲକ୍ଷ୍ମୀ ଚାହୁଁଛନ୍ତି, ଆମେ ଏହି ଜନ୍ମରେ କରିପାରିବୁ । କିନ୍ତୁ ଆଗାମୀ ଜନ୍ମରେ କିଏ କ'ଣ ହେବ କହି ପାରିବୁ ନାହିଁ। ତେଣୁ ହେ ପ୍ରଭୁ ! ଏହି ଛୁଞ୍ଚିକୁ ଫେରାଇ ନିଅନ୍ତୁ । ଗୁରୁଜୀ କହିଲେ, 'ତୁମେ ଅନ୍ୟ ଦୁନିଆକୁ ତୁମର ଏ ସମ୍ପତ୍ତି ଧରିକରି ଯିବ । ତେଣୁ ସେଗୁଡ଼ିକ ମଧରେ ଏହି ସାମାନ୍ୟ ଛୁଞ୍ଚିଟି ତୁମ ସହିତ ଯିବା ପାଇଁ କୌଣସି ଅସୁବିଧା ନାହିଁ ।

ସେଠ ଲଜ୍ଜିତ ହୋଇ ପଚାରିଲେ, 'ମୁଁ ଏବେ କ'ଣ କରିବି ? ଗୁରୁଜୀ କହିଲେ, ସମସ୍ତ ଧନ ସମ୍ପତ୍ତି ଗରୀବ ଅସହାୟଙ୍କ ମଧରେ ବଣ୍ଟନ କରନ୍ତୁ । ଅଧିକ ଅର୍ଥ ହିଁ ପାପର ମୂଳ କାରଣ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

## ।। ଆତ୍ମଜୀବନୀ ।।

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

**ଆମ ଗାଆଁରେ କେବଳ ନୁହେଁ, ସାରାଦେଶରେ ନବଜାଗରଣର ସମୟ । ସ୍ୱାଧୀନତା ପରେ ଦେଶର ଯୁବସମାଜ ଭିତରେ ଦେଶ ଗଠନର ଉନ୍ମାଦନା ଖେଳି ଯାଇଥିଲା । ଫଳତଃ ଗାଆଁ ଗାଆଁରେ ଯୁବକ ସଂଘ, ମହିଳାସମିତି, ନୈଶ୍ୟ ବିଦ୍ୟାଳୟ ଏବଂ ପ୍ରୌଢ ଶିକ୍ଷାକେନ୍ଦ୍ରମାନ କାମ କରୁଥାଏ । ଆମ ଗାଆଁରେବି ଯୁବକମାନେ ଏକଯୁଟ ହୋଇ ପୋଖରୀରୁ ଦଳ ସଫା କରିବା, ରାତିରେ ଅକ୍ଷରଶିକ୍ଷତା ବୋହୁ, ଝିଅ ଏବଂ ବୁଢାବୁଢୀମାନଙ୍କୁ ପାଠପଢାଇବା ଓ କୋଦାଳରେ ମାଟି ତାଡି ମଥାରେ ମାଟିଝୋଡା ବୋହି ଗାଆଁ ରାସ୍ତା ତିଆରି କରିବାଭଳି ବିଭିନ୍ନ ଉନ୍ନୟନମୂଳକ କାମ କରୁଥାନ୍ତି ଯାହା ସେତେବେଳର ଗାଆଁର ବୟସ୍କ ଓ ମାତବର ଲୋକମାନେ ନାପସନ୍ଦ କରୁଥାନ୍ତି ।**

### ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

### (୧୭)
### ଅନ୍ୟ ଏକ ମନେ ରଖିଲାଭଳି ବନ୍ୟା

୧୯୭୭ ମସୀହା ....

କାଳୀପୂଜା ଆସନ୍ନ । ଲୋକେ ଦୂର୍ଗାପୂଜା ଓ ଲକ୍ଷ୍ମୀପୁଜା ଭଲରେ ପାଳିଥିଲେ । ଆଶାଥିଲା କାଳୀପୂଜା ବି ଭଲରେ ପାଳିବେ । ଗାଁର ଝିଅମାନେ ଶାଶୁଘରୁ ଓ ବନ୍ଧୁବାନ୍ଧବ ମାନେ ଆସିବେ, ମେଳାଦେଖିବେ, ମଉଜ କରିବେ । କିନ୍ତୁ, 'ମନ ବିଚାରେ ଆନ, କର୍ମ ବିଚାରେ ଆନ..'

କାର୍ତ୍ତିକ ମାସ । ଆମ ଗାଆଁ 'ଭିକ୍ ନା' ଯୁବକ ସଂଘ ପ୍ରତିବର୍ଷ କାଳୀପୁଜା କରୁଥିଲେ । ଯୁବକ ସଂଘର ସେଭଳି ନାମକରଣ ହେବା ପଛରେ ଏକ କୌତୁକିଆ ଓ ଗୁରୁତ୍ୱପୂର୍ଣ୍ଣ କାରଣ ଥିଲା। ଗତ ଶତାବ୍ଦୀର ପଚାଶ ଦଶକର କଥା । ଆମ ଗାଆଁରେ କେବଳ ନୁହେଁ, ସାରାଦେଶରେ ନବଜାଗରଣର ସମୟ । ସ୍ୱାଧୀନତା ପରେ ଦେଶର ଯୁବସମାଜ ଭିତରେ ଦେଶ ଗଠନର ଉନ୍ମାଦନା ଖେଳି ଯାଇଥିଲା । ଫଳତଃ ଗାଆଁ ଗାଆଁରେ ଯୁବକ ସଂଘ, ମହିଳାସମିତି, ନୈଶ୍ୟ ବିଦ୍ୟାଳୟ ଏବଂ ପ୍ରୌଢ ଶିକ୍ଷାକେନ୍ଦ୍ରମାନ କାମ କରୁଥାଏ । ଆମ ଗାଆଁରେ ବି ଯୁବକମାନେ ଏକଯୁଟ ହୋଇ ପୋଖରୀରୁ ଦଳ ସଫା କରିବା, ରାତିରେ ଅକ୍ଷରଶିକ୍ଷତା ବୋହୁ, ଝିଅ ଏବଂ ବୁଢାବୁଢୀମାନଙ୍କୁ ପାଠପଢାଇବା ଓ କୋଦାଳରେ ମାଟି ତାଡି ମଥାରେ ମାଟିଝୋଡା ବୋହି ଗାଆଁ ରାସ୍ତା ତିଆରି କରିବାଭଳି ବିଭିନ୍ନ ଉନ୍ନୟନମୂଳକ କାମ କରୁଥାନ୍ତି ଯାହା ସେତେବେଳର ଗାଆଁର ବୟସ୍କ ଓ ମାତବର ଲୋକମାନେ ନାପସନ୍ଦ କରୁଥାନ୍ତି। ନିଜନିଜ ଶିକ୍ଷିତ ପୁଅମାନଙ୍କୁ ସେଥିରୁ ନିବୃତ୍ତ କରିବାକୁ ଚେଷ୍ଟାକରି ବିଫଳ ହୋଇ ସେମାନଙ୍କୁ 'ଭିକ୍ ନା' ବୋଲି ସମ୍ବୋଧନ କରୁଥିଲେ । ଯୁବକମାନେ ମଧ ହାଲୁକାଭାବରେ ତାକୁ ଗ୍ରହଣକରି ନିଜ ସଂଘର ନାମଜରଣ କରିଥିଲେ 'ଭିକନା କ୍ଲବ'। ସେଇମାନେହିଁ ଆମଗାଁରେ କାଳୀପୂଜା କରୁଥାନ୍ତି ବେଶ୍ କିଛିବର୍ଷଧରି । ସଡକ ପାଖ ଆମ ଗାଁର ସାମଲଘର ସେଇ ଜାଗାରେ କାଳୀପୂଜା ହୁଏ। ସେଇଠି ସେ ବର୍ଷ ମଧ କାଳୀଙ୍କ ମେଢ ତିଆରି ହେଉଥାଏ।

ଦୁଇଦିନଧରି ପ୍ରବଳ ବର୍ଷା ଲାଗି ରହିଥାଏ । ଦ୍ୱିତୀୟଦିନ ସନ୍ଧ୍ୟାରେ ନଦୀର ଜଳ ଦ୍ରୁତଗତିରେ ବଢୁଥିବାର ଖବର ପାଇଲୁ। ମନ ଖରାପ ହୋଇଗଲା । ତୃତୀୟଦିନ ସକାଳ ବର୍ଷା ସାମାନ୍ୟ କମିବାରୁ ଆମେ କେତେଜଣ ସଡକପାଖରେ ମେଢ ତିଆରି ସ୍ଥାନରେ ପହଞ୍ଚିଲୁ । ନିଜନିଜ ଭିତରେ ଗପସପ କଲୁ । କାଳୀପୂଜା ନେଇ ଆଶଙ୍କା ପ୍ରକାଶ ପାଇଲା। ମଝିରେ ମଝିରେ 'କାଳୀମାତାଙ୍କୁ ଧ୍ୟାନକରି 'ହରିବୋଲ' ଧ୍ୱନି ଦେଲୁ ।

ଉତ୍ତର ଦିଗରୁ ପାଣି ମାଡି ଆସୁଥିବାର ଶବ୍ଦଶୁଭିଲା । କ୍ରମେକ୍ରମେ ସଡକ ବନ୍ୟା ପାଣିରେ ବୁଡିଗଲା ? ତାପରେ ପାଣି ଆହୁରି ବଢିଲା । ଦିନରେ ଭାତଖାଇବାବି ଆମେ ଭୁଲିଗଲୁ। ଆମେ ବାରମ୍ବାର ମେଢକୁ ଉଚ୍ଚାକୁ ଟେକୁଥିଲୁ । ସନ୍ଧ୍ୟାସୁଦ୍ଧା ବଢିପାଣି ସୁଧୀରବାବୁଙ୍କ ଘର ଛାତକୁ ଛୁଇଁଲା । ଆଉକିଛି ଉପାୟ ନପାଇ, ଆମେ ମେଢକୁ ଆଉକିଛି ଉପରକୁ



ଉଠାଇଦେଲୁ । ପୁଣିଥରେ ଗଙ୍ଗାମାତାଙ୍କୁ ସ୍ମରଣକରି ଯିଏ ଯାହାର ଘରକୁ ଫେରିଲୁ।

ମଝିରାତିକୁ ବନ୍ୟାପରିସ୍ଥିତିର ଦ୍ରୁତ ଅବନତି ଘଟିଲା । ପାଣି ଘରେ ପଶିଯିବାରୁ ଅନେକ ମାଟିଘରର 'ଭୂଇଁଭେଟ'ହେଇଗଲା । ପହଣା ଗଡିଆସବୁ ବୁଡିଗଲା । ମାଛ ଭାସିଗଲା। ଲୋକେ 'ହାୟ ହାୟ' କଲେ। ତହିଁପରଦିନ ସକାଳ କଦଳୀଗଛର ଭେଳାକରି ସଡକରେ ପହଞ୍ଚିଲୁ । ଅବସ୍ଥା ଦେଖି ଆମର ହୋସ ଉଡିଗଲା । ମେଢର ଅସ୍ତିତ୍ୱ ନଥିଲା । ଥିଲା କେବଳ ବାଉଁଶରେ ତିଆରି ମେଢର ଫ୍ରେମ୍ ଓ ସୁତୁଲିରେ ବନ୍ଧାଯାଇଥିବା କିଛି କୁଟା । ପୂଜା ଆଉ ଅଳ୍ପକିଛିଦିନ ବାକିଥିବାରୁ ମେଢ ତିଆରି କରିବା ସମ୍ଭବ ହେଲାନି । ଘଟ ବସାଇ ପୂଜା କରାଗଲା । ଆୟୋଜକମାନଙ୍କର ମନୋବେଦନା ବର୍ଣ୍ଣନା କରିବା ସମ୍ଭବ ନୁହେଁ। ବିଲରେ ଧାନଗଛ ନଥିଲା, ଅନେକ ବିଲ ବାଲିଚର ହୋଇଯାଇଥିଲା। କାର୍ତ୍ତିକ ମାସ ଶେଷସୁଦ୍ଧା ପାଚିବାକୁ ଥିବା ଧାନ , ଥୋଡ ଧାନ ସବୁ ନଷ୍ଟ ହୋଇଯାଇଥିଲା। କିନ୍ତୁ ବିଲରେ ପ୍ରଚୁର ପଟୁ ପଡିଥିଲା , ପ୍ରଚୁର ରବିଫସଲ ମଧ ଉତ୍ପନ୍ନ ହେଲା ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ଯାହା ହୁଅଇ ବାଳକାଳେ

କାଳିକିଙ୍କର



କଥାରେ ଅଛି ଯାହା ହୁଅଇ ବାଳକାଳେ ହୁଏନା ପାଚିଲାର ବାଳେ । ଏହି ସହଜ ସରଳ କଥା ପଦକ ଭିତରେ ଲୁଚି ରହିଛି ଅତି ସମ୍ବେଦନ ଜୀବନ ତତ୍ୱ । ମଣିଷ ଶିଶୁ ଜନ୍ମ ଗ୍ରହଣ କରେ ଆଉ ସେହି ଶିଶୁଟିର ସୁନ୍ଦର ସରଳ ଦେହ, ମନ ଭିତରେ ରହିଥାଏ ଅନେକ ସମ୍ଭାବନାର ସମ୍ଭାରାଳୟ । ନରମ ମୃତ୍ତିକାକୁ ନେଇ ମୂର୍ତ୍ତିକାର ଯେମିତ ଆପଣା ଇଚ୍ଛାରେ ମୂର୍ତ୍ତୀକୁ ରୂପଦିଏ ଠିକ୍ ସେମିତ ଶିଶୁଟିର ମନରେ ସହଜ ସରଳ ଭାବରେ ମଣିଷ ଆକାର ଦେଇପାରେ । ଗୋଟିଏ ଅଲିଖିତ କାଗଜ ପରି ଶିଶୁଟିର ମନରେ ସହଜ ସରଳ ଭାବରେ ମଣିଷ ଲେଖିଦେଇ ପାରେ ତାର ସୁନ୍ଦର ଅସୁନ୍ଦର ଭବିଷ୍ୟତ । ମଞ୍ଜିଟିଏ ମାଟି ଭିତରେ ପୋତି ଯେମିତି ତାକୁ ପାଣି, ପବନ, ସାର, ଔଷଧ ଆଦି ଦ୍ୱାରା ଠିକ୍ ଭାବରେ ଯତ୍ନ ନିଆଯାଏ ଠିକ୍ ସମିତି ଶିଶୁଟିଏ ମାଆର ଗର୍ଭାଶୟ ଭିତରେ ଅଙ୍କୁରିତ ହେବାପାଇଁ ଲୋଡ଼ିଥାଏ ଅନେକ ଯତ୍ନ । ସେମିତି ମାଟି ଉପରକୁ ଆସିଲାପରେ ଯେମିତି ଚାରା ଗଛଟିଏ ଦରକାର କରେ ଯତ୍ନ ଓ ସହାୟତା ଠିକ୍ ସେମିତି ମଣିଷର ଶିଶୁ । ଚାରା ଗଛଟିକୁ ଯେମିତି ପୋକ ନ ଲାଗେ, ପାଣି ସାର ଆଦି ନପାଇ ସୁଖି ନ ଯାଏ, ଗାଈ ଗୋରୁ ଆଦି ତୃଣଭୋଜି ପ୍ରାଣୀ ଖାଇ ନ ଯାଆନ୍ତି ସେମିତି ମଧ ଯତ୍ନ ଓ ସହାୟତା ଲୋଡ଼େ ମଣିଷର ପିଲାଟି । ଗଛଟିର ସଠିକ୍ ଯତ୍ନ ନେଲେ ଯେମିତି ସେ ଠିକ୍ ସମୟରେ ଫୁଲ ଦିଏ, ପତ୍ରଦିଏ, ଡାଳଦିଏ, ଫଳ ଦିଏ, ସେମିତି ମଣିଷର ସହଜ ସାଧାରଣ ତୁଳନାତ୍ମକ କିଛି କଥାରୁ ବୁଝିହୁଏ ଯେ ବାଳକାଳ ବହୁତ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ମଣିଷର ଭବିଷ୍ୟତ ପାଇଁ ମୂଳଦୁଆ ପଡ଼େ, ଭବିଷ୍ୟତର ସ୍ୱପ୍ନ ଓ ସମ୍ଭାବନା ସଞ୍ଚାର ହୁଏ, ଆଗାମୀର ପଥ ପରିଷ୍କୃତ ହୁଏ, ପୃଥିବୀରେ ଅନେକ ଫୁଲଫୁଟେ ଓ ଚଉଦିଗ ମହକାଇ ଦିଏ ।

ଇଂରାଜୀ ସାହିତ୍ୟର ପ୍ରସିଦ୍ଧ ସାହିତ୍ୟକାର କବି **William Wordsworth** କହିଥିଲେ ଯେ, **Child is the father of man** ଅର୍ଥାତ୍ ଶିଶୁଟିଏ ଭିତରେ ରହିଥାଏ ଆଗାମୀର ସମସ୍ତ ସ୍ୱପ୍ନ ଓ ସମ୍ଭାବନା । ସେ ଯେ ଭବିଷ୍ୟତରେ କଣ ହେବ, କଣ ହୋଇପାରିବ ତାହା ଶୈଶବରୁ ହିଁ ନିର୍ଦ୍ଧାରିତ ହୁଏ ।ଭବିଷ୍ୟତର ମଣିଷ ନିର୍ମାଣର ସମୟ ହେଲା ଶୈଶବ ଅର୍ଥାତ୍ ବାଳକାଳ । ତେବେ ବିଚାର କରିବା ଯେ ସହି ବାଳକାଳରେ କେମିତି ମଣିଷ ନିର୍ମାଣର ପ୍ରକ୍ରୀୟା ଠିକ୍ ଭାବରେ ହୋଇ ପାରିବ । ଆଗାମୀର ପୃଥିବୀ ଏହି ସମୟରୁ ହିଁ ବହନ କରେ ସଙ୍କେତ । ଦ୍ୱାପର ଯୁଗରେ ଭଗବାନ କୃଷ୍ଣଙ୍କର ଦେବକୀର ବନ୍ଦି ଶାଳାରେ ହୁଏ ଜନ୍ମ । ତେବେ ତାଙ୍କ ଜନ୍ମ ମାତ୍ରକେ ବନ୍ଦିଶାଳାର ଦ୍ୱାର ଖୋଲିଯାଏ, ମହାରାଜ ଉଗ୍ରସେନଙ୍କୁ ପ୍ରଥମେ ମିଳେ ଭବିଷ୍ୟତର ସନ୍ଧାନ । ଯମୁନାର ପାଣି ଦୁଇଭାଗ ହୋଇ ପରିଷ୍କାର କରେ ପଥ । ବାସୁକୀ ନାଗର ଫଣାର ଛାତରେ ନିଶ୍ଚିତରେ ପିଲାଟି ପହଂଚେ ନନ୍ଦପୁର, ଆପଣାର ଭବିଷ୍ୟତ ନିର୍ମାଣର ସ୍ଥାନ । ସେଠାରେ ସେ ପ୍ରେମର ସନ୍ଦେଶ ଦିଅନ୍ତି, ପରାକ୍ରମର ପରୀକ୍ଷା ଦିଅନ୍ତି, ପୃଥିବୀ ପାଇଁ ସନ୍ଦେଶ ଦିଅନ୍ତି ଆଉ ଏ ସବୁ ହୁଏ ସେହି ବାଳକାଳକରୁ । ପୁତନା ରାକ୍ଷସୀର ସ୍ତନରୁ କ୍ଷୀରପାନ ସହ ତାର ପ୍ରାଣ ହରଣ କରିବା, ବକାସୁରକୁ ଦୁଇଫାଳ କରି ନିର୍ବାଣର ପଥରେ ପଥଚାରୀ କରାଇବା, ଇନ୍ଦ୍ରଙ୍କର କୋପରୁ ଗୋବର୍ଦ୍ଧନପର୍ବତ ତଳେ ଗୋପପୁରକୁ ସୁରକ୍ଷିତ କରିବା ଆଦି କାହାଣୀ ଆମକୁ କଣ ସୂଚନା ଦିଏ ? କୃଷ୍ଣ ହୁଅନ୍ତୁ କି ରାମ, ନାନକ ହୁଅନ୍ତୁ କି ଯିଶୁ, ମହମ୍ମଦ ହୁଅନ୍ତୁ କି ଜୋରାଷ୍ଟର, ଏ ପୃଥିବୀରେ ସମସ୍ତେ ମଣିଷର ଲୀଳାଖେଳା, ସ୍ୱପ୍ନ ସମ୍ଭାବନା, ସନ୍ଦେଶ ସହଯୋଗ, ଗତି ପ୍ରଗତି ଆଦିରେ ହୋଇଛି ବନ୍ଦିତ । କହିବାକୁ ଗଲେ ପୃଥିବୀର ସମସ୍ତ ସମୃଦ୍ଧିର ପଥରେ ପ୍ରଥମେ ଆସେ ମଣିଷର ଶୈଶବ, ବାଳକାଳ । ରାମ, କୃଷ୍ଣ, ଯିଶୁ, ପୈଗମ୍ବର, ନାନକ ଆଦି ସମସ୍ତଙ୍କର ଶୈଶବ ହିଁ ଦେଇଛି ଆଗାମୀର ବାର୍ତ୍ତା । ହୁଏତ ମୋର ପୁରାଣ ପୃଷ୍ଠାରୁ ଅବଧାରିତ କିଛି ଚରିତ୍ରବାନ ଚରିତ୍ର ଉପରେ ପ୍ରସଙ୍ଗର ମର୍ମ ନେଇ ବିବାଦ ଉପୁଜିପାରେ ତେବେ ଏହା ସତ୍ୟ ଯେ ମଣିଷର ଭବିଷ୍ୟତ ଶୈଶବରୁ ହିଁ ହୋଇଥାଏ ସୁରକ୍ଷିତ ।

ବାଳକାଳ ଅର୍ଥାତ୍ ପିଲାବେଳ କଥା ମନେ ପଡ଼ିଲେ ପୃଥିବୀର ପ୍ରତ୍ୟେକ ମଣିଷ ସାମାନ୍ୟ ଉତ୍ଫୁଲ୍ଲିତ ହୋଇ ଉଠେ । ତେବେ ଆଜିକାଲି ପାଠପଢ଼ା ବିଷୟରେ ବହୁତ ବିଜ୍ଞାନୀ ମତ ଉପସ୍ଥାପିତ କରାଗଲାଣି ଯେମିତି ପାଠ ପଢ଼ିବାର ଅନ୍ତନାହିଁ । କେହି କେହି ଏହାକୁ ଭିନ୍ନ ଅର୍ଥ ଦେଇ ଆପଣାର ବିଜ୍ଞତା ଦର୍ଶାଇବାକୁ ଯାଇ କହନ୍ତି ଯେ ନା, ପାଠପଢ଼ା ହେଉଛି ଏକ ସମୟର । ସେଥିପାଇଁ ପାଠପଢ଼ା ସହ ସରକାରୀ ଚାକିରୀ ଆଦିରେ ଏକ ନିର୍ଦ୍ଦିଷ୍ଟ ବୟସ ସ୍ଥିର କାରାଯାଇଛି । ବିଭିନ୍ନ ଚାକିରୀରେ ସର୍ତ୍ତାବଳି ଅନୁସାରେ ଜଣେ ବ୍ୟକ୍ତିର ବୟସ ଏତିକି ବର୍ଷ ହୋଇଥିବା ଦରକାର । ଅମୁକ ବର୍ଷରେ ମେଟ୍ରିକ୍, ଅମୁକ ବର୍ଷରେ ଗ୍ରାଜୁଏସନ୍ ଓ ଅମୁକ ବର୍ଷରେ ଆବଶ୍ୟକୀୟ ସୂଚିତ ଶିକ୍ଷାଗ୍ରହଣ କରିଥିବା ଉଚିତ୍ । ତାପରେ କେମିତି କହିବା ଯେ ପାଠ ପଢ଼ାର ଅନ୍ତ ନାହିଁ । ଅବଶ୍ୟ ଏହାକୁ କହିହେବ ଯେ ମଣିଷର ଜ୍ଞାନ ଆହରଣରେ କୌଣସି ବୟସ ଦରକାର ହୁଏ ନାହିଁ, ସବୁ ବୟସର ମଣିଷ ଜ୍ଞାନ ଆହରଣ କରେ, ଶିଖେ, ଜାଣେ, ଅନୁଭବ ବଢ଼ାଏ ଇତ୍ୟାଦି । କିନ୍ତୁ ପାଠ ପଢ଼ାର ଯେ ବୟସ ରହିଥାଏ ଏ କଥା ସ୍ୱୀକାର କରିନେବା ଭଲ ।

ଏବେ ଏହି ପାଠ ପଢ଼ାଟିକୁ ଆମେ ଦୁଇ ଭାଗରେ ବିଭକ୍ତ କରି ଆଲୋଚନା କରିବା ଓ ତାହା ଆମେ ବିଷୟଗତ ଜୀବିକାପନ୍ଥୀ ଜ୍ଞାନ ଓ ଅନ୍ୟଟି ଚାରିତ୍ରିକ ବ୍ୟକ୍ତିତ୍ୱ ନିର୍ମାଣର ଜ୍ଞାନ । ପ୍ରଥମେ ଆମେ ବିଷୟଗତ ଜୀବିକାପନ୍ଥି ଜ୍ଞାନ ଅର୍ଥାତ୍ ପାଠ ବିଷୟରେ ଆଲୋଚନା କରିବା ଯାହା ଶୈଶବରୁ ଆରମ୍ଭ ହୋଇ ଏକ ନିର୍ଦ୍ଦିଷ୍ଟ ବୟସରେ ମୁଖ୍ୟତଃ ଶେଷ ହୋଇଯାଏ । ପିଲାଟିର ବାଲ୍ୟକାଳ କିମ୍ବା ବାଳକାଳରେ ମସ୍ତିଷ୍କ କୋମଳ ଥାଏ । ପିତାମାତା ପରିବାରର ସମ୍ପୂର୍ଣ୍ଣ ନିର୍ଭରତାରେ ସେମାନେ ବଡ଼ ହୁଅନ୍ତି । ପିତାମାତା ପରିବାରର ଚାଲିଚଳନ, ଚରିତ୍ରକୁ ସହଜରେ ଗ୍ରହଣ କରନ୍ତି, ସେଥିପାଇଁ ପରିବାର ମାନଙ୍କୁ ପ୍ରଥମ ବିଦ୍ୟାଳୟର ସମ୍ମାନ ପ୍ରଦାନ କରାଯାଇଛି । ତାପରେ ପିଲାଟି ବିଦ୍ୟାଳୟକୁ ଯାଏ, ମହାବିଦ୍ୟାଳୟକୁ ଯାଏ, ଅନ୍ୟ ପିଲାମାନଙ୍କ ସହ ମିଶେ, ସମାଜକୁ ଦେଖେ, ବୁଝେ, ପଢ଼େ ଓ ଶିକ୍ଷକମାନଙ୍କର ସହାୟତାରେ ଆପଣା ଭିତରର ବିଶେଷ ମଣିଷଟିକୁ ଚିହ୍ନିବାକୁ ଚେଷ୍ଟାକରେ । କିଏ ଡାକ୍ତର ହୁଏ, କିଏ ଶିକ୍ଷକ, କିଏ ଯନ୍ତ୍ରୀ ହୁଏ କିଏ ମନ୍ତ୍ରୀ, କିଏ ବ୍ୟାପାରୀ ହୁଏ କିଏ କୃଷକ, କିଏ ବୈଜ୍ଞାନିକ ହୁଏ କିଏ ସୈନିକ, ଏମିତି ସେହି ପାଠ ତାକୁ ତାର ଜୀବିକାର ପନ୍ଥାରେ ବିନିବେଶ କରିଦିଏ । କହିବାକୁ ଗଲେ ସେତେବେଳେ ମଣିଷର ଏହି ଶିଶୁଟିଏ ମଣିଷ ହୁଏ, ଅର୍ଥ ଉପାର୍ଜନ କରେ, ଘର ସଂସାରର ଦାୟିତ୍ୱ ନିଏ, ଦେଶର ସେବାର ସେବାରେ ନିଜକୁ ନିୟୋଜିତ କରେ ଏମିତି ଅନେକ । ସେତେବେଳେ ତା'ର ସେହି ପୁସ୍ତକ, ଶିକ୍ଷକ, ସ୍କୁଲ, କଲେଜ, ୟୁନିଭରସିଟି ଆଦି ପଛରେ ରହିଯାଏ କେବଳ କିଛି ସ୍ମୃତିର ଫରୁଆରେ ।

ଏବେ ଆମେ ଚାରିତ୍ରିକ ବ୍ୟକ୍ତିତ୍ୱ ଜ୍ଞାନ ବିଷୟରେ ଆଲୋଚନା କରିବା । ଏହି ପାଠକର ଇତିହାସ ଓ ପରମ୍ପରା କଥା ବିଚାରକୁ ନେଲେ ଆମକୁ ଗୁରୁକୁଳର ଶିକ୍ଷା ବିଷୟରେ ବିଚାରକୁ ଆସେ ଯେଉଁଠି ଏକଲବ୍ୟ, ଚରକ, ଅର୍ଜୁନ, କର୍ଣ୍ଣ, ଅଶ୍ୱସ୍ଥମା,ବେଲାଳସେନ, ଅଭିମନ୍ୟୁ, ରାମ, ରାବଣ, ମେଘନାଦ, ଲବ କୁଶ ଆଦିଙ୍କର କଥା ସ୍ମରଣକୁ ଆସିବ । ସେ ସମୟରେ ବିଦ୍ୟା ମୁଖ୍ୟତଃ ବ୍ୟକ୍ତିତ୍ୱ ଏବଂ ଚରିତ୍ର ନିର୍ମାଣ ଉପରେ ପ୍ରଥମେ କେନ୍ଦ୍ରିତ ଥିଲା । ଏକ ଉଚ୍ଚ ଆଦର୍ଶରେ ଗୁରୁମାନେ ଆଶ୍ରମରେ ରହି ବିଦ୍ୟା ପ୍ରଦାନ କରୁଥିଲେ । ସେମିତି ପରମ୍ପରା ଭିତରେ ଏକଲବ୍ୟର ଆପଣାର ଆଙ୍ଗୁଠି ପ୍ରଦାନ, କର୍ଣ୍ଣଙ୍କର ଅଭିଶାପ ଗ୍ରହଣ, ରାମଙ୍କର ବନଗମନ ଭରତଙ୍କର ତପ ଆଚରଣ ଆଦିର ବହୁ ଆଦର୍ଶଗତ ପାଠ ଆମେ ଦେଖିବାକୁ ପାଉ । ତେବେ ଆଜିର ସମାଜ ବ୍ୟବସ୍ଥାରେ ପ୍ରାଧାନ୍ୟ ନାହିଁ । ଆଜିର ସମାଜରେ ଚରିତ୍ରର ସ୍ଖଳନ ବହୁମାତ୍ରାରେ ଦେଖିବାକୁ ମିଳୁଛି । ଦୁର୍ବଳ ପଶୁପକ୍ଷୀ ଉପରେ ଯେମିତି ସବଳ ପଶୁପକ୍ଷୀ ପ୍ରଭୁତ୍ୱ ବିସ୍ତାର କରୁଥିଲେ ସେମିତି ପାଲଟି ଯାଇଛି ମଣିଷର ସମାଜ । ବାଳକାଳରେ ଆହରଣ କରିବାରେ ଅବହେଳା କିମ୍ବା ଅବ୍ୟବସ୍ଥା ଭିତରୁ ସେ ଆପଣାର ଚରିତ୍ର ଗଠନ କରିପାରେନାହିଁ । ତାର ବ୍ୟକ୍ତିତ୍ୱ ଆଜି ବହୁ ଦୁର୍ବଳ । ସେ କେବେ କେଉଁ କଚେରୀ କାନ୍ଥରେ ନିଜର ଦେହକୁ ଘସି ହେଉଛି, କେଉଁଠି କାରଖାନା ଭିତରେ ଆପଣାର ମନକୁ ମାଜି ହେଉଛି । କିଏ ଏଣେତେଣେ ନିରୁଦ୍ଦିଷ୍ଟ ପଥିକ ପରି ଘୁରି ବୁଲୁଛି, କିଏ ଆପଣାର ଅତୀତର ଦୋଷ ଦୁର୍ବଳତା ଭିତରେ ଘାଣ୍ଟି ଦେଉଛି । ବାଳକାଳରେ ହୋଇ ପାରି ନ ଥିବା ଯଥାର୍ଥ ଶିକ୍ଷାପାଇଁ ସେ ଅଶ୍ରୁ ବୋହାଉଛି କିମ୍ବା ସମୟ ଓ ସମାଜ ଉପରେ ନିନ୍ଦା ଲଦି ଦେଉଛି । ଏଣୁ ଏହା ସତ୍ୟ ଯେ ବାଳକାଳରେ ହିଁ ହୋଇଥାଏ ଜ୍ଞାନର, ବୁଦ୍ଧିର ଓ ବିବେକର ଆହରଣ । ଯଦି ଆମେ ସେହି ବାଳକାଳରେ ପିଲାଟିର ବ୍ୟକ୍ତିତ୍ୱକୁ, ଚରିତ୍ରକୁ ଠିକ୍ ଭାବରେ ନିର୍ମାଣ କରିବାରେ ସକ୍ଷମ ହୋଇଥାନ୍ତେ ତେବେ ଆଜି ସମାଜରେ ଏମିତି ହିଂସା ହୁଅନ୍ତା ନାହିଁ, ବଳାତ୍କାର ହୁଅନ୍ତା ନାହିଁ, ଶୋଷଣ ହୁଅନ୍ତା ନାହିଁ, ହତ୍ୟା ଲୁଟପାଟ ହୁଅନ୍ତା ନାହିଁ । ମଣିଷ ମଣିଷକୁ ଘୃଣା କରନ୍ତା ନାହିଁ । ଆମର ବ୍ୟକ୍ତିତ୍ୱ, ସମାଜ ଓ ଦେଶ ମଧ ଏମିତି ଦୁର୍ବଳ ହୁଅନ୍ତା ନାହିଁ । ଏକ ସୁନ୍ଦର ସଂସାରର ପରିକଳ୍ପନା ତେବେଯାଇ ସମ୍ଭବ ହେବ ଯେଉଁଦିନ ଆମେ ବାଳକାଳର ବିଦ୍ୟାଳୟକୁ ଯଥାର୍ଥରେ ପରିଣତ କରିପାରିବା । ତା' ନ ହେଲେ ଛତୁଉଠା କାଠ ଯେମିତି ବିଶେଷ ଦରକାରବୋଧ ଜାଗ୍ରତ କରିପାରେନା ସେମିତି ନିଶ ଉଠା କିମ୍ବା ପାଚିଲା ବୟସର ମଣିଷ ଆପଣାର ଭାଗ୍ୟ ଭୋଗିବାକୁ ବାଧ ହେଉଥିବ ।

♥ 'ସୌଭାଗିନୀ', ରଟିଲୋ,
ରେଂଚ, ପୁରୀ
(ମୋ) : ୯୪୩୯୫୩୯୨୨୯

## ମନଗହନ



ବିଭୂତି ଭୂଷଣ ସେନାପତି

"କେବଳ ଶବ୍ଦ ପ୍ରତିମାରେ କବିତା ସକଳ ଭାବନାକୁ ପରିପ୍ରକାଶ କରେ ନାହିଁ ବା କବିତାର ଭାବ ଆଭିଧାନିକ ଅର୍ଥର ପରିଚାୟକ ନୁହେଁ, ସେଥିପାଇଁ ଅନୁଭୂତିର ସାଧାରଣ ଅର୍ଥ ଅନ୍ତରାଳରେ ରହସ୍ୟାଚ୍ଛନ୍ନ ଭାବାଲୋକ ପ୍ରତୀକ ମାଧ୍ୟମରେ ପରିପ୍ରକାଶ ଘଟେ। ଇନ୍ଦ୍ରିୟ ଗ୍ରାହ୍ୟ ଜଗତ ବାହାର ଏକ ଅଦୃଶ୍ୟ ଜଗତର ଚିତ୍ର ଯେତେବେଳେ ଆମ ମନକୁ ସ୍ପର୍ଶକାତର କରେ ତାହାକୁ ଆମେ ପ୍ରତୀକ କହୁ। ଏହା ଅମୂର୍ତ୍ତ ଜଗତ ସହ ସଂପର୍କ ରକ୍ଷା କରେ। ରୂପର ସିନା ଏହା ଅସାଦୃଶ୍ୟ ମାତ୍ର ଅର୍ଥର ଅପ୍ରତିନିଧିତ୍ୱ କରି ସେ ଅସଂଖ୍ୟ ଧାରଣା ସୃଷ୍ଟି କରିବାକୁ ପ୍ରେରଣା ଦିଏ। ଏଥିରେ ଥାଏ ଅନେକ ଅପ୍ରକାଶିତ ଅର୍ଥର ଯୋଗାରୂଢ଼ ଶବ୍ଦ। ଅପାର ଇନ୍ଦ୍ରିୟ ଶକ୍ତିର ଅନନ୍ୟ ଦ୍ୟୋତକାତ୍ମକ ପ୍ରତିଶ୍ରୁତି। ଦୁଇଟି ଭିନ୍ନ ଜାତୀୟ ବସ୍ତୁର ସଂସ୍ପର୍ଶବୋଧ ଘଟିଲେ ଗୋଟିକର ଅପାର ଭାବାବେଗ ସୃଷ୍ଟି କରେ। କବି ବିଭୂତି ଭୂଷଣଙ୍କ କବିତାରେ- "ରାତି ଶୋଇଥିଲା ଜହ୍ନ ମାମୁଁ କୋଳେ ସାଗର ଚିନ୍ତାରେ ମଗନ/ଆକାଶ ଶୋଇଲା ଗହମ ନିଦରେ ଦେଖୁଥିଲା ମିଠା ସପନ"। କବି ହୃଷିକେଶ ପଂଡାଙ୍କ କବିତାରେ ଏହାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳେ- "ପଉଷ ଶେଯରେ ଝରା ପତର ମୁଁ ତୁମେ ତ ହଳଦୀ ବସନ୍ତ/ ମୋ ପାଇଁ ଚାହିଁଛି ଧୂସର ଧରଣୀ ତୁମକୁ ଅସୀମ ଦିଗନ୍ତ।" ରୂପକ ଓ ପ୍ରତୀକ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ଦୁଇଟି ବସ୍ତୁ ସହସାଚିତା ପ୍ରତୀକ। ଦୁଇଟି ବିଜାତୀୟ ବସ୍ତୁ ମଧ୍ୟରେ ସାଦୃଶ୍ୟ ବା ସମଗୁଣତା ରୂପକ। ତାହା କାବ୍ୟ ବିମ୍ବର ଆଧାର। "

♥ ଶଚିମଣି କୁଟୀର, କୋହ୍ଲ,
ତିହିଡ଼ି, ଭଦ୍ରକ
ମୋ: ୯୪୩୭୫୭୪୪୬୨

# ନବ ନିର୍ମାଣ ସ୍ୱରାଜ ସରକାର ପକ୍ଷରୁ ଜାଗ ଜନତା ଜାଗ ସମାବେଶ




ବାଲିଆପାଳ , ୨୪/୨ (ନି.ପ୍ର): ଓଡ଼ିଶା ନବ ନିର୍ମାଣ ସ୍ୱରାଜ ସରକାର ପକ୍ଷରୁ ଶୁକ୍ରବାର ବାଲିଆପାଳ ବ୍ଲକ କାଳିପଦା ବଜାର ଠାରେ ଜାଗ ଜନତା ଜାଗ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ସନ୍ୟାସୀ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ କୃଷକ ନେତା ଅନନ୍ତ ରାଉତ, ୟୁ ପି ର କୃଷକ ନେତା ଶିବାନନ୍ଦ ଯାଦବ ଓ ରାହୁଲ ଶୋକ୍ଲା କୃଷକକୁ ଚାଷର ମୂଲ୍ୟ ମିଳୁ, କୃଷକକୁ ସମ୍ମାନ ମିଳୁ, କୃଷକକୁ ଭତ୍ତା ମିଳୁ, ଚାଷୀ ଆତ୍ମହତ୍ୟା ବନ୍ଦ ହେଉ ବୋଲି କହିଥିଲେ। ଏସବୁକୁ ହାସଲ କରିବା ପାଇଁ ଆମର ଏହି ଲଢେଇ ବୋଲି ସେମାନେ ମଧ କହିଥିଲେ।ସତ୍ୟକାମ ମହାନ୍ତି, ଜଳେଶ୍ୱର କୃଷକ ନେତା କାର୍ତ୍ତିକ ଘୋଷ , ନବ ନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଭାପତି କୁଳମଣି ଯୋଗାଚାର୍ଯ୍ୟ , ବରିଷ୍ଠ କୃଷକ ନେତା ଅକ୍ଷୟ କୁମାର ଯୋଗ ଦେଇ ଚାଷୀମାନଙ୍କୁ ସଂଗଠିତ ହେବାକୁ ଆହ୍ୱାନ ଦେବା ସହିତ ଚାଷୀ ସମସ୍ୟା ସମ୍ପର୍କ ରେ ଆଲୋଚନା କରିଥିଲେ। କୃଷକ ନେତା ତଥା ଜନନୀ ପରିବାର ମୁଖ୍ୟ ଜ୍ୟୋତ୍ସ୍ନା ରାଣୀ ମହାନ୍ତି ଅତିଥି ଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ।

# ବଡ ସିମୁଳିଆ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




ଲଙ୍ଗଳେଶ୍ୱର, ୨୪/୨ (ନି.ପ୍ର): ବିଦ୍ୟା ହିଁ ଜଣେ ଛାତ୍ରକୁ ବିନୟୀ ଓ ସଦାଚାରୀ ହେବାକୁ ଶିକ୍ଷା ଦିଏ । ଚରିତ୍ର ଗଠନ ପାଇଁ ପ୍ରେରଣା ପ୍ରଦାନ କରେ। ଭଲ ମଣିଷ ହେବାକୁ ବାଟ ଦେଖାଏ ବୋଲି ଶନିବାର ବାଲିଆପାଳ ବ୍ଲକ ବଡ ସିମୁଳିଆ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିଚାଳନା କମିଟି ସମ୍ପାଦକ ହରେକୃଷ୍ଣ ପାତ୍ର ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲେଶ୍ୱର ରେବତୀ ପତ୍ରିକାର ସମ୍ପାଦିକା ତଥା ରାଜ ନେତ୍ରୀ ସୁବାସିନୀ ଜେନା ମୁଖ୍ୟ ଅତିଥି, ଜାମଶୂଳୀ କଲେଜର ବରିଷ୍ଠ ଅଧ୍ୟାପକ ଶିକ୍ଷାବିତ ଡ଼ଃ ସୁକାନ୍ତ କୁମାର ଗିରି ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ମାତୃ ପ୍ରାଣ ଲମ୍ବୋଦର ଦେ, ଲକ୍ଷ୍ମଣ କୁମାର ସେନାପତି, ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ପାତ୍ର, ରାଜ ନେତା ଗୋବିନ୍ଦ ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧକ୍ଷ ପ୍ରାଣକୃଷ୍ଣ ଜେନା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ।ଏହି ଅବସରରେ ପୂରାତନ ଛାତ୍ରୀ ଆର୍ଯ୍ୟ ସ୍ମୃତି ପାଣିଗ୍ରାହୀ ଙ୍କୁ ବିଶେଷ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇ ଥିଲା।ପରେ ପରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ମାଟ୍ରିକ୍ ପରୀକ୍ଷା: ସିସିଟିଭି ...

ସେମାନଙ୍କୁ ଚେତାବନୀ ଦିଆଯାଇଥିବା ବୋର୍ଡ ଉପସଭାପତି କହିଛନ୍ତି। ଏଠି ପ୍ରଶ୍ନ ଅଙ୍କତାରୁ ନା ଲିକ୍ ଉଦ୍ଦେଶ୍ୟରେ ଜାଣିଶୁଣି ଏପରି କରାଯାଇଛି। ପ୍ରାୟ ସାଢ଼େ ୫ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଜଡ଼ିତ ଏ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରତି ଏଭଳି ଦାୟିତ୍ୱହୀନତା କିଭଳି ସମ୍ଭବ ? ଏସବୁ ଘଟଣା ଲିକ୍ ଓ ଭାଇରାଲ୍ ସନ୍ଦେହକୁ ଦୃଢୀଭୂତ କରୁଥିଲା ବେଳେ ପ୍ରସଙ୍ଗକୁ ନେଇ ରାଜନୀତି ବି ତେଜିଛି। ବିଜେପି ଯୁବ ମୋର୍ଚ୍ଚା ଘଟଣାରେ ସରକାରଙ୍କ ଅପାରଗତାକୁ ଦାୟୀକରି ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲା ବେଳେ କଂଗ୍ରେସ ମଧ ପ୍ରଶ୍ନପତ୍ର ଲିକ୍ କରୁଥିବ ରାକେଟ୍ ସହ ସରକାର ମିଶିକି ଥିବା କହି ବର୍ଷିଛି। ତେବେ ଏନେଇ ବିଜେଡି କିମ୍ବା ଗଣଶିକ୍ଷାମନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, ଇଂରାଜୀ ପରୀକ୍ଷା ସମୟରେ କେନ୍ଦୁଝର, ନବରଙ୍ଗପୁର ଓ ଗଜପତିର ଗୋଟିଏ ଲେଖାଏଁ ସ୍କୁଲରେ ହୋଇଥିବା ଏକାଧିକ ତ୍ରୁଟିକୁ ଏଆଇ ସାମ୍ନାକୁ ଆଣିବା ପରେ ବୋର୍ଡ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ଦିଆଯାଇଛି। କେନ୍ଦୁଝର ସାହାରପଡ଼ା ହାଇସ୍କୁଲରେ କପି ହେଉଥିବାର ପ୍ରମାଣ ମିଳିବା ପରେ ସଂପୃକ୍ତ ସେଣ୍ଟର ସୁପରିନଟେଣ୍ଡେଣ୍ଟଙ୍କୁ ବଦଳାଯାଇଛି।

## ଅଚାନକ ଛୁଟିରେ ପଳାଇଗଲେ...

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୦୫ ବ୍ୟାଚ୍ ଆଇଏଏସ୍ ରାଜେଶ ପ୍ରଭାକର ପାଟିଲଙ୍କୁ ଭୁବନେଶ୍ୱର ମହାନଗର ନିଗମର କମିଶନର ଭାବେ ନିଯୁକ୍ତି ମିଳିଛି । ସେ ଅତିରିକ୍ତ ଭାବେ ସମବାୟ ବିଭାଗର ସଚିବ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ତୁଲାଇବେ । ସେହିପରି ୨୦୧୩ ବ୍ୟାଚ୍ ଆଇଏଏସ୍ ଶ୍ରୀ କୁଲାଙ୍ଗେଙ୍କୁ ରାଜ୍ୟ ସରକାର ଏକମାସ ପାଇଁ ଛୁଟିରେ ଯିବା ନିମନ୍ତେ ଅନୁମତି ପ୍ରଦାନ କରାଯାଇଛି। ଛୁଟିରୁ ଫେରିବା ପରେ ତାଙ୍କୁ ନୂଆ ପଦରେ ନିଯୁକ୍ତି କରାଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଗତକାଲି ଭୁବନେଶ୍ୱର ମହାନଗର ନିଗମର ମାସିକ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ହିଁ ଶ୍ରୀ କୁଲାଙ୍ଗେଙ୍କୁ ମହଙ୍ଗା ପଡ଼ିଛି । ତୃତୀୟ ମହଲାରୁ କଡ଼ା ତାଗିଦ୍ ଓ ବିରକ୍ତି ଯୋଗୁ ଶ୍ରୀ କୁଲାଙ୍ଗେ ନିଜକୁ ଅସମ୍ମାନିତ ମନେ କରି ଏକ ମାସ ଛୁଟିରେ ପଳାଇଥିବା ଚର୍ଚ୍ଚା ହେଉଛି । ଗତକାଲି ବିଏମସି ମାସିକ ବୈଠକରେ ମେୟର, ଡେପୁଟି ମେୟର ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ଶ୍ରୀ କୁଲାଙ୍ଗେ ମଧ ଉପସ୍ଥିତ ଥିଲେ । ବୈଠକରେ ମେୟରଙ୍କୁ ସିଟିଂ ଆଲାଉନ୍ସ ୫୦ହଜାର ଟଙ୍କା, ଡେପୁଟି ମେୟରଙ୍କ ୨୫ହଜାର ଟଙ୍କା ଓ କର୍ପୋରେଟରମାନଙ୍କର ସିଟିଂ ଆଲାଉନ୍ସ ୧୦ହଜାର ଟଙ୍କା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହି ସମସ୍ତ ଅର୍ଥ ବିଏମସି ପାଣ୍ଠିରୁ ଭରଣା କରାଯିବ ବୋଲି ଶ୍ରୀ କୁଲାଙ୍ଗେ ଗଣମାଧ୍ୟମକୁ କହିଥିଲେ । ମାତ୍ର ସନ୍ଧ୍ୟାରେ ଏହି ନିଷ୍ପତ୍ତିକୁ ରଦ୍ଦ କରାଯିବା ସହ ଏଥିପାଇଁ ସରକାରଙ୍କ ଅନୁମତି ଜରୁରୀ ବୋଲି ଶ୍ରୀ କୁଲାଙ୍ଗେ ଗଣମାଧ୍ୟମକୁ ସଫେଇ ଦେଇଥିଲେ । ଏହାସହିତ ଗତକାଲି ସନ୍ଧ୍ୟାରେ ହିଁ ଶ୍ରୀ କୁଲାଙ୍ଗେଙ୍କୁ ଏକମାସ ଛୁଟିରେ ଯିବା ପାଇଁ ସରକାର ଅନୁମତି ଦେଇ ତାଙ୍କ ସ୍ଥାନରେ ଶ୍ରୀ ପାଟିଲଙ୍କୁ ବିଏମସି କମିଶନର ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ, ଶ୍ରୀ କୁଲାଙ୍ଗେ ଗଞ୍ଜାମ ଜିଲ୍ଲାପାଳ ଭାବେ ତୃତୀୟ ମହଲାର ଫେଭରାଇଟ୍ ଅଫିସର ଥିଲେ ଓ ସେଠାରୁ ତାଙ୍କୁ ବିଏମସି କମିଶନର ଭାବେ ବଦଳି କରାଯାଇଥିଲ।

## ଲୋକସଭା ନିର୍ବାଚନ....

ତାଙ୍କ ବିଜୟ ବ୍ୟବଧାନ ୩.୩୭ ଲକ୍ଷ ଭୋଟ ରହିଥିଲା। ୨୦୧୯ରେ ଏହା ୪.୮ ଲକ୍ଷରେ ପହଞ୍ଚିଥିଲା। ଅମିତ ଶାହ ୨୦୧୯ରେ ଗୁଜରାଟର ଗାନ୍ଧିନଗର ଲୋକସଭା ଆସନରୁ ଲଢ଼ିଥିଲେ। ପୂର୍ବରୁ ଏଠାରେ ଏଲକେ ଆଡଭାନୀ ଲଢୁଥିଲେ। ଆଡଭାନୀଙ୍କ ଭଳି ଶାହ ମଧ ବିପୁଳ ଭୋଟ ବ୍ୟବଧାନରେ ବାଜି ମାରିଥିଲେ। ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦି ବିଜେପି ନେତା ଓ କର୍ମୀମାନଙ୍କୁ ୩୭୦ ଟାର୍ଗେଟକୁ ପୂରଣ କରିବା ପାଇଁ କଠିନ ପରିଶ୍ରମ କରିବାକୁ କହିଥିଲେ। ଆସନ୍ତା ୧୦୦ ଦିନ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସମସ୍ତଙ୍କୁ ଜଣାଇଥିଲେ।

## ହାଇକୋର୍ଟଙ୍କ ନିର୍ଦ୍ଦେଶ...

ଅର୍ଥାତ ଜାହାଜକୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଭେମ୍ବର ୩୦ରେ ପାରାଦୀପ ବର୍ଥରେ ଲାଗିଥିଲା ଗଠ ଉରଭସ ଜାହାଜ । ଏହାପରେ ସେଥିରେ କୋକେନ ଥିବା ଜଣାପଡ଼ିଥିଲା। ଏହି ଘଟଣା ପ୍ରଘଟିତ ହେବା ପରେ ରାଜ୍ୟ ସମେତ ବହୁ ଜାତୀୟ ତଦନ୍ତକାରୀ ସଂସ୍ଥା ଏହାର ଯାଞ୍ଚ କରୁଛନ୍ତି। କିନ୍ତୁ କୋକେନ ଲିଙ୍କର ଟେର ପାଇ ପାରୁ ନାହାନ୍ତି। କଷ୍ଟମସ୍ ବିଭାଗ ଗଠ ଉରଭସ ଜାହାଜରୁ ୨୨୦ କୋଟିର କୋକେନ ଜବତ କରିଥିବା ବେଳେ ତାହାକୁ କୁଜଙ୍ଗ କୋର୍ଟରେ ଜମା କରିଥିଲା। ଏହାପରେ ଜାହାଜକୁ ବ୍ୟାଜାପ୍ତି କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଥିଲା। ମାତ୍ର ଜାହାଜ ମାଲିକ ଏହାକୁ କାଉଣ୍ଟର କରି ଜାହାଜକୁ ମୁକୁଳାଇବାକୁ ନିବେଦନ କରିଥିଲେ। କୁଜଙ୍ଗ ସ୍ୱତନ୍ତ୍ର ଘଉଚଫ କୋର୍ଟ ଏହି ମାମଲାର ଶୁଣାଣି କରି ୧୦୦ କୋଟିର ବଣ୍ଡ ଏବଂ ୧୦ କୋଟିର ବ୍ୟାଙ୍କ ଗ୍ୟାରେଣ୍ଟି ବଦଳରେ ଜାହାଜ ମୁକୁଳାଇ ନେବାକୁ ଚଳିତ ମାସ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଜାହାଜକୁ ବିକ୍ରି କରି ହେବନି, ରଙ୍ଗ ବଦଳାଇ ହେବନି ବୋଲି ସର୍ତ୍ତ ରଖିଥିଲେ । ମାତ୍ର ଏବେ ହାଇକୋର୍ଟଙ୍କ ଏପରି ନିର୍ଦ୍ଦେଶ ପରେ ଜାହାଜ ପାଇଁ ଜଟିଳତା ବଢି ଯାଇଛି। ଅର୍ଥାତ ମାମଲା ଶେଷ ଯାଏ ଜାହାଜଟି ପାରାଦ୍ୱୀପ ବର୍ଥରେ ରହିବ । ତେବେ ଏହି ମାମଲାର ଫଇସାଲା କେବେ ହେବ, କୋକେନ କନେକ୍ସନ କେବେ ବାହାରିବ ସେ ନେଇ କିଛି ଠୋସ୍ ? ସୂଚନା କାହା ପାଖରେ ନାହିଁ।

# ସ୍ୱଚ୍ଛତାରେ ଆଉ ପାଦେ ଆଗେଇଲା ବାରିପଦା ପୌରପାଳିକା

## ■ଯନ୍ତ୍ରଚାଳିତ ସଫେଇ ମେସିନ ହେଲା ଲୋକାର୍ପିତ
## ■ରାଜ୍ୟର ତୃତୀୟ ପୌରପାଳିକା ଭାବେ ବାରିପଦାରେ ସେବା ଆରମ୍ଭ




ବାରିପଦା, ୨୪/୨ (ନି.ପ୍ର): ସ୍ୱଚ୍ଛ ବାରିପଦା ସୁନ୍ଦର ବାରିପଦା ଗଠନ କରିବା ପାଇଁ ଆଉ ଗୋଟେ ପାଦ ଆଗକୁ ବଢିଛି ବାରିପଦା ପୋ?ରପାଳିକା। ସହରର ରାସ୍ତାକୁ ସ୍ୱଚ୍ଛ ରଖିବା ପାଇଁ ସଫେଇ କାର୍ଯ୍ୟରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ଯନ୍ତ୍ରଚାଳିତ ସଫେଇ ମେସିନ ଲୋକାର୍ପିତ ହୋଇଛି। ବାରିପଦା ପୌରପାଳିକା କଲ୍ୟାଣ ମଣ୍ଡପ ଠାରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଫେଇ ମେସିନ ଉଦଘାଟିତ କରି ଟ୍ରାଇଲ ରନ କରାଯାଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ବିବରଣୀ ପ୍ରଦାନ କରିବା ସହ ସବୁଜ ପତାକା ଦେଖାଇ ମେସିନକୁ ଶୁଭାରମ୍ଭ କରିଥିଲେ। ବାରିପଦା ସହର ମଧରେ ଥିବା ବିଭିନ୍ନ ମୁଖ୍ୟ ରାସ୍ତା ଗୁଡିକରେ ଉକ୍ତ ଦୁଇ ଗୋଟି ମେସିନ ଜରିଆରେ ସଫେଇ କାର୍ଯ୍ୟ କରାଯିବ। ଉକ୍ତ ରାସ୍ତା ଗୁଡ଼ିକ ପୂର୍ବରୁ ସଫେଇ କର୍ମଚାରୀ ମାନଙ୍କ ଦ୍ୱାରା ସଫେଇ ହେଉଥିବା ବେଳେ ସେନେଇ ଅନେକ ସମୟ ମଧ ଲାଗୁଥିଲା। କିନ୍ତୁ ବର୍ତ୍ତମାନ ଉକ୍ତ ମେସିନ ଦ୍ୱାରା ଖୁବ ସମୟ ମଧରେ ସହଜରେ ସଫେଇ କାର୍ଯ୍ୟ କରିହେବ। ଏନେଇ ରାଜ୍ୟ ସରକାରଙ୍କ ସହରାଞ୍ଚଳ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଯୋଜନାରେ ବାରିପଦା ପୌରପାଳିକା ପକ୍ଷରୁ ୧କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ଦୁଇ ଗୋଟି ଯନ୍ତ୍ରଚାଳିତ ସଫେଇ ମେସିନର ବ୍ୟବସ୍ଥା କରାଯାଇଛି। ବାରିପଦା ସହରର ମୁଖ୍ୟ ରାସ୍ତା ଗୁଡିକ ଉକ୍ତ ମେସିନ ଜରିଆରେ ପ୍ରତିଦିନ ସକାଳୁ ୮ରୁ ୧୦ଘଣ୍ଟା ପର୍ଯ୍ୟନ୍ତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ବରୁ ସଫେଇ ନିମନ୍ତେ ମେସିନ ଓ ସଫେଇ ଗାଡି ରହିଥିବା ବେଳେ ଆଉ ଗୋଟେ ନୂତନ ଫର୍ଦ୍ଦ ଯୋଡ଼ା ଯାଇଛି। ରାଜ୍ୟର ସମସ୍ତ ପୌର ନିଗମ ପରେ ରାଜ୍ୟର ତୃତୀୟ ପୌରପାଳିକା ଭାବେ ବାରିପଦାରେ ଉକ୍ତ ଯନ୍ତ୍ରଚାଳିତ ସଫେଇ ମେସିନ କାର୍ଯ୍ୟକାରୀ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡର କାଉନସିଲର, ସ୍ୱଚ୍ଛ ସାଥି, ସଫେଇ ସୁପରଭାଇଜର, ସଫେଇ କର୍ମଚାରୀ ଓ ବାରିପଦା ପୌରପାଳିକାର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ନୂଆଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ଅଗ୍ନି ଉତ୍ସବ ପାଳନ



ନୂଆଦିଲ୍ଲୀ , ୨୪/୨ (ନି.ପ୍ର): ନୂଆଦିଲ୍ଲୀର ହାଉଜଖାସସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ପ୍ରମୁଖ ଜଗନ୍ନାଥ ମନ୍ଦିରରେ ଅଗ୍ନି ଉତ୍ସବ ମହାସମାରୋହ ରେ ପାଳନ କରାଯାଇଛି।ପବିତ୍ର ମାଘ ପୁର୍ଣିମାର ପୁଣ୍ୟତିଥିରେ ଅଗ୍ନି ଦେବତାଙ୍କ ପୂଜନ ଉଦେଶ୍ୟରେ ଆୟୋଜିତ ଏହି ମହୋତ୍ସବ ରେ ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ସେମାନଙ୍କ ପରିବାର ଏବଂ ପରିଜନ ଙ୍କ ସହିତ ଉପସ୍ଥିତ ହୋଇଥିବା ଦେଖାଯାଇଥିଲା। ଅଗିରା ପୁନେଇଁ ଦୃଷ୍ଟି ରୁ ସମଗ୍ର ମନ୍ଦିର ପରିସରରକୁ ଭବ୍ୟ ଢଙ୍ଗରେ ସଜାଯାଇଥିଲା। ଏହି ଅବସରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସାମନାରେ ବୈଦିକ ରୀତି, ନୀତି କ୍ରମେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଅଗ୍ନିପର୍ବ ଉପଲକ୍ଷେ ଆୟୋଜକ ମାନଙ୍କ ଦ୍ୱାରା ମନ୍ଦିର ସାମ୍ନାରେ କାଠ ସାମଗ୍ରୀ କୁ ଏକତ୍ରୀତ କରି ଆକର୍ଷଣୀୟ ରଙ୍ଗ ବେରଙ୍ଗ ର ଚିତାଙ୍କନ ମଧରେ ଏକ ସୁନ୍ଦର, ଶୁଶୋଭିତ ଅଗି ବନାଯାଇଥିଲା। ସନ୍ଧ୍ୟା ୭ଟା ସମୟରେ ପୂଜାରୀ ମାନଙ୍କ ଦ୍ୱାରା ମନ୍ତ୍ର ପାଠ ସହିତ ଆମନ୍ତ୍ରିତ ଅତିଥି ଓ ଆଗନ୍ତୁକମାନଙ୍କ ଦ୍ୱାରା ସୁସଜ୍ଜିତ ଅଗିରେ ଅଗ୍ନି ସଂଯୋଗ କରାଯାଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ଅଗି ଚାରିପଟେ ବୁଲି ଭଜନ, କୀର୍ତ୍ତନ, ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନୀ ଉଚ୍ଚାରଣ ତଥା ଶଙ୍ଖ, ଘଣ୍ଟ,ମର୍ଦ୍ଦଳ, କରତାଳ, ଝାଞ୍ଜ ଓ ମୃଦଙ୍ଗ ବାଦନ ର ଗହ ଗହ ନାଦରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା।ସମଗ୍ର ପରିବେଶ ଭକ୍ତିପୁତ ଏବଂ ଉତ୍ସବ ମୁଖର ହେବାର ବିରଳ ଦୃଶ୍ୟ ବେଶ ମର୍ମସ୍ପର୍ଶୀ ଥିଲା। ବିଶେଷ କରି ଅଗି ଜଳିବା ସମୟରେ ଜାଜଲ୍ୟମାନ ଅଗ୍ନିଶିଖା ଦର୍ଶକମାନଙ୍କ ପାଇଁ ଅପୂର୍ବ ଆଧାତ୍ମିକ ଉଲ୍ଲାସ ଏବଂ ଅଜସ୍ର ଐଶ୍ୱରୀକ ଆନନ୍ଦର ଆଲୌକିକ ଅନୁଭୂତି କୁ ଉପଲବ୍ଧ କରିବାର ପରମ ସୁଯୋଗ ସୃଷ୍ଟି କରିଥିଲା। ଅଗ୍ନି ଦେବତା ସମ୍ମିଳିତ ଭକ୍ତମାନଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ଦର୍ଶକ ମାନେ ଜଳୁଥିବା ଅଗିକୁ ଆଳୁ, ବାଇଗଣ, ସାରୁ, କନ୍ଦମୂଳ, ଚିନାବାଦାମ, ଖଇ ଓ ଗଜକ ଆଦି ଭୋଗ ଆକାରରେ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସକ ଡ଼ଃ ଦେବେନ୍ଦ୍ର ପ୍ରସାଦ ମାଝୀ, ସରୋଜ କୁମାର ନାୟକ ଏବଂ ରାମଚନ୍ଦ୍ର ନାଥ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଅଗ୍ନି ସମାରୋହକୁ ଆୟୋଜନ କରିବାରେ ମନ୍ଦିର ପରିଚାଳନା କମିଟି ନୀଳାଚଳ ସେବାସଂଘ ର ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, ଅନ୍ୟାନ୍ୟ କର୍ମକର୍ତ୍ତା ବୃନ୍ଦ ଯଥା ଅଶୋକ ପ୍ରଧାନ(କ), କ୍ଷୀରୋଦ ପାତ୍ର,ଗଜେନ୍ଦ୍ର ସାମନ୍ତ, ଅଭିରାମ ସୁତାର, ଅଶୋକ ପ୍ରଧାନ(ଖ), ଅଜୟ ପ୍ରଧାନ,ପଙ୍କଜ ମହାନ୍ତି, ରଙ୍କନିଧି ସାହୁ, ବିଜୟ ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, ଅମୂଲ୍ୟ ଓଝା, ସୁକାନ୍ତ ସାହୁ ଏବଂ ମନ୍ଦିରର ପରିଚାଳକ ରଶ୍ମି ରଞ୍ଜନ ବେହେରା ତଥା ସହ ପରିଚାଳକ ଶଶୀକାନ୍ତ ସାହୁ, ସଂଜୀ ଜେନା ଏବଂ ମନ୍ଦିର ର ପୂଜକ ସନାତନ ପାଢ଼ୀ, ଦେବ୍ରତ ମିଶ୍ର, ଜଗବନ୍ଧୁ ଦାଶ, ପ୍ରେମାନନ୍ଦ ଶତପଥି, ସନ୍ତୋଷ ପଣ୍ଡା ଓ ପ୍ରଶାନ୍ତ ଦାଶ ଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା।

# ବାଣୀ କଲ୍ୟାଣଙ୍କ ଜନ୍ମଦିନରେ ରକ୍ତଦାନ ଶିବିର ଅନୁଷ୍ଠିତ



ବାସୁଦେବପୁର, ୨୪/୨ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ସମାଜସେବୀ ବାଣୀ କଲ୍ୟାଣ ମହାନ୍ତି ଙ୍କ ୩୫ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୯୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ବାସୁଦେବପୁର ସାଇସେବା ମେଡିସିନ ଷ୍ଟୋର ର ନିର୍ଦ୍ଦେଶକ ବିଜୟ କୁମାର ଘଡ଼େଇ, ରାଧା ଗୋବିନ୍ଦ ପଟ୍ଟନାୟକ, ଲିଙ୍କୁନ ଦଳେଇ, ଉମାକାନ୍ତ ଢ଼ାଙ୍ଗୁଆ, ଅନାଦି ବେହେରା, ତାରାକାନ୍ତ ନାୟକ କାଳିଆ, ଦିଲୀପ, ଓ ବହୁ ଯୁବ ସମାଜ ସେବୀ ସଦସ୍ୟ ଯୋଗ ଦେଇ ଏହି ଶିବିର ରେ ରକ୍ତଦାନ କରିଥିଲେ ଓ ଶିବିର କୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ବିଜେଡିର ମିଶ୍ରଣ ପର୍ବ

ଲଙ୍ଗଳେଶ୍ୱର , ୨୪/୨ (ନି.ପ୍ର): ବିଜୁ ଜନତା ଦଳର ଏକ ମିଶ୍ରଣ ପର୍ବ ଶନିବାର ଲଙ୍ଗଳେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଆପାଳ ବ୍ଲକ ଶ୍ରୀରାମ ପୁର ପଞ୍ଚାୟତ ନାଏ୍ବ ସରପଞ୍ଚ ରିନତୀ ସାହୁ, ୱାର୍ଡ ମେମ୍ବର ଶାନ୍ତିଲତା ଦାସ, ଜୟନ୍ତୀ ସିଂ, ପରମା ନନ୍ଦ ଦେ, ସଦସ୍ୟା ସୁଲୋଚନା ଦଳାଇ, ସନ୍ଧ୍ୟା ରାଣୀ ଦାସ, ୱାର୍ଡ ମେମ୍ବର ଚାନ୍ଦ ବେଶ୍ରା, ସଞ୍ଜୀବ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କଂଗ୍ରେସ ଦଳ ଛାଡ଼ି ବିଜେଡି ରେ ଯୋଗ ଦେଲେ।ଏହି ମିଶ୍ରଣ ପର୍ବ ରେ ବିଜୁ ମହିଳା ଜନତା ଦଳ ରାଜ୍ୟ ସଭାପତି ସୁବାସିନୀ ଜେନା, ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର ଜେନା , ଶତ୍ରୁଘ୍ନ ମଲ୍ଲିକ ,ଜିଲ୍ଲା ପରିଷଦ ନିଶା କର ସେଠୀ, ବେଣୁ ଧର ଜେନା, ଦେବ କୁମାର ଦେ, ଅଶ୍ୱିନୀ କୁମାର ଜେନା , ଅଜୟ କୁମାର ସାମଲ, ମହେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତି ରହି ବିଜୁ ଜନତା ଦଳରେ ସାମିଲ କରିଥିଲେ। ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ରେ ଯୋଗ ଦେଲେ ବୋଲି କହିଛନ୍ତି।

# ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ମଦମୁକ୍ତ ଓଡିଶା ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର , ୨୪/୨ (ନି.ପ୍ର): ନିଶା ହଟାଅ, ଦେଶ ବଞ୍ଚାଅ ଅଭିଯାନକୁ ବ୍ୟାପକ କରିବାପାଇଁ ମିଳିତ ଓଡିଶା ନିବାରଣ (ମୋନା) ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଜଳେଶ୍ୱର ଦିଗାମ୍ବରୀ +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ଶ୍ୟାମାଚରଣ ଦାସ ସଭାପତିତ୍ୱ କରି ଦେଶରେ ୫ଟି ରାଜ୍ୟରେ ସଂପୂର୍ଣ୍ଣ ମଦବିକ୍ରୀ ସରକାର ନିଶିଦ୍ଧ କରିଥିବା ସଂପର୍କରେ କହିଥିଲେ । ସଂଗଠନର ରାଜ୍ୟ ସଂପାଦକ ସୁଭେନ୍ଦୁ ରାଉତରାୟ, ରାଜ୍ୟ ଉପସଭାପତି ଅର୍ଜୁନ ଚରଣ ସାମନ୍ତରାୟ, ସହ ସଂପାଦକ ମନମୋହନ ମିଶ୍ର, ମୟୂରଭଂଜ ଜିଲା ସଂପାଦକ ମାଧବୀ ସେନାପତି, ସସ୍ମିତା ପାତ୍ର, ପିତାମ୍ବର ଭୂୟାଁ ପ୍ରମୁଖ ଯୋଗ ଦେଇ ମଦ ସମସ୍ତ ଅପରାଧର ଜନନୀ ବୋଲି କହିଥିଲେ। ମଦ ବିକ୍ର ବନ୍ଦ ହେଲେ ଦେଶରେ ଥାନା ଓ ଡାକ୍ତରଖାନା ସଂଖ୍ୟା ଅଧା ହୋଇଥିବା ସଂପର୍କରେ ଯୁକ୍ତି ଉ ।ପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମତା ମଂଚର ସଭାପତି ଅଶୋକ ଜେନା,ସମାଜସେବୀ ଦିଲ୍ଲିପ ଗିରି, ଶିତାଂଶୁ ସେନାପତି ପ୍ରମୁଖ ଯୋଗ ଦେଇ ଯୁବ ପିଢି ଜାଗ୍ରତ ଓ ସଚେତନ ହେଲେ ଦେଶ ନିଶାମୁକ୍ତ ହୋଇ ପାରିବ ବୋଲି କହିଥିଲେ । ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଆମ୍ବେଦକର ସମତା ମଂଚ ପକ୍ଷରୁ ଆୟୋଜନ କରାଯାଇଥିଲା ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ, ୨୪/୨ (ନି.ପ୍ର): ନେହେରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ଠାରେ ଭୋଟର ସଚେତନତା କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇ ଅଛି। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବରେ ବିଏସି ନର୍ସିଂ କଲେଜର ଅଧ୍ୟାପକ ମିତାଞ୍ଜଳି ରଥ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଦେବାଶିଷ ମିଶ୍ର, ଝରଣା ପଟ୍ଟନାୟକ, ସଙ୍ଗୀତା ବେହେରା, ନିବେଦିତା ପଟ୍ଟନାୟକ, ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ଜିଲ୍ଲା ଯୁବ ଅଧିକାରୀ ନଭନିତ କୁମାର ସହକର୍ମି ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମକୁ କଲେଜର ଦୁଇସହରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟଲକ୍ଷ୍ୟ ହେଲା ୧୮ ବର୍ଷ ହୋଇଥିବା ସମସ୍ତ ନୂଆ ଭୋଟରମାନଙ୍କୁ ଭୋଟ ଦେବା ପାଇଁ କୁହାଯାଇଥିଲା। ମୁଖ୍ୟଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ନୂଆ ଭୋଟରମାନଙ୍କୁ ଅବଗତ କରାଇ ଥିଲେ। ବୈଠକରେ ନେହେରୁ ଯୁବକେନ୍ଦ୍ର ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟଅତିଥି ସମ୍ମାନୀତ ଅତିଥି ଓ ଉପସ୍ଥିତ ନୂଆ ଭୋଟରମାନଙ୍କୁ ସ୍ୱାଗତ କରିଥିବାବେଳେ ସ୍ୱେଚ୍ଛାସେବୀ ଦିଗ ବିଜୟୀ ପ୍ରଧାନ ଧନ୍ୟ ବାଦ ଅର୍ପଣ କରି ସଭା ଭଙ୍ଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି



# ନୀଳଗିରିରେ ବିଭିନ୍ନ ସ୍ଥାନରେ ଅବକାରୀ ଚଢଉରେ ବିପୁଳ ପରିମାଣର ଦେଶୀମଦ ଜବତ ସହ ପୋଚ ନଷ୍ଟ



ନୀଳଗିରି , ୨୪/୨ (ନି.ପ୍ର): ନୀଳଗିରି ଉପଖଣ୍ଡରେ ଅବକାରୀ ଚଢ଼ାଉରେ ବିପୁଳ ପରିମାଣର ଦେଶୀମଦ ଜବତ କରିବା ସହ ପ୍ରାୟ ଦଶହଜାରରୁ ଅଧିକ ପରିମାଣର ମହୁଲଫୁଲର ପୋଚ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ନୀଳଗିରି ତହସିଲଦାର, ନୀଳଗିରି ପୋଲିସ, ନୀଳଗିରି ଅବକାରୀ ବିଭାଗ ଏବଂ ରେଞ୍ଜ, ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାର୍ଡର ମିଳିତ ଚଢାଉରେ ନୀଳଗିରି ଥାନା ଅନ୍ତର୍ଗତ ସିଆଡିମାଳ ଏବଂ ପୁଦାଳ ବରହମପୁର ଥାନା ଅଧୀନସ୍ଥ କୁଞ୍ଜିବଣିଆ ଗ୍ରାମରେ ଅତର୍କିତ ଚଢ଼ାଉରେ ୧୫୦୬ ଲିଟର ଦେଶୀମଦ ଜବତ କରିବା ସହ ୧୦୭୮୦ ଲିଟର ପୋଚ ନଷ୍ଟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏନେଇ ନୀଳଗିରି ପୋଲିସ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଥିବା ବେଳେ ନୀଳଗିରି ଅବକାରୀ ବିଭାଗ, ନୀଳଗିରି ରେଞ୍ଜ ଏବଂ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ତରଫରୁ ଅନ୍ୟ ତିନିଗୋଟି ମାମଲା ରୁଜୁ କରାଯାଇଛି। ଘଟଣାରେ ଦୁଇଜଣ ପୁରୁଷ ଲୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ନୀଳଗିରି ରେଞ୍ଜ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ, ମୋବାଇଲ ଇନ୍ସପେକ୍ଟର ହରିହର ସିଂ, ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା, ମୋବାଇଲ ଇନ୍ସପେକ୍ଟର ଭକ୍ତ ଚରଣ ସ୍ୱାଇଁ, ସୋର ଓଆଇସି ସନ୍ତୋଷ ସ୍ୱାଇଁ, ଖଇରା ଓଆଇସି ସୁରଜ କୁମାର ତିଗା, ଗୋପାଳପୁର ଓଆଇସି ସତ୍ୟ ସୁନ୍ଦର ମଲ୍ଲିକ, ମୋବାଇଲ ଏଏସଆଇ ମଙ୍ଗଲ ସିଂ, ନୀଳଗିରି ପୋଲିସ ଏଏସଆଇ ଅନନ୍ତ ମୁର୍ମୁଙ୍କ ସହିତ ଏପିଆର ଫୋର୍ସ ଏବଂ ଅବକାରୀ ବିଭାଗର କର୍ମଚାରୀ ମାନେ ସାମିଲ ଥିଲେ।

# ବସ୍ତାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ପରେ ଚାରିଆଡୁ ଶୁଭେଚ୍ଛାର ସୁଅ : ମାତ୍ର କାର୍ଯ୍ୟକାରୀ ନେଇ ଆଶଙ୍କାରେ ବସ୍ତାବାସୀ

ବସ୍ତା, ୨୪/୨ (ନି.ପ୍ର): ଦୀର୍ଘଦିନ ଧରି ବସ୍ତା କୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ପାଇଁ ବିଭିନ୍ନ ମହଲରୁ ଦାବି ଜୋର୍ ଧରିଥିଲା। ଏହାକୁ ବିଚାର କରି ରାଜ୍ୟ ସରକାର ଆଜି ବସ୍ତା କୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିବା ଦେଖିବାକୁ ମିଳିଛି। ଆଉ ସରକାରଙ୍କ ଏହି ଘୋଷଣା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ବସ୍ତାରୁ ପୂର୍ବରୁ ବସ ଷ୍ଟାଣ୍ଡ ,ମୁକ୍ତାକାଶ କାରାଗାର, ଆଦର୍ଶ ବିଦ୍ୟାଳୟ, ରାଜ୍ୟ ସ୍ତରୀୟ ମାଛ ହବ ଏମିତି ବହୁ ପ୍ରକଳ୍ପ ଘୋଷଣାରେ ସୀମିତ ଥିବା ବେଳେ ବିଜ୍ଞାପିତ ପରିଷଦ ଘୋଷଣା ରେ ନରହି କାର୍ଯ୍ୟକାରୀ ହେଉ ବୋଲି ସାଧାରଣ ଲୋକ ଏବଂ ବିଭିନ୍ନ ମହଲରୁ ପ୍ରକାଶ ପାଇଛି। ତେବେ ବର୍ତ୍ତମାନ ସ୍ଥିତିରେ ବସ୍ତା ବ୍ଲକ୍ ପତ୍ର ଝାଡା ପଞ୍ଚାୟତ ର ଦୁଇଟି, ବ୍ରାହ୍ମଣଦା ପଞ୍ଚାୟତ ର ଦୁଇଟି, ମ୍ହାର୍ଦ୍ଦା ପଞ୍ଚାୟତ ଦୁଇଟି ଗ୍ରାମ ସହିତ ସଦାନନ୍ଦପୁର୍ ପଞ୍ଚାୟତ ର ସମସ୍ତ ଗ୍ରାମ ଏହି ବିଜ୍ଞାପିତ ପରିଷଦ ରେ ରହିବା ନେଇ ପ୍ରସ୍ତାବ ଗୃହୀତ ହୋଇଛି। ପୂର୍ବରୁ ସରକାରୀ ସ୍ତରରେ ଦୁଇ ଦଶନ୍ଧି ଧରି ଏନ୍ ଏସି ଦାବି ହୋଇଆସୁଥିବା ବେଳେ ସରକାର ବିଳମ୍ବରେ ହେଲେ ମଧ ଘୋଷଣା ଲୋକଙ୍କୁ ସାମାନ୍ୟ ଅସ୍ୱସ୍ତି ଦେଇଛି। ଅନ୍ୟ ପକ୍ଷରେ ବସ୍ତା ବିଜୁଜନତା ଦଳ ଏହି ଘୋଷଣା କୁ ଲୋକଙ୍କ ଭିତରେ ଉଜ୍ଜୀବିତ କରିବାପାଇଁ ଆଜି ସରକାରୀ ସ୍ତରରେ ଘୋଷଣା ପରେ ସଦାନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଏକ ସଭାଯାତ୍ର ରେ ବାହାରି ବସ୍ତା ବଜାର ପରିକ୍ରମା କରିଥିଲେ।ତେବେ ସରକାର ଙ୍କ ନିଷ୍ପତି ଏବଂ ଘୋଷଣାକୁ ସ୍ୱାଗତ କରୁଥିବା ବେଳେ ପୂର୍ବରୁ ଭୋଗରାଇ କୁ ଏନ୍ ଏସି ଘୋଷଣା କରିଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ଷମ ହୋଇନାହିଁ। ସେହି ଭଳି ଖାଲି ଘୋଷଣା ନୁହଁ ରୂପାନ୍ତରିତ ହେଲେ ଲୋକ ଉପକୃତ ହେବେ ବୋଲି ବିଜେପି ଯୁବ ନେତା ରବୀନ୍ଦ୍ର ଜେନ ପ୍ରକାଶ କରିଛନ୍ତି। ସେହି ଭଳି ସରକାର ଙ୍କ ନିକଟରେ ପୂର୍ବରୁ ଆମେ ବାରମ୍ବାର ଦାବି ଉପସ୍ଥାପିତ କରିଆସୁଥିଲେ ଆଜି ସରକାରଙ୍କ ଘୋଷଣା ବସ୍ତା ବାସୀଙ୍କ ପ୍ରମୁଖ ଦାବିକୁ ପୂରଣ କରିଥିବା ବସ୍ତା ବ୍ଲକ୍ ବିଜୁ ଜନତା ଦଳ ସଭାପତି ଅନିଲ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ବସ୍ତାରୁ ମୁକ୍ତାକାଶ କାରାଗାର, ଆଦର୍ଶ ବିଦ୍ୟାଳୟ, କଲେଜ,ମାଛ ମାର୍କେଟ ଘୋଷଣା ରେ ସୀମିତ ରହିଛି। ବ୍ଲକରେ ୩୧ ପଞ୍ଚାୟତ ରହିଥିବା ବେଳେ ସେଗୁଡ଼ିକର ସଠିକ୍ ବିକାଶ ହେବା ଭଳି ମନେ ହେଉନାହିଁ। ବାକି ନିର୍ବାଚନ ସମୟ ରେ ସରକାରଙ୍କ ଘୋଷଣା ଲୋକଙ୍କ ପାଇଁ ଭେଳିକି ନହେଉ ବୋଲି କଂଗ୍ରେସ ନେତା ସୁଧାଂଶୁ ଶେଖର ଜେନା ପ୍ରକାଶ କରିଛନ୍ତି।

# ବାରିପଦା ଷ୍ଟାଡିୟମର ଉନ୍ନତିକରଣ ପାଇଁ ଆଭାସୀ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ବାରିପଦା , ୨୪/୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ବାରିପଦା ଷ୍ଟାଡିୟମର ଉନ୍ନତିକରଣ ପାଇଁ ଆଭାସୀ ଉଦଘାଟନ କଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୟୁରଭଞ୍ଜ ଆଶିଷ ଠାକରେ, ପୂର୍ବତନ ଉପ ବାସସ୍ବତି ସାନନ୍ଦ ମାର୍ଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡଃ ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଛତିଶ ଧଳ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ଅମର କୁମାର ସେଠି, ଅମ୍ବିକା ରାଉତ, ପ୍ରସନ୍ନଜିତ ମହାନ୍ତି, ହର ପ୍ରସାଦ ପାତ୍ର । ଗଣମାଧମ ସଂଯୋଜକ ସୋମନାଥ ସିଂହଙ୍କ ସମେତ ଓଡିଶା ଭଲିବଲ ଏସୋସିଏସନର ଉପ ସଭାପତି ମନୋରଞ୍ଜନ ଜୀଉ, ଓଡିଶା ବୋକ୍ସିଂ ଏସୋସିଏସନର ସହ ସମ୍ପାଦକ ବିଜୟ ଚନ୍ଦ୍ର ଦାସ, ବରିଷ୍ଠ ଖେଳାଳି ତଥା ସିନେ ତାରକା ଅସିତ ପତି, ପୂର୍ବତନ କୋଚ କୁମାର ରଞ୍ଜନ ପଣ୍ଡା, ବାରିପଦା ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଭିନ୍ନ ୱାର୍ଡର କାଉନସିଲର ସମେତ ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ନୂତନ ଜିଲ୍ଲାପାଳ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସଭାପତି ଆଶିଷ ଠାକରେଙ୍କୁ ଏସୋସିଏସନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ପ୍ରକାଶ ଥାଉକି ବାରିପଦା ଷ୍ଟାଡିୟମର ଉନ୍ନତିକରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ୧ କୋଟି ୯୬ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତ। ଚଳିତ ମାସ ୨୭ ତାରିଖ ଦିନ ଷ୍ଟାଡିୟମରେ ନିର୍ମିତ ୬ଟି ଟର୍ଫ ଉଇକେଟ ସହ ଜିଲ୍ଲା କ୍ରିକେଟ ଏକାଡେମୀର ଶୁଭାରମ୍ଭ ପାଇଁ ଆଭାସୀ ଉଦଘାଟନ ମାନ୍ୟବର ମୁଖ୍ୟମନ୍ତ୍ରୀ କରିବେ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ଜଣାଇଛନ୍ତି ।

# ଦିନ ଦ୍ୱିପ୍ରହରରେ କନକନା ବୁଲାଇଲେ : ୧୫ଭରି ସୁନା ଗହଣା ସହିତ ନଗଦ୨୦ହଜାର ଟଙ୍କା ଚୋରି



ଜଳେଶ୍ୱର , ୨୪/୨ (ନି.ପ୍ର): ଜଳେଶ୍ୱର ରେଳ ଷ୍ଟେସନ ପୂର୍ବପଟେ ପଥରପୁରାର ମାଲାଗୋଦାମ ଅଂଚଳରେ ହରେନ୍ଦ୍ର ନାଥ ବେହେରା ପତ୍ନି ଓ ପୁତ୍ର ସହ ନିଜଘରେ ରହି ଆସୁଥିଲେ। ସ୍ୱାମୀ, ସ୍ତ୍ରୀ ଉଭୟେ ଶିକ୍ଷକ ଥିବାରୁ ଆଜି ଶନିବାର ସକାଳସ୍କୁଲ ହେତୁ ସକାଳ ୬ଟାରେ ଘରୁ ବିଦ୍ୟାଳୟକୁ ଚାଲି ଯାଇଥିଲେ । ଏକମାତ୍ର ପୁତ୍ର ଆଦର୍ଶ ବିଦ୍ୟାଳୟକୁ ୯ଟାରେ ବାହାରି ଗଲାବେଳେ ମୁଖ୍ୟ କବାଟ ଓ ପାଚେରୀ ଗେଟଥରେ ଚାବି ପକାଇ ଯାଇଥିଲେ । ଉଭୟେ ସ୍ୱାମୀ, ସ୍ତ୍ରୀ ଦିନ ୧ଟାରେ ବିଦ୍ୟାଳୟରୁ ଫେରି ସବୁ ଚାବି ଭଂଗାଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରେ ଆଲମାରୀ ଓ ବାକ୍ସ ଭାଂଗି ୧୫ ଭରିରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ଓ ନଗଦ ୨୦ହଜାର ଟଙ୍କା ଚୋରୀ ସହିତ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ଦୁବୃତ୍ତମାନେ ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି ।

# ମାର୍ଚ୍ଚ ମାସରେ ୧୪ ଦିନ ବନ୍ଦ ରହିବ ବ୍ୟାଙ୍କ

ନୂଆଦିଲ୍ଲୀ, ୨୪/୨ (ନି.ପ୍ର): ଆଗାମୀ ସପ୍ତାହରେ ଫେବୃଆରୀ ମାସ ଶେଷ ହେବ ଏବଂ ଏହାପରେ ମାର୍ଚ୍ଚ ମାସ ଆରମ୍ଭ ହେବ । ପର୍ବ ଓ ଉତ୍ସବ ଦୃଷ୍ଟିରୁ ମାର୍ଚ୍ଚ ମାସ ପ୍ରମୁଖ ଅଟେ । ମାର୍ଚ୍ଚ ମାସରେ ମହାଶିବରାତ୍ରି ସହିତ ରଙ୍ଗର ପର୍ବ ହୋଲି ଏହା ସହିତ ଗୁଡ୍ ଫ୍ରାଇଡେ ମଧ ଏହି ମାସରେ ପଡୁଛି । ଏହି ଉତ୍ସବ ଓ ପର୍ବ କାରଣରୁ ମାର୍ଚ୍ଚ ମାସରେ ୩୧ ଦିନରୁ ୧୪ ଦିନ ବ୍ୟାଙ୍କ ଛୁଟି ରହିବ । ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି ହୋଇଥିବା ଛୁଟିର ସୂଚୀ ମୁତାବକ, ୫ ରବିବାର ସାପ୍ତାହିକ ଛୁଟି ରହିଛି । ଦ୍ୱିତୀୟ ଓ ଚତୁର୍ଥ ଶନିବାର ମଧ ଛୁଟି ରହିବ। ଏହା ବ୍ୟତୀତ ମାର୍ଚ୍ଚ ୨୫ ତାରିଖ ରଙ୍ଗର ପର୍ବ ହୋଲି ଅବସରରେ ବ୍ୟାଙ୍କ ଛୁଟି ରହିବ ।

# ଶିଶୁ ଯତ୍ନ ଅନୁଷ୍ଠାନରେ ଜୀବନ କୌଶଳ ଓ ଧଳାମୂଳକ ଶିକ୍ଷା ସାମିଲ କର୍ମଶାଳା



ଭୁବନେଶ୍ୱର, ୨୪/୨ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ତରଫରୁ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଶିଶୁ ଯତ୍ନ ଅନୁଷ୍ଠାନରେ ଜୀବନ କୌଶଳ ଓ ଧଳା ମୂଳକ ଶିକ୍ଷା ସାମିଲ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ଜିଲ୍ଲାରେ ପଞ୍ଜୀକୃତ ୯ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବସୀ ଓ କର୍ମକର୍ତ୍ତାମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଯୋଗିରଷି ଲଛମନ ଦାସ ଶିଶୁ ଆଶ୍ରମ, ଉତ୍କଳମଣି ଦରିଦ୍ର ନାରାୟଣ ସେବାଶ୍ରମ, ମହାପୁରୁଷ ଆଶ୍ରମ, ଶାନ୍ତିଆଶ୍ରମ, ଆସିୟାନା ମୁକ୍ତାଶ୍ରୟ କେନ୍ଦ୍ର, ମାନବସେବା କନ୍ୟାଶ୍ରମ, ଫେଲେସିପ ଓ ବାତ୍ସଲ୍ୟ ଶିଶୁ ଯତ୍ନଅନୁଷ୍ଠାନ ସାମିଲ ଥିଲେ। ଉକ୍ତ କର୍ମଶାଳାରେ ବିଷୟ ବିଷାରଦ ରୂପେ ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟା ସିଂ ଯୋଗଦାନ କରି ଜୀବନ କୌଶଳର ବିଭିନ୍ନ ଦିଗ ଓ ଧଳାମୂଳକ ଶିକ୍ଷା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ତେବାସୀ ମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଜୀବନ କୌଶଳ କିପରି ଜୀବନ ମାର୍ଗରେ ସହାୟ ହୁଏ ଏବଂ ପ୍ରଭାବ ପକାଇଥାଏ। ତାହା ଆଲୋଚନା ହୋଇଥିଲା ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାଶିଶୁ ମଗଂଳ ସମିତିର ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀ, ସମ୍ମାନୀତ ଅତିଥି ରୂପେ ପ୍ରାକ୍ତନ ଶିଶୁ ସୁରକ୍ଷା ଅଧିକାରୀ ପଦ୍ମନରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ଶିଶୁମଙ୍ଗଳ କମିଟିର ସଦସ୍ୟ ନବୀନ ଚନ୍ଦ୍ର ସାହୁ, ଅମର କୁମାର ବାରିକ ଯୋଗଦାନ କରି ଜୀବନ କୌଶଳର ଉପଯୋଗିତା ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାରମ୍ଭିକ ସୂଚନା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର ଆନୁଷ୍ଠାନିକ ଅଧିକାରୀ ବିଶନାରାୟଣ ପଣ୍ଡା ପ୍ରଦାନ କରିଥିବା ବେଳେ ୟୁନିଟ୍ର ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ବାହ୍ୟକର୍ମୀ ମହେଶଚନ୍ଦ୍ର ଦାଶ, ସୁବ୍ରତ ଦାସ, ଦମୟନ୍ତୀ ଦାଶ, ଚିନ୍ମୟ ପଣ୍ଡା ସମେତ ଶିଶୁ ଯତ୍ନ ଅନୁଷ୍ଠାନର ସସ୍ମିତାନାୟକ, କାଦମ୍ବିନୀ ଯେନା, ଭାଗ୍ୟଶ୍ରୀ ମହାକୁଡ଼ ସମ୍ବିତ ମହାନ୍ତି, ଦିଗନ୍ତ ବେହେରା, ସୌମ୍ୟ ରଂଜନ ଦାସ, ଧନଞ୍ଜୟ ଜେନା, ଜ୍ୟୋତି ପ୍ରକାଶ ପତି ଯୋଗାମାୟା ଋନ୍ଦ, ସ୍ୱର୍ଣ୍ଣଦେବ ପାତ୍ର, ଆକାଶ ଚନ୍ଦ୍ର ପୃଷ୍ଟି, ତଥାଗତ ଜେନା, ସମେତ ରିୟାଜ ଅହମ୍ମଦ, ପରିଋଳନାରେ ସହଯୋଗ କରିଥିଲେ ସଂପାଦକ ଅଶୋକ ଦାସ, ଦଶରଥ ମହାକୁଡ଼ ଉପସ୍ଥିତ ଥିଲେ। ପରିଶେଷରେ ଶିଶୁ ସୁରକ୍ଷା ଶାଖାର ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲେ।

# ପଶ୍ଚିମବଙ୍ଗ ବିଜେପି ନେତା ସୁକାନ୍ତ ଓ ଶୁଭେନ୍ଦୁଙ୍କୁ ଦିଲ୍ଲୀ ଡାକରା

କୋଲକାତା, ୨୪/୨ : ସନ୍ଦେଶଖାଲି ଉପରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିବାକୁ ପଶ୍ଚିମବଙ୍ଗର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଶନିବାର ଦିଲ୍ଲୀ ଗସ୍ତ କରିବେ । ତାଙ୍କ ସହ ସୁକାନ୍ତ ମଜୁମଦାର ମଧ ଯିବେ । ଏନେଇ ଜଣେ ସ୍ଥାନୀୟ ନେତା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଉଭୟେ ନେତା ବିଳମ୍ବିତ ସନ୍ଧ୍ୟାରେ ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ସାକ୍ଷାତ କରିବେ । ବୈଠକରେ ସନ୍ଦେଶଖାଲିର ପରିସ୍ଥିତି ବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗାମୀ ପଶ୍ଚିମବଙ୍ଗ ଗସ୍ତ ଉପରେ ଚର୍ଚ୍ଚା ହୋଇପାରେ ।

# ଇଫ୍‌କୋ ପରିସରରେ ଦୁର୍ଘଟଣା ମୁକ୍ତ ଶିଳ୍ପ ସୁରକ୍ଷା କର୍ମଶାଳା





ପାରାଦୀପ, ୨୪/୨ : ପାରାଦୀପସ ଇଫକୋ ପରିସରରେ ଦୂର୍ଘଟଣା ମୁକ୍ତ ଶିଳ୍ପ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଫ୍ୟାକ୍ଟ୍ରି ଆଣ୍ଡ ବ୍ୱୟଲରସ୍ ନିର୍ଦ୍ଦେଶକଙ୍କ ପକ୍ଷରୁ ଆୟୋଜିତ ଏହି ଦିନିକିଆ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶ୍ରମ ଓ ଇଏସଆଇ ବିଭାଗ କମିଶନର ଆର.ଏସ୍. ଗୋପାଳନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫ୍ୟାକ୍ଟ୍ରି ଆଣ୍ଡ ବ୍ୱୟଲରସ୍ ବିଭାଗର ଉପ ନିର୍ଦ୍ଦେଶକ ଡ.ମଳୟ କୁମାର ପ୍ରଧାନ ଓ ମନୋଜ କୁମାର ପଣ୍ଡା, ସହକାରୀ ଫ୍ୟାକ୍ଟ୍ରି ଆଣ୍ଡ ବ୍ୱୟଲରସ୍ ଚନ୍ଦ୍ରକାନ୍ତ ଦଳେଇ, ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ସମେତ ପାରାଦୀପର ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ। ଶିଳ୍ପ ସଂସ୍ଥା ମଧ୍ୟରେ ସୁରକ୍ଷା ଓ ଦୁର୍ଘଟଣା ମୁକ୍ତ ରଖିବା ପାଇଁ ସମସ୍ତ ପଦକ୍ଷେପ ନେବାକୁ ଅତିଥିମାନେ ପରାମର୍ସ ଦେଇଥିଲେ। ଶେଷରେ ଅନ୍ୟତମ ସହକାରୀ ଫ୍ୟାକ୍ଟ୍ରି ଆଣ୍ଡ ବ୍ୱୟଲରସ୍ କଟକ ଜୋନ୍-୧ ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ





ବାଲେଶ୍ୱର, ୨୪/୨ (ନି.ପ୍ର): ମିଳିବ ସମ୍ମାନ, ବଢିବ ଉତ୍ସାହ, ଆଣିବ ଆଗ୍ରହ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ଏହି ଆହ୍ୱାନରେ ବାଲେଶ୍ୱରସ୍ଥିତ ପଦ୍ମାବତୀ ପାର୍କଠାରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକାଗ୍ରତା, କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସକୁ ପାଥେୟ କରିପାରିଲେ ଜଣେ ନିଶ୍ଚୟ ବଡ଼ ମଣିଷ ହୋଇପାରିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ ଓ ମାନ୍ୟବର ବିଧାୟକ ବାଲେଶ୍ୱର ସଦର ଶ୍ରୀଯୁକ୍ତ ସ୍ୱରୂପ ଦାସ, ମାନ୍ୟବର ବିଧାୟକ ସିମୁଳିଆ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଉପଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଓ ପୂର୍ବତନ କୁଳପତି, ଏଫ.ଏମ ବିଶ୍ୱବିଦ୍ୟାଳୟ ପ୍ରଫେସର ମଧୁମିତା ଦାସ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ଶିକ୍ଷା କମିଟି ତଥା ସରପଞ୍ଚ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଞ୍ଜରୀ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୧୮୨ ଜଣଙ୍କୁ ଜିଲ୍ଲାସ୍ତରୀୟ ଛାତ୍ର ପୁରସ୍କାର, ୧୨୭୪ ଜଣଙ୍କୁ ବ୍ଲକସ୍ତରୀୟ ଛାତ୍ର ପୁରସ୍କାର, ୯୪୫ ଜଣଙ୍କୁ ଲିଡରସିପ ପୁରସ୍କାର, ୩୫ ଉଚ୍ଚ ମାଧମିକ ବିଦ୍ୟାଳୟ ପୁରସ୍କାର, ୨୯ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର, ୫ ଗ୍ରାମ ପଞ୍ଚାୟତ ପୁରସ୍କାର, ୧୦ ପୁରାତନ ଛାତ୍ରଛାତ୍ରୀ ପୁରସ୍କାର, ୧୨ ଏସ.ଏମ.ସି କମିଟି, ୮ ଉଚ୍ଚ ମାଧମିକ ସ୍ତରୀୟ ପ୍ରଧାନ ଶିକ୍ଷକ ପୁରସ୍କାର ତଥା ୧୨ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ଶିକ୍ଷକ ପୁରସ୍କାର ସମେତ ମୋଟ ୨୫୧୯ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଓ ମଞ୍ଚାସୀନ ଅତିଥି ମାନେ ପୁରସ୍କାର ବିତରଣ କରିବା ସହ ଛାତ୍ରଛାତ୍ରୀ ମାନଙ୍କର ସଫଳତା କାମନା କରିଥିଲେ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରାଚୀ ତନୟା ଗିରି, ଶ୍ରୀଯୁକ୍ତ ପବିତ୍ର ମୋହନ ବାରିକ ଓ ଶ୍ରୀଯୁକ୍ତ ଧରଣୀଧର ପାତ୍ର ସମେତ ସମସ୍ତ ବିଇଓ, ଏବିଇଓ, ସିଆରସିସି, ଶିକ୍ଷକ, ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ଓ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସଙ୍ଗୀତ ପରିବେଷଣ କରିଥିବା ବେଳେ ସେମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା । ସୂଚନା ଯୋଗ୍ୟ କି, ରାଜ୍ୟର ୩୦ଟି ଜିଲ୍ଲା ଭିତରୁ ଶିକ୍ଷାକ୍ଷେତ୍ରରେ ଅନବଦ୍ୟ ଅବଦାନ ପାଇଁ ବାଲେଶ୍ୱର ଜିଲ୍ଲାକୁ ଶ୍ରେଷ୍ଠ ଜିଲ୍ଲା ବିଭାଗରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି ।

# ରୋଟାରୀର ୧୧୯ ତମ ଜୟନ୍ତୀ ପାଳନ





ଉଦଳା , ୨୪/୨ (ନି.ପ୍ର): ରୋଟାରୀ କ୍ଲବର ୧୧୯ ତମ ଜୟନ୍ତି ପାଳନ ଅବସରରେ ଉଦଳା ଠାରେ ସ୍ଥାନିୟ ସନ୍ଧାନଗୃହ ପରିସରରେ ଚଳିତ ଫେବୃଆରି ୨୩ ଓ ୨୪ ତାରିଖ ଦୁଇ ଦିନଧରି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଦିର୍ଘ ୧ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିବା ବେଳେ ରକ୍ତର ସବୁ ପ୍ରକାର ପରୀକ୍ଷା ମଧ ଏହି ଶିବିରରେ ମାଗଣାରେ କରାଯିବାର ବ୍ୟବସ୍ଥା କରାଯାଇଥିଲା । ଉଦଳା ରୋଟାରୀ କ୍ଲବର ପ୍ରତିଷ୍ଠାତା ଇଂ. ସୁବାଷ ପଣ୍ଡା , ବିଜ୍ଞାପିତ ଅଂଚଳ ପରିଷଦ, ଉଦଳାର ନଗରପାଳ ପ୍ରମିଳା ପଣ୍ଡା, ଉପଖଣ୍ଡ ସରକାରୀ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡ଼ା. ଲକ୍ଷ୍ମିକାନ୍ତ ପତି, ଇନରହୁଇଲର ପ୍ରାକ୍ତନ ସଭାପତି ରାଜଲକ୍ଷ୍ମୀ ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହାପରେ କ୍ଲବର ସଭାପତି ମନୋରଂଜନ ପାଢ଼ି, ଉପସଭାପତି ଅଜୟ କୁମାର ବେହେରା, ସମ୍ପାଦକ ଶୁଶାନ୍ତ କୁମାର ପଟ୍ଟନାୟକ, ପ୍ରାକ୍ତନ ସଭାପତି ଅଶୋକ ମହାନ୍ତି, ଡ଼ା. ଶଚିଦାନନ୍ଦ ପରିଡ଼ା, ଚିତରଂଜନ ବାରିକ, ପ୍ରେମଲତା ପଣ୍ଡା ପ୍ରମୁଖ ସେବା କ୍ଷେତ୍ରରେ ସମଗ୍ର ପୃଥିବୀରେ ରୋଟାରୀ କିପରି ବିପ୍ଲବାତ୍ମକ ପରିବର୍ତନ ଆଣିପାରିଛି ସେ ସମ୍ପର୍କରେ ବସ୍ତୃତ ବର୍ଣ୍ଣନା କରିଥିଲେ । ଏପରିକି ବିଶ୍ୱକୁ ପୋଲିଓ ମୁକ୍ତ କରିବାରେ ରୋଟାରୀର ଅବଦାନ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହାପରେ ଡ଼ା. ଭାଗବତ ବେହେରା , ଡ଼ା. ମହେଶ୍ୱର ଦାସ ଓ ଡ଼ା. ପ୍ରଣବ ପ୍ରିୟଦର୍ଶୀ ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଓ ବ୍ୟବସ୍ଥାପତ୍ର ପ୍ରଦାନ କରିଥିଲେ । ବହୁ ସଂଖ୍ୟାରେ ମଧୁମେହ ରୋଗୀ ଏହି ଶିବିରରେ ରକ୍ତ ପରୀକ୍ଷା କରିବା ସହ ଡ଼ାକ୍ତରଙ୍କ ପରାମର୍ଶ ନେଇଥିଲେ। ଦିପକ କୁମାର ଦାସ, ବ୍ରହ୍ମାନନ୍ଦ ନାୟକ, ପ୍ରୟଦର୍ଶନୀ ମହାନ୍ତି ଶିବିର ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଦିଲିପ ପାଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo